76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୬ବର୍ଷ ❑ ସଂଖ୍ୟା-୨୫୪ ● କଟକ ● ରବିବାର ● ୩୦ ଅପ୍ରେଲ-୨୦୨୩ ● ମେଷ ୧୬ ● ସାଲ୍ ୧୪୩୦
CUTTACK ● SUNDAY ● 30 APRIL-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## ଭ୍ରଷ୍ଟାଚାରକୁ ବିରୋଧ କରିବାରୁ ଗାଳି ଶୁଣୁଛି: ପ୍ରଧାନମନ୍ତ୍ରୀ



ବିଦର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି କହିଛନ୍ତି ସାଧାରଣ ଲୋକଙ୍କ ସମସ୍ୟାରେ ସ୍ୱର ଉଠାଉଥିବା, ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଏବଂ ସ୍ୱାର୍ଥପର ରାଜନୀତିକୁ ପ୍ରହାର କରୁଥିବା ବ୍ୟକ୍ତିଙ୍କୁ କଂଗ୍ରେସ ଘୃଣା କରେ। ଏହି ନିର୍ବାଚନରେ ମଧ୍ୟ କଂଗ୍ରେସ ମୋତେ ପୁନର୍ବାର ଦୁର୍ବ୍ୟବହାର କରିବା ଆରମ୍ଭ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ କଂଗ୍ରେସ ଲୋକମାନେ ମୋତେ ୯୧ଥର ଦୁର୍ବ୍ୟବହାର କରିସାରିଛନ୍ତି। ମୁଖ୍ୟତଃ ଭ୍ରଷ୍ଟାଚାରକୁ ମୁଁ ବିରୋଧ କରିବାରୁ ଗାଳି ଶୁଣୁଛି । ଏହି ଅପବ୍ୟବହାରର ଅଭିଧାନରେ ସମୟ ନଷ୍ଟ କରିବା ପରିବର୍ତ୍ତେ ଯଦି କଂଗ୍ରେସ ସୁଶାସନରେ ପରିଶ୍ରମ କରିଥା'ନ୍ତା, ତା'ହେଲେ ଏପରି ତା'ର ଦୟନୀୟ ସ୍ଥିତି ହୋଇ ନ ଥାଆନ୍ତା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଭାଜପା କୋଟି କୋଟି ମା' ଓ ଭଉଣୀଙ୍କ ବ୍ୟାଙ୍କରେ ଖାତା ଖୋଲିଛି। ସରକାରୀ ସହାୟତା ଯେପରି ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ବ୍ୟବସ୍ଥା ମଧ୍ୟ କରିଛି। ବିନା ଗ୍ୟାରେଣ୍ଟିରେ କିପରି ଋଣ ମିଳିପାରିବ ସେ ବ୍ୟବସ୍ଥା କରିବା ସହିତ ମାଗଣା ରାଶନ ଯୋଗାଇ ଦେଉଛି ବୋଲି ମୋଦି କହିଛନ୍ତି। ଭାଜପା ଦେଶସେବା କାର୍ଯ୍ୟ କରୁଥିବାବେଳେ କଂଗ୍ରେସ କେବଳ ସମାଜକୁ ଭାଗ ଭାଗ କରିଛି। ଜାତି, ଧର୍ମ, ମତ ଏବଂ ବିଶ୍ୱାସ ଆଧାରରେ ଦେଶକୁ ବିଭକ୍ତ କରିଛି। ଶାସନ ଆଳରେ କେବଳ ତୁଷ୍ଟୀକରଣକୁ କଂଗ୍ରେସ ପ୍ରୋତ୍ସାହନ ଦେଇଛି। ଯେ ପର୍ଯ୍ୟନ୍ତ କର୍ନାଟକରେ କଂଗ୍ରେସ ସରକାର ଥିଲା, ଗରିବଙ୍କୁ ଆବାସ ଯୋଜନାକୁ ମନ୍ଥର କରିଥିଲା। କିନ୍ତୁ ଭାଜପାର ପୁଣି ଡବଲ ଇଞ୍ଜିନ ସରକାର ଆସିଲେ କର୍ନାଟକର ଗରିବ ପରିବାରଙ୍କୁ ୯ଲକ୍ଷ ପକ୍କା ଘର ମିଳିବ। ଭାଜପା ବିଦରରେ ଗରିବଙ୍କୁ ପ୍ରାୟ ୩୦ ହଜାର ପକ୍କା ଘର ଦେଇଛି। ଅର୍ଥାତ୍ ଆମେ ବିଦରର ୩୦ ହଜାର ଗରିବଙ୍କୁ ଲକ୍ଷପତି କରିଛୁ ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି ଯେ, କଂଗ୍ରେସ କେବେ ଗରିବଙ୍କ ସମସ୍ୟାକୁ ବୁଝିପାରି ନାହିଁ। ସେମାନେ କେବେ ଦାରିଦ୍ର୍ୟ ଦେଖିନାହାନ୍ତି। ଛତିଶଗଡ଼ ଏବଂ ରାଜସ୍ଥାନର ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି କଂଗ୍ରେସ ଏଯାଏଁ ପୂରଣ କରିନାହିଁ। ସେ ଅଞ୍ଚଳର ଆଖୁଚାଷୀ ଏବେ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି। କିନ୍ତୁ ଭାଜପା ସେମାନଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସମସ୍ୟାର ସମାଧାନ କରୁଛି ବୋଲି ମୋଦି କହିଛନ୍ତି।

## ରୋଜଭ୍ୟାଲିର ୨୫୦ କୋଟି ଟଙ୍କାର ସଂପତ୍ତି ଆଟାଚ କଲା ଇଡି

ଭୁବନେଶ୍ୱର (ପିପିଏସ୍):ଚିଟଫଣ୍ଡ ସଂସ୍ଥା ରୋଜଭ୍ୟାଲିର ୨୫୦ କୋଟି ଟଙ୍କାର ସଂପତ୍ତି ଆଟାଚ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଜବତ ହୋଇଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସଂପତ୍ତିକୁ ଆଟାଚ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ରୋଜଭ୍ୟାଲି ମାମଲାରେ ଏପର୍ଯ୍ୟନ୍ତ ମୋଟ ୧୧ ଶହ ୭୧ କୋଟି ଟଙ୍କାର ସଂପତ୍ତିକୁ ଇଡି ଆଟାଚ କରିସାରିଲାଣି। ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆଇନ ବଳରେ ରୋଜଭାଲି ବିରୋଧରେ ଏବେବି ଇଡି ତଦନ୍ତ ଜାରି ରଖିଛି। ପୂର୍ବରୁ ଏହି ମାମଲାରେ ରାଜନେତା ଓ ଚିଟଫଣ୍ଡ ସଂସ୍ଥାର ମୁଖ୍ୟଙ୍କ ସମେତ ଅନେକ ଲୋକଙ୍କୁ ଗିରଫ କରାଯାଇ ଜେରା କରାଯାଇଥିଲା। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ କୋଟି କୋଟି ଟଙ୍କାର ଠକେଇ କରିଥିଲା ଏହି ଚିଟଫଣ୍ଡ ସଂସ୍ଥା। ଅନ୍ୟପକ୍ଷରେ ଚିଟ୍‌ଫଣ୍ଡ ସଂସ୍ଥା ଲକ୍ଷ୍ୟ ଇଣ୍ଡିଆ ଲିମିଟେଡର ୭ କୋଟି ଟଙ୍କାର ସଂପତ୍ତି ଆଟାଚ କରିବାକୁ ବାଲେଶ୍ୱର ଓପିଆଇଡି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୬ ହଜାର ୭୧୫ ଜମାକାରୀଙ୍କଠାରୁ ୧୦ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲା ଏହି ଚିଟଫଣ୍ଡ ସଂସ୍ଥା। ୨୦୦୮ରୁ ୨୦୦୯ ମଧ୍ୟରେ ସଂସ୍ଥା ଜମାକାରୀଙ୍କଠାରୁ ଅର୍ଥ ସଂଗ୍ରହ ଲାଗି ଡିପୋଜିଟ ପ୍ଲାନ ଓ ସ୍କିମ୍ ଶୁଭାରମ୍ଭ




କରିଥିଲା। ପରେ ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକରେ ଜମାକାରୀଙ୍କଠାରୁ ଅର୍ଥ ହଡପ୍ ? କରିଥିଲା। ଖୋଲତାଡ୍ ପରେ ସଂସ୍ଥାର ୧୦ଟି ଆକାଉଣ୍ଟରେ ୭ କୋଟିରୁ ଅଧିକ ଟଙ୍କା ଜମା ଥିବା ଜଣାପଡିଥିଲା। ବାଲେଶ୍ୱର ଓପିଆଇଡି କୋର୍ଟ ଲକ୍ଷ୍ୟ ସଂସ୍ଥାର ସମ୍ପତ୍ତି ଆଟାଚ କରିବାକୁ ନିର୍ଦ୍ଦେଶ ଦେବା ସହ ଜମାକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ମଧ୍ୟରେ ଟଙ୍କା ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସମ୍ବଲପୁର ହିଂସା ଘଟଣା: ଦିନକ ପୂର୍ବରୁ ଚିଠି ଲେଖି ଏସ୍‌ପି ଓ ଗୃହ ବିଭାଗକୁ ସତର୍କ କରିଥିଲା ଗୁଇନ୍ଦା ବିଭାଗ

ଭୁବନେଶ୍ୱର: ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ହିଂସା ନେଇ ଗୁଇନ୍ଦା ରିପୋର୍ଟକୁ ଅଣଦେଖା କଲା କି ପୁଲିସ ? କାରଣ ସମ୍ଭାବ୍ୟ ହିଂସାକୁ ଦେଖି ଗୁଇନ୍ଦା ବିଭାଗ ପକ୍ଷରୁ ସମ୍ବଲପୁର ଏସପିଙ୍କ ସମେତ ଗୃହ ବିଭାଗକୁ ଚିଠି ଲେଖାଯାଇଥିଲା। ଚିଠିରୁ ସ୍ପଷ୍ଟ ହେଉଛି, ହିଂସା ନେଇ ଜିଲ୍ଲା ଏସପିଙ୍କୁ ଆଗୁଆ ସତର୍କ କରିଥିଲା ଗୁଇନ୍ଦା ବିଭାଗ। ସମ୍ବଲପୁର ଏସପିଙ୍କୁ ଚିଠି ଲେଖି ସୂଚନା ଦେଇଥିଲେ ଗୁଇନ୍ଦା ଏସପି। ୧୨ ତାରିଖରେ ଥିବା ରାଲି ନେଇ ୧୧ ତାରିଖରେ ଚିଠି କରିଥିଲେ। ସାଂପ୍ରଦାୟିକ ହିଂସା ଘଟିବା ସମ୍ଭାବନା ଥିବା ନେଇ ସତର୍କ କରାଇଥିଲେ। ହନୁମାନ ଜୟନ୍ତୀ ଶୋଭାଯାତ୍ରାର ତମାମ ରୁଟ୍ ଚାର୍ଟ ସହ ଶୋଭାଯାତ୍ରାକାରୀମାନେ ସ୍ଲୋଗାନବାଜି କରି ଯିବା ବେଳେ ରୁଟରେ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଅଧିକ ଲୋକ ବାସ କରୁଥିବା ଜଣାଇଥିଲେ। ଶୋଭାଯାତ୍ରା ସ୍ଲୋଗାନବାଜି ବେଳେ ହିଂସା ଘଟିପାରେ ବୋଲି ସତର୍କ କରିଥିଲେ।

ଏସପିଙ୍କୁ ଦେଇଥିବା ଚିଠିର କପି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ବି ଦେଇଥିଲେ ଗୁଇନ୍ଦା ଏସପି। ଆଇନଶୃଙ୍ଖଳା ଏଡିଜି, ସମ୍ବଲପୁର ରେଂଜ ଆଇଜିଙ୍କୁ ବି କପି ଦେଇଥିଲେ। ଆଇନଶୃଙ୍ଖଳା ଏଡିଜି, ସମ୍ବଲପୁର ରେଂଜ ଆଇଜିଙ୍କୁ ବି କପି ଦେଇଥିଲେ ବୋଲି ଚିଠିରୁ ହିଁ ସ୍ପଷ୍ଟ ଜଣାପଡୁଛି। ସୂଚନା ଥାଉକି, ଗତ ୧୨ ତାରିଖ ହନୁମାନ ଜୟନ୍ତୀ ବାଇକ୍ ? ଶୋଭାଯାତ୍ରା ବେଳେ ପଥର ମାଡ଼ ଓ ଏହା ପରବର୍ତ୍ତି ସମୟରେ ଘଟିଥିବା ହିଂସାକାଣ୍ଡ ଯୋଗୁ ସମ୍ବଲପୁରର ସହରର ମୋଟ ୬ଟି ଥାନାରେ କର୍ଫ୍ୟୁ ଲାଗିଥିଲା। ଏପର୍ଯ୍ୟନ୍ତ ୧୨ ତାରିଖ ହନୁମାନ ଜୟନ୍ତୀର ବାଇକ୍ ଶୋଭାଯାତ୍ରା ହିଂସାକାଣ୍ଡ ଘଟଣାରେ ୪୬ ଜଣ ଓ ୧୪ ତାରିଖ ହନୁମାନ ଜୟନ୍ତୀ ଦିନ ହିଂସାକାଣ୍ଡ ଘଟଣାରେ ୫୬ ଜଣଙ୍କୁ ଗିରଫ କରାଯାଇଛି ।

## ରାଜ୍ୟ ସରକାର ଝାରସୁଗୁଡାବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ବିଫଳ

ଭୁବନେଶ୍ୱର:ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଆଜି ସକାଳେ ବିଟିଏମ ଛକରେ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ଥାନୀୟବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସ୍ଥାନୀୟ ସମସ୍ୟା ସଂପର୍କରେ ସାଧାରଣ ଲୋକଙ୍କଠାରୁ ଅବଗତ ହୋଇଥିଲେ ରାଜ୍ୟ ସଭାପତି । ଝାରସୁଗୁଡାରେ ଏବେ ବି ଲୋକଙ୍କ ପାଖରେ ଘର ନାହିଁ, ଡ୍ରେନେଜ ନାହିଁ, ଘର ଉଚ୍ଛେଦ ହେଉଛି ଥଇଥାନ ନାହିଁ, ପ୍ରଦୂଷଣ କବଳରେ ସହର, ଡାକ୍ତରଖାନା ନାହିଁ କି ଡାକ୍ତର ନାହାନ୍ତି, ସ୍କୁଲ ନାହିଁ, ଶିକ୍ଷକ ନାହାନ୍ତି ଇତ୍ୟାଦି ସମସ୍ୟା ଦେଖାଦେଇଛି ।



ଝାରସୁଗୁଡାରୁ ଅଧିକ ରାଜସ୍ୱ ଆଦାୟ ହେଉଥିଲେ ବି ରାଜ୍ୟ ସରକାର ଅବହେଳା କରିଛନ୍ତି। ଝାରସୁଗୁଡା ବାସୀଙ୍କ ମୌଳିକ ସମସ୍ୟା ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଝାରସୁଗୁଡା ସହରରେ ଶାସକ ଦଳର ନେତା, ମନ୍ତ୍ରୀଙ୍କ ଦୁର୍ନୀତି କାରଣରୁ ଜିଲ୍ଲାରେ ଉନ୍ନତୀ ହେଉନାହିଁ। ରାଜ୍ୟର ଉନ୍ନତି ପାଇଁ କେନ୍ଦ୍ର ସରକାର ଟଙ୍କା ଦେଉଛନ୍ତି କିନ୍ତୁ ରାଜ୍ୟ ସରକାର ସଦବିନିଯୋଗ ନକରି ପାରିବାରୁ ତାହା ଫେରି ଯାଉଛି। ଝାରସୁଗୁଡାରେ ରାଜ୍ୟ ସରକାର ୨୫ବର୍ଷରେ ଯାହା କାମ କରିନାହାନ୍ତି ତାହା ୫ବର୍ଷ ଭିତରେ ଭାରତୀୟ ଜନତା ପାର୍ଟି କରିଦେଖାଇବ ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଝାରସୁଗୁଡାର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଘଟିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ଏଠି ନିଯୁକ୍ତି ଦିଅନ୍ତୁ। ଝାରସୁଗୁଡା ସହରର ପ୍ରଦୂଷଣ ପ୍ରତି ରାଜ୍ୟ ସରକାରଙ୍କ ପଦକ୍ଷେପ ନେଇନାହାନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲା ସଭାପତି ମଙ୍ଗଳ ସାହୁ, ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଲମା ବ୍ୟାରେଜର ୧୪ ଗେଟ୍ ବନ୍ଦ

ଭୁବନେଶ୍ୱର: କଲମା ବ୍ୟାରେଜର ୧୪ଟି ଗେଟ୍ ବନ୍ଦ ହୋଇଛି । ଶନିବାର ଛତିଶଗଡ କଲମାର ୧୪ଟି ଗେଟ୍ ବନ୍ଦ କରିଛି । ଫଳରେ ଗୋଟିଏ ଗେଟ୍ ଦେଇ ଗଚ୍ଛିତ ଜଳ ହୀରାକୁଦ ଡ୍ୟାମ୍ ?କୁ ନିଷ୍କାସିତ କରୁଛି ଛତିଶଗଡ । ବୁଧବାର ୨୦ଟି ଗେଟ୍ ଖୋଲାଥିବା ବେଳେ ଗୁରୁବାର ସେଥିରୁ ୫ଟି ଗେଟ୍ ବନ୍ଦ ହୋଇଥିଲା । ଶନିବାର ଆଉ ୧୪ଟି ଗେଟ୍ ବନ୍ଦ ହେବା ପରେ ମାତ୍ର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି ।ସୂଚନାଯୋଗ୍ୟ ମହାନଦୀ ଜଳବିବାଦ ପ୍ରସଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ ଆସିବେ ଟ୍ରିବ୍ୟୁନାଲ । ଶନିବାର ବିମାନ ଯୋଗେ ରାୟପୁରରେ ପହଞ୍ଚିବା ପରେ ରବିବାରଠୁ ୩ ତାରିଖ ଯାଏଁ ମହାନଦୀର ଅନୁଧ୍ୟାନ କରିବେ । ରବିବାର ମିନି ମାତା ବଙ୍ଗୋ ଡ୍ୟାମ୍ ?ଠାରୁ ପରିଦର୍ଶନ ଆରମ୍ଭ କରିବାକୁ ଥିବାବେଳେ ଏ ଭିତରେ ପ୍ରାୟ ସମସ୍ତ ବ୍ୟାରେଜ ତଥା ଶାଖା ନଦୀ



ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨ ତାରିଖ ବିବାଦୀୟ କଲମା ବ୍ୟାରେଜ ପରିଦର୍ଶନ କରିବା ପରେ ୩ ତାରିଖ କେଲୋ ଡ୍ୟାମ୍ ପରିଦର୍ଶନ କରି ଝାରସୁଗୁଡା ବିମାନ ବନ୍ଦର ଯୋଗେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

ଭୁବନେଶ୍ୱର: ଜେଇଇ ମେନର ସେସନ-୨ ଫଳ ଶନିବାର ପ୍ରକାଶ ପାଇଛି। ଟପ୍ ରାଙ୍କର ୨.୫ ଲକ୍ଷ ପରୀକ୍ଷାର୍ଥୀ ଜେଇଇ (ଆଡ୍‌ଭାନ୍ସଡ୍)କୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ୯୯.୯୮ ପ୍ରତିଶତ ସହ ପ୍ରିୟଙ୍କା ସର ଓଡ଼ିଶା ଟପ୍ପର ହୋଇଛନ୍ତି। ଚଳିତ ଥର ୪୩ ଜଣ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି।

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏନଟିଏ ପକ୍ଷରୁ ପରିଚାଳିତ ଜେଇଇ (ମେନ୍) ୨୦୨୩ ସେସନ-୨ ପାଇଁ ଏପ୍ରିଲ ୬ରୁ ୧୫ ତାରିଖ ଯାଏଁ ପରୀକ୍ଷା ଚାଲିଥିଲା। ଚଳିତ ବର୍ଷ ଦେଶର ପ୍ରାୟ ୯ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଓଡ଼ିଆ ସମେତ ୧୩ଟି ଭାଷାରେ ଏହି ପରୀକ୍ଷା କରାଯାଇଥିଲା।

## ମେ ଦ୍ୱିତୀୟ ସପ୍ତାହରେ ଲଘୁଚାପ !

ଭୁବନେଶ୍ୱର(ପିପିଏସ୍): ମେ ମାସ ଦ୍ୱିତୀୟ ସପ୍ତାହରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମେ ମାସ ଦ୍ୱିତୀୟ ସପ୍ତାହରେ ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। କିନ୍ତୁ ବର୍ତ୍ତମାନର ଆକଳନ ଅନୁସାରେ ଏହା ଓଡ଼ିଶା ଉପରେ ପ୍ରଭାବ ପକାଇବନି ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।ସେ କହିଛନ୍ତି, ମେ ମାସରେ ଏଥର ତାପମାତ୍ରା ଅଧିକ ହୋଇପାରେ। ତେବେ ମେ ଦ୍ୱିତୀୟ ସପ୍ତାହରେ ଏକ ଲଘୁଚାପ କ୍ଷେତ୍ର ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। କେବଳ ଅବପାତ ସୃଷ୍ଟି ହେବା ନେଇ ଆକଳନ କରାଯାଉଛି। ବାତ୍ୟା ହେବ କି ନାହିଁ ସ୍ପଷ୍ଟ ହୋଇନି।ଯଦି ବାତ୍ୟା ହେବ ଓଡ଼ିଶା ଉପରେ ପ୍ରଭାବ ରହିବ ନାହିଁ। ଗତ କିଛି ବର୍ଷ ହେବ ଲଗାତାର ମେ ମାସରେ ଲଘୁଚାପ ଆସୁଥିବାରୁ ପାଣିପାଗ ବିଭାଗର ଆକଳନ ଏବେ



ଚିନ୍ତାର କାରଣ ହୋଇଛି। ତେବେ ଯଦି ମେ ମାସରେ କୌଣସି ବାତ୍ୟା ଆସେ, ତାର କେମିତି ମୁକାବିଲା କରାଯିବ ସେଥିପାଇଁ ରାଜ୍ୟ ସରକାର ନିକଟରେ ଏକ ପ୍ରସ୍ତୁତି ବୈଠକ କରିଥିଲେ। ଯଦି ବାତ୍ୟା ଆସେ ତାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ୨୦୨୧ ସେପ୍ଟେମ୍ବର ୨ ପରଠାରୁ ଇଲେକ୍‌ଟ୍ରିକ୍ ଯାନ କିଣିଥିଲେ ମିଳିବ ବର୍ଦ୍ଧିତ ପ୍ରୋତ୍ସାହନ ରାଶି

ଭୁବନେଶ୍ୱର:ଏକ ସ୍ୱଚ୍ଛ ଓ ପୋଷଣୀୟ ଭବିଷ୍ୟତ ଲକ୍ଷ୍ୟରେ ରାଜ୍ୟ ସରକାର ସମସ୍ତ ନାଗରିକଙ୍କୁ ଇଲେକ୍‌ଟ୍ରିକ୍ ଯାନ ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରୁଛନ୍ତି। ଇଲେକ୍‌ଟ୍ରି ଯାନ ନିର୍ମାତା, ଗ୍ରାହକ ଏବଂ ଚାର୍ଜିଂ ସୁବିଧା ପ୍ରଦାନ କରୁଥିବା ବିଭିନ୍ନ ଅଂଶୀଦାରମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଇଲେକ୍ଟ୍ରି ଯାନ ନୀତି ୨୦୨୧ ସେପ୍ଟେମ୍ବର ୨ ତାରିଖରୁ ପ୍ରଣୟନ କରିଛନ୍ତି ।

ଏହି ନୀତିରେ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ହାଲୁକା ମୋଟର ଯାନ କ୍ଷେତ୍ରରେ ବ୍ୟାଟେରୀଚାଳିତ ଇଲେକ୍‌ଟ୍ରିକ୍ ଯାନର ବହୁଳ ବ୍ୟବହାରକୁ ପ୍ରୋତ୍ସାହନ ଦେଇ ୨୦୨୫ ଡିସେମ୍ବର ସୁଦ୍ଧା ରାଜ୍ୟରେ ବ୍ୟବହୃତ ସମୁଦାୟ ଯାନର ୨୦ ପ୍ରତିଶତ ଇଲେକ୍‌ଟ୍ରିକ୍ ଯାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କ୍ୟାବିନେଟ୍ ଅନୁମୋଦନ କ୍ରମେ ଓଡ଼ିଶା ରାଜ୍ୟ ଇଲେକ୍ଟ୍ରି ଯାନ ନୀତି ୨୦୨୧ ରେ ସଂଶୋଧନ କରି ଦୁଇଚକିଆ ଯାନ ନିମନ୍ତେ ଥିବା ପ୍ରୋତ୍ସାହନ ରାଶିକୁ ୫ହଜାର ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସେହିପରି ତିନିଚକିଆ ଯାନ ନିମନ୍ତେ ପୂର୍ବରୁ ଥିବା ୧୦ ହଜାର ଟଙ୍କାକୁ ୩୦ହଜାର ଟଙ୍କା ଏବଂ ଚାରିଚକିଆ ହାଲୁକା ଯାନ ନିମନ୍ତେ ପ୍ରୋତ୍ସାହନ ରାଶି ୫୦ ହଜାର ଟଙ୍କାରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ପ୍ରୋତ୍ସାହନ ସୁବିଧା ନୀତି ବିଜ୍ଞପିତ ହେବା ଦିନ ଅର୍ଥାତ୍ ୨୦୨୧ ମସିହା ସେପ୍ଟେମ୍ବର ୨ ତାରିଖଠାରୁ ଲାଗୁ କରାଯାଇଛି ଏବଂ ଏହା ୨୦୨୫ ଡିସେମ୍ବର ଶେଷ ପର୍ଯ୍ୟନ୍ତ ବଳବତର ରହିବ ।

ଟ୍ରିକ୍ ଯାନ କ୍ରୟ କରିଥିବା ଗ୍ରାହକମାନେ ପରିବହନ ବିଭାଗର ପୋର୍ଟାଲରେ ଆବଶ୍ୟକୀୟ କାଗଜାତ ଅପ୍‌ଲୋଡ କଲେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରୋତ୍ସାହନ ରାଶି ପଠାଯିବାର ବ୍ୟବସ୍ଥା କରାଯାଇଛି । ଇଲେକ୍‌ଟ୍ରିକ୍ ଯାନ ଉପରେ ପ୍ରୋତ୍ସାହନ ରାଶି ବୃଦ୍ଧି ଯୋଗୁଁ ଏହି ଯାନଗୁଡ଼ିକର ଚାହିଦା ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ଇଲେକ୍‌ଟ୍ରିକ୍ ଯାନ ନିମନ୍ତେ ଚାର୍ଜିଂ ସେଂଟର ଚଳାଉଥିବା ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ଏହି ନୀତିରେ ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି । ଏହି ଚାର୍ଜିଂ ସେଂଟରଗୁଡ଼ିକୁ ଅଣପାରମ୍ପରିକ ଶକ୍ତି ଦ୍ୱାରା ପରିଚାଳିତ କରିବା ନିମନ୍ତେ ଶକ୍ତି ବିଭାଗ ଏବଂ ଓରେଡା ସହ ଆଲୋଚନା ଜାରି ରହିଛି ।

## ମେଡିକାଲ କଲେଜ ପ୍ରଫେସରଙ୍କ ଦରମା ବଢ଼ିଲା

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ସିନିୟର ରେସିଡେନ୍ସ, ଜୁନିୟର ରେସିଡେନ୍ସ ଓ ଟ୍ୟୁଟରମାନଙ୍କ ଦରମାକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ଦୁର୍ଗମ ଅଂଚଳରେ କାର୍ଯ୍ୟ କରୁଥିବା ମେଡିକାଲ କଲେଜ ପ୍ରାଧ୍ୟାପକମାନଙ୍କୁ ସ୍ଥାନଆଧାରିତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

## ଧ୍ୱନିପ୍ରତିଧ୍ୱନି

ବିରୋଧୀ ଦଳମାନଙ୍କର ଏକାଠି ହେବାର କଳରବ

## ବାଟେଘାଟେ



ନିଜ ନିଜ ନିର୍ବାଚନ ମଣ୍ଡଳୀ
ହେଉ ଥାଉ ପଛେ ଖୋଳ
ପ୍ରତିଦିନ ଉଠେ ଗୋଳ
ସବୁ ନେତା ମନ୍ତ୍ରୀ ବିଧାୟକ ଦଳ
ଝାରସୁଗୁଡ଼ାରେ ମେଳ
ଧରି ଭିଟାମିନ ଥାଳ
ଏ ପରା ଲୋକଙ୍କ ଦଳ
ଅଯଥାରେ କିଆଁ ଭୋଟ ଦିଅ କହି
ହେଉ ଅଛ ଝାଳ ନାଳ
ପୋଲିସ ଗୁଳିରେ ନବ ଦାସ ଗଲେ
ଏକଥା ଦଳକୁ କାଳ ।
-ରାହୀ

## ଘରୋଇ ଡାକ୍ତରଖାନାରେ ସିଜରିଆନ ଡେଲିଭରିର ଅଡିଟ୍ ପାଇଁ ଚିଠି

ଭୁବନେଶ୍ୱର: ରାଜ୍ୟର ଘରୋଇ ଡାକ୍ତରଖାନାଗୁଡ଼ିକରେ ସିଜରିଆନ ଡେଲିଭରି ବୃଦ୍ଧି ଘଟିଛି। ଏହାର ଅଡ଼ିଟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ସିଡ଼ିଏମଓଙ୍କୁ ଚିଠି ଲେଖିଛି। କ୍ରାଇଟେରିଆକୁ ମାନି ଘରୋଇ ଡାକ୍ତରଖାନାଗୁଡିକ ସିଜରିଆନ ଡେଲିଭରି କରୁଛନ୍ତି ନା ନିୟମ ବାହାରକୁ ଯାଇ ସିଜରିଆନ ଡେଲିଭରି କରୁଛନ୍ତି ତାହାର ଅଡ଼ିଟ କରାଯିବ। ଆସନ୍ତା ମେ' ମାସ ୧ ତାରିଖ ଠାରୁ ଏହି ଅଡ଼ିଟ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁ ଘରୋଇ ଡାକ୍ତରଖାନା ସିଜରିଆନ ଡେଲିଭରି କରୁଛନ୍ତି, କାହିଁକି କରୁଛନ୍ତି ସେ ନେଇ ଏଡ଼ିଏମଓ ସିଡ଼ିଏମଓଙ୍କୁ ରିପୋର୍ଟ ଦେବେ। ଅଡ଼ିଟ ପାଇଁ ନୋଡ଼ାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି।

## ମାଓବାଦୀ କ୍ୟାମ୍ପରେ ଚାଲୁଛି ସେକ୍ସ କାରବାର ! ମୁହଁ ଖୋଲିଲେ ସଙ୍ଗଠନ ଛାଡ଼ିଥିବା ମହିଳା

ଭୁବନେଶ୍ୱର: ମାଓବାଦୀମାନେ କ୍ୟାମ୍ପରେ ଚାଲୁଛି ସେକ୍ସ କାରବାର ! ସଙ୍ଗଠନରେ ସାମିଲ୍ କରାଇ ଝିଅଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଛନ୍ତି କ୍ୟାଡ଼ର ନକ୍ସଲ। ପିଲା ନହେବା ପାଇଁ ମହିଳା ଓ ପୁରୁଷ ମାଓବାଦୀଙ୍କ ବନ୍ଧ୍ୟାକରଣ କରାଯାଉଛି। ସେଥିପାଇଁ କ୍ୟାମ୍ପକୁ ଡାକ୍ତର ଆସୁଛନ୍ତି ଓ ଅପରେସନ୍ କରୁଛନ୍ତି। ମାଓବାଦୀ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା କେତେକ ମହିଳା ଆଜି ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଜଣେ ମହିଳା କହିଛନ୍ତି, ଘରେ ଅବସ୍ଥା ଭଲ ନଥିଲା। ଖାଇବାକୁ ନଥିଲା। ତେଣୁ ୧୫ ବର୍ଷ ବୟସର ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲି। ସଙ୍ଗଠନରେ ସାମିଲ୍ ହେବା ପରେ ଜାଣିବାକୁ ପାଇଲି ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯାଉଛି। ତେଣୁ ଭୟରେ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛି ବୋଲି କହିଛନ୍ତି ମହିଳା। ଆଉ ଜଣେ ମହିଳା କହିଛନ୍ତି ଲୋମ ଟାଙ୍କୁରା କାହାଣୀ। ସଙ୍ଗଠନରେ ରହଣୀ ସମୟରେ ମହିଳା ଜଣକ ଜଣେ ପୁରୁଷ ମାଓବାଦୀଙ୍କୁ ଭଲ ପାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ପ୍ରେମିକଙ୍କର ବନ୍ଧ୍ୟାକରଣ ଅପରେସନ୍ କରି ଦିଆଯାଇଥିଲା। ପିଲା ନହେବା ପାଇଁ ସଙ୍ଗଠନରେ ଏମିତି ଅପରେସନ୍ କରାଯାଉଛି। ଅପରେସନ୍ ପାଇଁ କ୍ୟାମ୍ପକୁ ଡାକ୍ତର ଆସୁଛନ୍ତି। ତେଣୁ କ୍ୟାମ୍ପରେ ରହିପାରିଲି ନାହିଁ। ବାଧ୍ୟ ହୋଇ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛି ବୋଲି ମହିଳା ଜଣକ କହିଛନ୍ତି। ଆଉ ଜଣେ କହିଛନ୍ତି, ୨୦୧୦ ମସିହାରେ ମାଓବାଦୀରେ ଯୋଗଦେଇଥିଲି। ସେତେବେଳେ ଝିଅଙ୍କୁ ନିର୍ଯାତନା ଦିଆଯାଉଥିଲା। ସବୁ କାମ କରିବାକୁ କୁହାଯାଉଥିଲା। ଧୀରେ ଧୀରେ ନିର୍ଯାତନା ବଢ଼ିବାରୁ ୨୦୧୩ ମସିହାରେ ସଙ୍ଗଠନ ଛାଡ଼ିଥିଲି ବୋଲି ସେ କହିଛନ୍ତି। ମାଓବାଦୀ କ୍ୟାମ୍ପରୁ ବିପୁଳ ପରିମାଣର ଗର୍ଭନିରୋଧକ ମିଳିଥିଲା। ଏଥିସହ ଗର୍ଭ ପରୀକ୍ଷା କୀଟ୍ ଜବତ ହୋଇଥିଲା ପୁଲିସ୍। ଏଥିରୁ ଜଣାପଡୁଛି, କ୍ୟାମ୍ପରେ ମାଓବାଦୀମାନେ ଯୌନ ନିର୍ଯାତନା ଦେଉଥିଲେ। ଝିଅଙ୍କୁ ମାଓବାଦୀମାନେ ଯୌନ ନିର୍ଯାତନା ଦେଉଥିବା ଜଣାପଡ଼ିଥିଲା।

## ନବ ଦାସ ହତ୍ୟାର ୯୦ ଦିନ ପରେ ବି କାରଣ ଅସ୍ପଷ୍ଟ : ବିଜେପି

ଭୁବନେଶ୍ୱର:- ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡକୁ ୯୦ ଦିନ ଅର୍ଥାତ ୩ ମାସ ପୁରିଲାଣି । ହତ୍ୟାକାଣ୍ଡ ସଂପର୍କରେ ରାଜ୍ୟବାସୀ ଅବଗତ ହୋଇପାରିଲେ ନାହିଁ। ହତ୍ୟାକାଣ୍ଡର କାରଣ ଓ ତଦନ୍ତ ପ୍ରସଙ୍ଗରେ ଭଗବାନଙ୍କ ଉପରେ ପୋଲିସ ଡିଜି ଭରସା କରୁଥିବାବେଳେ ବର୍ତ୍ତମାନ ନବ ବାବୁଙ୍କ ପରିବାର ମଧ୍ୟ ଭଗବାନ ଭରସାରେ ରହିବା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟର ଆଇନ ବ୍ୟବସ୍ଥା ଉପରେ ଓଡିଶାବାସୀଙ୍କ ଆଉ ଭରସା ନାହିଁ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । ଶନିବାର ଝାରସୁଗୁଡାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଘଟଣାର ୯୦ ଦିନ ପରେ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚକୁ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡିଲା ନାହିଁ । ଗୋପାଳ ଦାସ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଏବଂ ଜେଲରେ ରହିଛି । ଅତୀତରେ ଗୋପାଳକୁ ପାଗଳ ବୋଲି ପ୍ରମାଣ କରିବାରେ ବିଫଳ ହୋଇଥିବା କ୍ରାଇମବ୍ରାଂଚ ବର୍ତ୍ତମାନ ଗୋପାଳର ମାନସିକ ପରୀକ୍ଷା ପାଇଁ କୋର୍ଟଙ୍କ ବିନାଅନୁମତିରେ ବାଙ୍ଗାଲୋର ସ୍ଥିତ ନିମ୍‌ହାନ୍ସକୁ ଚିଠି ଲେଖିଛନ୍ତି । ଏହା ଦ୍ୱାରା କ୍ରାଇମବ୍ରାଂଚ କିମ୍ବା ରାଜ୍ୟ ସରକାରଙ୍କ ନ୍ୟାୟାଳୟଙ୍କ ପ୍ରତି ଆଦୌ ସମ୍ମାନ ନଥିବାର ସ୍ପଷ୍ଟ ହେଉଛି । ନବ ବାବୁଙ୍କ ପରିବାର ବିଶେଷ କରି ତାଙ୍କ ଝିଅ କେବଳ ଭଗବାନଙ୍କ ଭରସାରେ ନରହି ତଦନ୍ତ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସାହସର ସହିତ ପଚାରିବା ଉଚିତ୍ । ନଚେତ୍ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ଯାଆନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ନିର୍ବାଚନ ପ୍ରଚାରରେ ଆସି ଝାରସୁଗୁଡାର ଦାୟୀତ୍ୱ ନେବେ ବୋଲି ଘୋଷଣା କରିବା ପୂର୍ବରୁ ବିଜୁ ଜନତା ଦଳର ସଭାପତି ଭାବେ ମୁଖ୍ୟମନ୍ତ୍ରୀ କିଛି ପ୍ରଶ୍ନର ଜବାବ୍ ରଖିବା ଉଚିତ୍ । ୯୦ଦିନ ପରେ ବି ନବ ଦାସଙ୍କୁ କିଏ ଆଉ କାହିଁକି ମାରିଲା ତାହା ଜଣାପଡିଲା ନାହିଁ ? ନିଜ କ୍ୟାବିନେଟର ମୁଖ୍ୟ ସହଯୋଗୀ ଥିବା ଜଣେ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ସମଗ୍ର ଜିଲ୍ଲା ତଥା ରାଜ୍ୟବାସୀଙ୍କୁ କ'ଣ ଓ କିପରି ସୁରକ୍ଷା ଦେବେ ? ମାନ୍ୟବର କୋର୍ଟଙ୍କ ବିନାନୁମତିରେ କାଇମବ୍ରାଂଚ କିପରି ଓ କାହିଁକି ନିମ୍‌ହାନ୍ସକୁ ପରୀକ୍ଷା ପାଇଁ ଚିଠି ଲେଖିଲେ। ? ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ? କୁଆଡେ ଗଲା ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇର ତଦନ୍ତ ? ସିବିଆଇ ତଦନ୍ତ ପାଇଁ କେବେ ସୁପାରିଶ କରିବେ ? ନବ ଦାସଙ୍କ ହତ୍ୟାକାରୀକୁ ପାଗଳ ସଜାଇବା ପାଇଁ ରାଜ୍ୟ ସରକାରଙ୍କ ବ୍ୟଗ୍ରତା କ'ଣ ପାଇଁ, ତାହା ଝାରସୁଗୁଡାବାସୀ ବିଚାର କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଏବଂ ମୁଖପାତ୍ର ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବିନୟତୋଷ ମିଶ୍ର ହେଲେ ଅଗ୍ନିଶମ ଓ ହୋମଗାର୍ଡ ଡିଜି

ଭୁବନେଶ୍ୱର: ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ରଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଡିଜି ଭାବେ ଦାୟିତ୍ୱ ମିଳିଛି। ଏହାସହ ସେ ଏସ୍‌ସିଆରବି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଦୁଇ ବରିଷ୍ଠ ଆଇପିଏସ୍ ଙ୍କୁ ଗୃହ ବିଭାଗ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସଡି) ଭାବେ ବଦଳି କରିଛନ୍ତି। କମ୍ୟୁନିକେସନ ଡିଜି ଅରୁଣ ରାୟ ଏବଂ ଏଚ୍‌ଆରପିସି ସ୍ପେଶାଲ ଡିଜି ଏସ.ଏମ୍ ନରଭଣେଙ୍କୁ ଗୃହ ବିଭାଗ ଓଏସଡି ଭାବେ ନୂଆ ନିଯୁକ୍ତି ମିଳିଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି ହୋଇଛି। ଗୃହ ବିଭାଗର ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍ ଆଇପିଏସ୍ ବିନୟତୋଷ ମିଶ୍ରଙ୍କୁ ହୋମଗାର୍ଡ ଓ ଅଗ୍ନିଶମ ଡିଜି, ସିଭିଲ ଡିଫେନ୍ସ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଶ୍ରୀ ମିଶ୍ର ଏବେ ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି ।

## ଆରଆଇ ଅଫିସ ପିଅନଙ୍କୁ ହତ୍ୟା ମାମଲା ମା' ସହ ତିନିପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

ଧର୍ମଗଡ଼: କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଆଟିଗାଁ ଆରଆଇ ଅଫିସର ଅସ୍ଥାୟୀ ପିଅନ ଛାୟାକାନ୍ତ ଦଣ୍ଡସେନା ହତ୍ୟା ମାମଲାର ବିଚାର କରି ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ତାଙ୍କ ରାୟ ଶୁଣାଇଛନ୍ତି । ଏହି ମାମଲାରେ ଆଟିଗାଁର ମହିଳା କୁଚିତା ଦଣ୍ଡସେନା, ତାଙ୍କ ତିନିପୁଅ ରାଧୁ ଦଣ୍ଡସେନା, ପୀତ ଦଣ୍ଡସେନା ଓ ଯଦୁ ଦଣ୍ଡସେନାଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ ଆଟିଗାଁ ଆରଆଇ ଅଫିସ ନିକଟ ସରକାରୀ ଜମିକୁ ଅନଧୀକୃତ ଭାବେ ଅକ୍ତିଆର କରି କୁଚିତା, ରାଧୁ, ପୀତ ଓ ଯଦୁ ଘର ତିଆରି ପାଇଁ ନିଅଁ ଖୋଳୁଥିଲେ। ଏହା ଦେଖି ଛାୟାକାନ୍ତ କାମ ବନ୍ଦ କରିବାକୁ କହି ଆରଆଇଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ରାଗିଯାଇ ରାଧୁଙ୍କ ହାତକୁ ତାଙ୍କ ମା' କୁଚିତା ଏକ ଟାଙ୍ଗିଆ ବଢ଼େଇ ଦେଇଥିଲେ। ଛାୟାକାନ୍ତଙ୍କୁ ରାଧୁ ଟାଙ୍ଗିଆରେ ହାଣିବା ସମୟରେ ତାଙ୍କ ଦୁଇଭାଇ ପୀତ ଓ ଯଦୁ ଛାୟାକାନ୍ତଙ୍କ ଦୁଇହାତକୁ ଧରି ରଖିଥିଲେ। ଜୁନାଗଡ଼ ଥାନା ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶନିବାର ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ବନ୍ଦନା କର ଉପରୋକ୍ତ ରାୟ ଶୁଣାଇବା ସହ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକବର୍ଷ କାରାଦଣ୍ଡାଦେଶ ମଧ୍ୟ ଶୁଣାଇଛନ୍ତି।

cmyk




# ବିଲ୍‌ଗେଟ୍ସଙ୍କ କେତେ ପ୍ରେମିକା

ସପର ରିଚଙ୍କ ପର୍ସନାଲ୍ ଲାଇଫ୍। ପ୍ରେମ, ବିବାହ, ବିଚ୍ଛେଦ। ବିଲ୍ ଗେଟ୍ସଙ୍କ ଡେଟିଂ ନେଇ ଗସିପ୍ ନୁହେଁ, ଜୋର ଖବର। ୨୦୨୨ର ଫୋବ୍ସ ତାଲିକାରେ ୪ର୍ଥ ନମ୍ବର ସୁପର ରିଚ୍ ମାଇକ୍ରୋସଫ୍ଟ କୋ-ଫାଉଣ୍ଡର ବିଲ୍-ଗେଟ୍ସ।ତାଙ୍କ ସମ୍ପତ୍ତି ୧୨୯ ବିଲିୟନ୍ ଡଲାର। ପୂର୍ବତନ ପତ୍ନୀ ମିଲିଣ୍ଡା ୬.୨ ବିଲିୟନ୍ ଡଲାର ସଂପତ୍ତିର ମାଲିକାଣି। କିନ୍ତୁ ୨୭ ବର୍ଷ ପରେ ଅଲଗା ହୋଇଗଲେ। ପୁରୁଣା ପ୍ରେମିକା ତଥା ଟେକ୍ ଇନ୍‌ଭେଷ୍ଟର ଆନ୍ ୱିନବ୍ଲାଡଙ୍କ ସହ ନୂଆ ସମ୍ପର୍କ ଆରମ୍ଭ କରିବେ କି ବିଲ୍ ଗେଟ୍ସ। ୱିନବ୍ଲାଡ ଜଣେ ଆମେରିକୀୟ ବ୍ୟବସାୟୀ। ୧୯୮୦ ରେ ସେ ବିଲ ଗେଟ୍ସଙ୍କୁ ଡେଟ୍ କରୁଥିଲେ। ୧୯୮୭ରେ କିନ୍ତୁ ଫୋକସରେ ତାଙ୍କ ବିଚ୍ଛେଦ କାରଣ। ବିବାହ ପାଇଁ ସେ ସମୟରେ ରାଜି ନଥିଲେ ବିଲ୍ ଗେଟ୍ସ। କିନ୍ତୁ ପ୍ରେମରେ ନଥିଲା ଫୁଲଷ୍ଟପ୍। ମିଲିଣ୍ଡାଙ୍କ ସହିତ ବିବାହ ସରିବା ପରେ ମଧ୍ୟ ବିଲ୍ ଗେଟ୍ସ ୱିନବ୍ଲାଡଙ୍କ ସହ ସମୟ ବିତାଉଥିବା ଶୁଣିବାକୁ ମିଳେ। ପ୍ରତିବର୍ଷ ଦୁହେଁ ଉତ୍ତର କାରୋଲିନାରେ ଥିବା ସମୁଦ୍ରକୂଳକୁ ଯାଇ ସମୟ ବିତାନ୍ତି।୧୯୯୭ ମସିହାରେ ଟାଇମ୍ ? ପତ୍ରିକା ସହ ସାକ୍ଷାତକାରରେ ଏମିତି କିଛି ସେ ସୂଚନା ଦେଇଥିଲେ। ମଜାଦାର ହେଲା ୱିନବ୍ଲାଡ ବୟସରେ ବିଲ୍ ?ଙ୍କ ଠାରୁ ୫ବର୍ଷ ବଡ। ତେବେ ସେମାନେ ଏକାଠି ହେଲେ ପ୍ରାୟ ସମୟ ବାୟୋଟେକ୍ନୋଲୋଜି ବିଷୟରେ ଆଲୋଚନା କରନ୍ତି। ଏବଂ ଦୁହେଁ ପୁଟ୍-ପୁଟ୍ ଖେଳିବା ସହ କାମକୁ ନେଇ କଥା ହୁଅନ୍ତି। ୱିନବ୍ଲାଡ ଏଡୱାର୍ଡ ବିବାହିତା।ସେ ଆଲେକ୍ସ କ୍ଲିନ ନାମକ ଜଣେ ପ୍ରାଇଭେଟ୍ ଇନ୍‌ଭେଷ୍ଟରଙ୍କୁ ୨୦୧୫ରେ ବିବାହ କରିଛନ୍ତି। କେବଳି ୱିନବ୍ଲାଡ ନୁହେଁ, ବିଲ୍‌ଙ୍କ ନାଁ ଆଉ ବି କିଛି ଯୁବତୀଙ୍କ ସହ ଯୋଡାଯାଇଛି। ଆହୁରି ବି ଅଛନ୍ତି ରୁମର ଗର୍ଲଫ୍ରେଣ୍ଡ। ସେମିତି ଜଣେ ଯୁବତୀ ହେଲେ ସେଲି ୱାଙ୍ଗ। ୨୦୧୫ରୁ ବିଲ୍ ଏବଂ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପାଇଁ କାମ କରୁଛନ୍ତି। ଗେଟ୍ସ ଦମ୍ପତି ଅଲଗା ହେବା ପରେ ସୋସିଆଲ ମିଡିଆରେ ବିଲ୍ ଗେଟ୍ସ ସେଲି ୱାଙ୍ଗଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିଲା।

# ମୋମୋ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ତେଲ, ଲୁଣ, ବନ୍ଧାକୋବି, କଟା ପିଆଜ, ଅଦା, କଞ୍ଚା ଲଙ୍କା, ଜିରାଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି ଅଟା ନିଅନ୍ତୁ। ସେଥିରେ ତେଲ ଓ ଲୁଣ ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ପରେ ତାକୁ କିଛି ସମୟ ପାଇଁ ଢ଼ାଙ୍କି ରଖି ଦିଅନ୍ତୁ। ପରେ ଏକ ବନ୍ଧାକୋବିକୁ ଛୋଟ ଛୋଟ କରି କାଟି ଏକ ପାତ୍ରରେ ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଲାଲ ହେବା ପରେ ସେଥିରେ ଛେଚା ଅଦା, କଞ୍ଚା ଲଙ୍କା ପକାଇ ଭାଜନ୍ତୁ। ପରେ କାଟି ରଖିଥିବା ବନ୍ଧା କୋବିକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ସ୍ୱାଦ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଢ଼ାଙ୍କି ଦିଅନ୍ତୁ। ପରେ ସେଥିରେ ଜିରାଗୁଣ୍ଡ, ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଥଣ୍ଡା ହେବାପାଇଁ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ତା'ପରେ ଚକଟି ରଖିଥିବା ଅଟାରେ ମସଲା ଦେଇ ପରଟା ପରି ବେଲନ୍ତୁ। ଏହାପରେ ତାୱା ଗରମ କରନ୍ତୁ। ତାୱା ଗରମ ହେବା ପରେ ବେଲି ରଖିଥିବା ପରଟାକୁ ସେଥିରେ ପକାନ୍ତୁ। ସେଥିରେ ତେଲ ପକାଇ ପରଟାକୁ ଦୁଇ ପାର୍ଶ୍ୱକୁ ଭଲ ଭାବରେ ଓଲଟାଇ ଦିଅନ୍ତୁ। ପରଟାର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୋମୋ ପରଟା। ଏହାକୁ ଆପଣଙ୍କ ଟମାଟୋ ଚଟଣି ସହ ଖାଇପାରିବେ।

# ମୃତ୍ୟୁ ପରେ ମୃତ୍ୟୁଲୋକରେ ଆତ୍ମୀୟ ମାନଙ୍କୁ ଚିହ୍ନିବା ପାଇଁ କରାଯାଉଥିଲା ଟାଟୁ

ବିଗତ କିଛି ବର୍ଷ ହେଲା ବିଭିନ୍ନ ଦେଶରେ ଟାଟୁର ଫ୍ୟାସନ ଚାଲିଛି । ସାଧାରଣତଃ ଯୁବପିଢ଼ି ମଧ୍ୟରେ ଏହାର ଚାହିଦା ଦେଖିବାକୁ ମିଳିଛି । ତେବେ ଦେହରେ ଟାଟୁ ଆଙ୍କିବା ଭାରତର ବହୁ ପୁରାତନ ପରମ୍ପରା । ବହୁ ପୁରାତନ କାଳରୁ ଭାରତର ଆଦିବାସୀ ଜନଜାତି ଟାଟୁକୁ ଏକ ଗହଣା ଭାବେ ଗ୍ରହଣ କରୁଥିଲେ । ଏମିତି ଏକ ଗହଣା ଯାହାକୁ ତାଙ୍କଠୁ କେହି ଚୋରି କରିପାରିବେନି , ନେଇ ପାରିବେନି କି ହଜିବ ନାହିଁ । ତେବେ ଆସନ୍ତୁ ଜାଣିବା ଟାଟୁର ପ୍ରଚଳନ ଭାରତର କେଉଁ ଅଂଚଳରେ କେମିତି :- ଅରୁଣାଚଳ ପ୍ରଦେଶ ଏବଂ ଆସାମର ସିଂଘପୋ ଆଦିବାସୀମାନେ ସର୍ବ ପ୍ରଥମେ ଟାଟୁର ପ୍ରଚଳନ ଆରମ୍ଭକରିଥିଲେ । ଏହି ଆଦିବାସୀ ଜନଜାତିର ଯୁବତୀମାନେ ନିଜକୁ ଶତ୍ରୁଙ୍କଠାରୁ ରକ୍ଷା କରିବା ପାଇଁ ଟାଟୁ ଆଂକୁଥିଲେ । ଅପାତନି ଆଦିବାସୀ ଯୁବତୀମାନେ ନିଜକୁ ଅସୁନ୍ଦର କରିବା ପାଇଁ ଦେହରେ ଟାଟୁ ଅଂକୁଥିଲେ । ଅସୁନ୍ଦର ହେଲେ କେହି ସେମାନଙ୍କ ସହ ଅସଦାଚରଣ କରିବାକୁ ଚାହିଁବେ ନାହିଁ ବୋଲି ଏଭଳି ଉପାୟ ବାଛିଥିଲେ । ପଶୁ ଚର୍ବିରେ ଏକ ପ୍ରକାର ପ୍ରାକୃତିକ ନୀଳ ରଙ୍ଗ ମିଶାଇ ଏମାନେ ଦେହର ବିଭିନ୍ନ ସ୍ଥାନକୁ କାଟି ଦାଗ କରିବା ସହ ସେଥିରେ ଏହି ରଙ୍ଗ ଭର୍ତ୍ତି କରୁଥିଲେ । ତେବେ ପରବର୍ତ୍ତି ସମୟରେ ଭାରତ ସରକାର ଏଭଳି ପ୍ରକ୍ରିୟା କୁ ବ୍ୟାନ କରିଦେଇଥିଲେ । ଆସାମର ସିଂଘପୋ ଆଦିବାସୀ ସମ୍ପ୍ରଦାୟର ଟାଟୁ ଆଙ୍କିବା ପରମ୍ପରା ସମ୍ପୂର୍ଣ ଭିନ୍ନ । ଏହି ଆଦିବାସୀ ଜନଜାତିର ପୁରୁଷମାନେ କେବଳ ହାତରେ ହିଁ ଟାଟୁ କରନ୍ତି । ଆଉ ମହିଳମାନେ ଆଂଠୁରୁ ତଳକୁ ଗୋଇଠି ଯାଏଁ ଟାଟୁ କରଥିଲେ । ଅବିବାହିତା ଯୁବତୀମାନଙ୍କୁ କିନ୍ତୁ ଟାଟୁ କରିବା ମନା । ଇଏ ତ ଗଲା ଉତ୍ତର ଭାରତ କଥା । ଏବେ ଆସନ୍ତୁ ଯିବା ଦକ୍ଷିଣ ଭାରତ । ଦକ୍ଷିଣ ଭାରତରେ ଟାଟୁକୁ ପଚକୁଥରାଠୁ ବୋଲି କୁହାଯାଇଥାଏ । ଓଡିଶାର ଆଦିବାସୀ ଜନଜାତିର ଲୋକେ ମଧ୍ୟ ଦେହରେ ଟାଟୁ କରିଥାନ୍ତି । ଓଡିଆ ଭାଷାରେ ଏହାକୁ ଚିତା କୁଟାଇବା ବୋଲି କୁହାଯାଏ । ଓଡିଶାର ଏକ ନିର୍ଦ୍ଦିଷ୍ଟ ଜନଜାତି ଦେହରେ ଜ୍ୟାମିତିକ ଡିଜାଇନ ଥିବା ଟାଟୁ ଆଙ୍କିଥାନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଏଭଳି ଟାଟୁ ଫଳରେ ମୃତ୍ୟୁପରେ ଯେତେବେଳେ ତାଙ୍କ ଆତ୍ମା ଅନ୍ୟ ଦୁନିଆକୁ ଚାଲିଯିବ ସେତେବେଳେ ଏହି ଟାଟୁ ସେଠି ମଧ୍ୟ ପରସ୍ପରକୁ ଚିହ୍ନିବାରେ ସାହାଯ୍ୟ କରିବ । ବିଗତ କିଛି ବର୍ଷ ହେଲା ଏହି ସବୁ ପୁରାତନ ପରଂପରା ଓ ବିଶ୍ୱାସକୁ ଛାଡି ବର୍ତ୍ତମାନର ଯୁବପିଢ଼ି ଟାଟୁକୁ ଏକ ଫ୍ୟାସନ ଭାବେ ଗ୍ରହଣ କରିଛି । ଦେହରେ ବିଭିନ୍ନ ପ୍ରକାର ଟାଟୁ ଆଙ୍କିବା ଏବେ ଯୁବପିଢ଼ିର ଏକ ବଡ ରୁଚି । ନିଜ ପିୟ ଲୋକର ନାଁ, ବିଭିନ୍ନ ପଶୁପକ୍ଷୀ, ଭଗବାନଙ୍କ ନାଁ, ଭଗବାନଙ୍କ ପ୍ରତିମା ସହ ଅନେକ ପ୍ରକାର ଟାଟୁ ଲୋକେ ଦେହର ବିଭିନ୍ନ ଅଙ୍ଗରେ ଆଙ୍କୁଛନ୍ତି । ୨୦୧୫ ମସିହାରେ ବିଶ୍ୱର ୧୦୦ ଜଣ ଟାଟୁ ଆର୍ଟିଷ୍ଟଙ୍କ ମଧ୍ୟରେ ଭାରତର ୩ ଜଣ ଟାଟୁ ଆର୍ଟିଷ୍ଟଙ୍କ ନାଁ "ୱାର୍ଲଡ ଆଟ୍ଲାସ ଅଫ ଟାଟୁ" ରେ ପ୍ରକାଶ ପାଇଥିଲା । ଏହି ୩ ଜଣ ହେଲେ ନାଗାଲାଣ୍ଡର ମୋ ନାଗା, କୋଲକାତାର ଅଭିନନ୍ଦନ ବା ଅଭି ବାସୁ ଏବଂ ଦିଲ୍ଲୀର ମଞ୍ଜିତ ସିଂ । ମଞ୍ଜିତ ସିଂ ଜଣେ ଅନ୍ତର୍ଜାତୀୟ ପୋଟ୍ରେଟ ଟାଟୁ ଆର୍ଟିଷ୍ଟ । ସେ ତାଙ୍କର ଫଟୋ ରିଅଲିଷ୍ଟିକ ଟାଟୁ ପାଇଁ ପ୍ରସିଦ୍ଧ । ସେ ଶିଖ ଧର୍ମ ଉପରେ ଆଧାରିତ ବିଭିନ୍ନ ଟାଟୁ କରିବା ପାଇଁ ଭଲପାଆନ୍ତି । ଅଭିନନ୍ଦନ ବାସୁଙ୍କ ଟାଟୁ ବଙ୍ଗୀୟ ପରମ୍ପରା ଉପରେ ହୋଇଥାଏ । ତାର ନାଁ "ବଙ୍ଗୋ" ଯାହାକି ବଙ୍ଗାଳି ଲୋକ ପରମ୍ପରା ପଟ୍ଟଚିତ୍ର ଉପରେ ଆଧାରିତ । ମୋ ନାଗା ଆଧୁନିକ ଚିତ୍ର ସହିତ ପୌରାଣିକ ଚିତ୍ରର ମିଶ୍ରଣରେ ଅଦ୍ଭୁତ ଟାଟୁ ଡିଜାଇନ କରିଥାନ୍ତି । ସେ ଗୁଆହାଟୀରେ ଏକ ଟାଟୁ ସ୍କୁଲ ମଧ୍ୟ ଖୋଲିଛନ୍ତି । ଏହି ସ୍କୁଲରେ ଅତ୍ୟାଧୁନିକ ମେସିନ ମଧ୍ୟ ରଖିଛନ୍ତି ଯେଉଁଥିରେ ସେ ଉତ୍ତର ଭାରତର ପାରମ୍ପରିକ ଟାଟୁ ଡିଜାଇନ ଆଙ୍କିଥାନ୍ତି । ତେବେ ବର୍ତ୍ତମାନ ସମୟରେ ଟାଟୁ କେବଳ ଏକ ପୁରୁଣା ବିଶ୍ୱାସ ବା ପରଂପରା ନୁହେଁ । ବରଂ ନିଜର ବିଶ୍ୱାସ ବ୍ୟକ୍ତ କରିବା, ସ୍ମୃତିକୁ ସାଇତି ରଖିବା, ନିଜର ବିଚାରଧାରାର ପରିପ୍ରକାଶ କରିବା ପାଇଁ ଏକ ମାଧ୍ୟମ ପାଲଟିଛି । ତା ସାଂଗକୁ ଏକ ଫେଶନ ହୋଇଛି ।

# ଯଦି ଆପଣ ହାଇ ହିଲ୍ ପିନ୍ଧୁଛନ୍ତି ତେବେ ହୋଇପାରେ ଏହି ସବୁ ସମସ୍ୟା

ଆପଣ ମଧ୍ୟ ହାଇ ହିଲ୍ ପିନ୍ଧିବାକୁ ଭଲ ପାଆନ୍ତି କି ? ଷ୍ଟାଇଲିସ୍ ଏବଂ ଗ୍ଲାମରସ୍ ଦେଖାଯିବା ପାଇଁ ଯଦି ଆପଣ ଅଧିକାଂଶ ସମୟ ହାଇ ହିଲସ୍ ପିନ୍ଧୁଛନ୍ତି ତେବେ ଏହା ଆମ ଶରୀରର ଅନେକ ଅଙ୍ଗରେ କୁପ୍ରଭାବ ପକାଇଥାଏ। ଏଥିପାଇଁ ହାଇ ହିଲ୍ ପିନ୍ଧିବା ପୂର୍ବରୁ ଏହା ଦ୍ୱାରା ହୋଇଥିବା କ୍ଷତି ବିଷୟରେ ଜାଣନ୍ତୁ ଯେତେବେଳେ ଆପଣ ହାଇ ହିଲ୍ ପିନ୍ଧି ଚାଲିଥାନ୍ତି ତେବେ ଆପଣଙ୍କ ଗୋଡ଼ ସ୍ୱାଭାବିକ ଭାବେ ବଙ୍କା ହୋଇନଥାଏ। ହିଲସରେ ଶକ୍ ଅବସରପସନ୍ ନଥାଏ ସେଥିପାଇଁ ଆପଣଙ୍କ ଆଣ୍ଠୁରେ ଚାପ ପଡ଼ିଥାଏ। ଏହା ଦ୍ୱାରା ଆପଣଙ୍କୁ ଧୀରେ ଧୀରେ ବ୍ୟଥା ଅନୁଭବ ହୋଇଥାଏ। ଅଧିକାଂଶ ମହିଳା ଅଣ୍ଟାବ୍ୟଥାର ଶିକାର ହୋଇଥାନ୍ତି। ଆଜିକାଲି ପୀଢ଼ିରେ ଏହି ସମସ୍ୟା ବଢ଼ି ବଢ଼ି ଚାଲିଛି। ଏହାର ଏକମାତ୍ର କାରଣ ହେଉଛି ଆମମାନଙ୍କ ଭୁଲ୍ ଜୀବନଶୈ ?ଳୀ। ହାଇ ହିଲ୍ ପିନ୍ଧିବା କାରଣରୁ ଅଣ୍ଟା ତଳ ବ୍ୟଥା ଆରମ୍ଭ ହୋଇଥାଏ। ହିଲ୍ ପିନ୍ଧି ଚାଲିବା କାରଣରୁ ଓଜନର ଠିକ୍ ବିତରଣ ହୋଇପାରିନଥାଏ ସେଥିପାଇଁ ଆମ ମେରୁଦଣ୍ଡରେ ଯଥେଷ୍ଟ ପ୍ରଭାବ ପଡ଼ିଥାଏ। ଯଦି ଆପଣ ସବୁଦିନ କଲେଜ କିମ୍ବା ଅଫିସ୍ ହିଲ୍ ପିନ୍ଧି ଯାଉଛନ୍ତି ତେବେ ଏହା ଆପଣଙ୍କ ପାଇଁ ବଡ଼ ଧରଣର ସମସ୍ୟା ସୃଷ୍ଟି କରିବ। ପ୍ରତିଦିନ ହିଲ୍ ପିନ୍ଧିବା ଦ୍ୱାରା ଆପଣଙ୍କ ଗୋଡ଼ ଏବଂ ଗୋଇଠିରେ ବ୍ୟଥା ସୃଷ୍ଟି ହୋଇପାରେ। ହାଇ ହିଲସର ଆକୃତି ଏପରି ହୋଇଥାଏ ଯେ ଏହା ଦ୍ୱାରା ଶିରା ପ୍ରଶିରାରେ ରକ୍ତ ପ୍ରବାହ ସଙ୍କୁଚିତ ହୋଇଯାଇଥାଏ ଯାହା ଦ୍ୱାରା ରକ୍ତ ପ୍ରବାହର ଅଭାବ ଦେଖାଯାଇଥାଏ। କିଛି କ୍ଷେତ୍ରରେ ହାଇ ହିଲ୍ ପିନ୍ଧିବା ଦ୍ୱାରା ମୁଣ୍ଡବ୍ୟଥା ମଧ୍ୟ ହୋଇଥାଏ। ବହୁବାର ରକ୍ତନଳୀ ମଧ୍ୟ ଭାଙ୍ଗିଯାଇଥାଏ। ଯଦି ଆପଣ ସବୁବେଳେ ହାଇ ହିଲସ ପିନ୍ଧୁଛନ୍ତି ତେବେ ଏହାକୁ କମ୍ କରନ୍ତୁ। ଏହା ବଦଳରେ ଆରାମଦାୟମ ଚପଲ ପିନ୍ଧନ୍ତୁ ଏବଂ ହାଇ ହିଲସର ବ୍ୟବହାର ବେଳେବେଳେ କରନ୍ତୁ। ହିଲସ୍ ପରିବର୍ତ୍ତେ ଫ୍ଲାଟସ୍ ପିନ୍ଧନ୍ତୁ। ଏହା ମଧ୍ୟ ଆପଣଙ୍କୁ ଏକ ଷ୍ଟାଇଲିସ୍ ଲୁକସ୍ ଦେଇଥାଏ।



# ଆଜିର ରାଶିଫଳ

**ମେଷ** — ମିତ୍ରମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଅନେକ କାର୍ଯ୍ୟରେ ସଫଳ ହେବେ । ବାଦବିବାଦ, ପରୀକ୍ଷା, ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ କୃତକାର୍ଯ୍ୟ ହେବେ ।

**ବୃଷ** — କର୍ମରେ ଉନ୍ନତି ସହିତ ପଦସ୍ଥ ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ମେଣ୍ଟିଯିବ । ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ତଳମୁହାଁ ହେବେ । ବାଦବିବାଦ ପରୀକ୍ଷା ପ୍ରତିଯୋଗିତା ଦେବେ।

**ମିଥୁନ** — ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ମାନସିକ ସ୍ଥିତି ଭଲ ରହିବ । ଉଦ୍ଧାର ଦେଇଥିବା ଟଙ୍କା ମିଳିଯିବା ଫଳରେ କିମ୍ବା ପୁରୁଣା ପ୍ରାପ୍ୟ ଆଦାୟ ହେବା ଫଳରେ ବ୍ୟବସାୟରେ ନିଜର ଗରିମା ବଜାୟ ରହିବ ।

**କର୍କଟ** — କର୍ମରେ ଉନ୍ନତି ,ବିଦ୍ୟାରେ ଉନ୍ନତି, କୃଷିରେ ଉନ୍ନତି, ଆକସ୍ମିକ ଅର୍ଥଲାଭ, ସୁନାମପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ । ଦୀର୍ଘଦିନର ଯୋଜନାକୁ କାର୍ଯ୍ୟକାରୀ କରିବେ ।

**ସିଂହ** — ଖେଳ, ମାଲିମୋକଦ୍ଦମାରେ ସମ୍ମାନ ଓ ପ୍ରତିଷ୍ଠା ଅତୁଟ ରହିବ । ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ । ବିରୋଧୀମାନେ ଦୂରେଇଯିବେ।

**କନ୍ୟା** — ବ୍ୟବସାୟ ପାଇଁ ଦୂରଯାତ୍ରାରେ ସଫଳତା ପ୍ରାପ୍ତି ହେବ । ପରିବାରଜନଙ୍କଠାରୁ ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ ।

**ତୁଳା** — କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତାଙ୍କର ସୁଦୃଷ୍ଟି ପ୍ରାପ୍ତି ହେବ । ଫଳରେ ସହକର୍ମୀମାନଙ୍କ୍ରକ ସମର୍ଥନ ଏବଂ ସୁଖ ସମ୍ପଦ ପ୍ରାପ୍ତି ହେବ । ପାରିବାରିକ ସମସ୍ୟାକୁ ସୁଧାରି ନେଇ ପ୍ରଶଂସିତ ହେବେ ।

**ବିଛା** — ଅଧୁରା କାର୍ଯ୍ୟ ପୂରଣ ହେବ । ନୂଆ ଜ୍ଞାନର ବୃଦ୍ଧି ହେବ । ଶୁଭ ସମାଚାର ମିଳିପାରେ । ପ୍ରେମୀ-ପ୍ରେମିକାଙ୍କ ମିଳନ ହେବ । ସାମ୍ବାଦିକମାନେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ ।

**ଧନୁ** — ଶାରୀରିକ କଷ୍ଟ ଦୂର ହୋଇ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ । କାମକାର୍ଯ୍ୟରେ ନୂଆ ଉପଲବ୍ଧି ଆପଣଙ୍କ ପ୍ରତୀକ୍ଷାରେ ରହିବ । ସମସ୍ତ କ୍ଷେତ୍ରରେ ଖୁସି ମିଳିବ ।

**ମକର** — ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ । କାମ କାର୍ଯ୍ୟର ସ୍ଥିତି ବହୁତ ସନ୍ତୋଷଜନକ ହେବ । କୌଣସି ଶୁଭକାର୍ଯ୍ୟ କରିବାକୁ ଆୟୋଜନ କରିପାରନ୍ତି।

**କୁମ୍ଭ** — ଅଧା ଅଧୁରା ଥିବା କାର୍ଯ୍ୟ ପୂରଣ ହୋଇଯିବ । ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିପାରିବେ । କୌଣସି ବନ୍ଧୁଙ୍କ ଦ୍ୱାରା ପରିବାର ସମ୍ବନ୍ଧିତ ଶୁଭ ସମାଚାର ଶୁଣିବେ ।

**ମୀନ** — ନିଜର ଚତୁରତା ଓ ବିବେକ ହେତୁ ସମସ୍ତ ବିପରୀତ ପରିସ୍ଥିତିର ସାମ୍ନା କରିପାରିବେ । ଶତ୍ରୁ ବା ବିରୋଧୀ କିଛି କ୍ଷତି କରିପାରିବେ ନାହିଁ । ଦୁଃଖୀ ଲୋକଙ୍କୁ ସାହାରା ହେବେ

# ଅଧକପାଳି ବା ମାଇଗ୍ରେନ୍ ପାଇଁ ରହିଛି ସରଳ ଘରୋଇ ଉପଚାର

ଅଧକପାଳି ମୁଣ୍ଡବିନ୍ଧା ବା ମାଇଗ୍ରେନ ଯାହାର ହୋଇଥାଏ ସେ ହିଁ କେବଳ ତାର କଷ୍ଟ ଅନୁଭବ କରିପାରେ । ଏବେ ଅଧିକାଂଶ ଲୋକ ଏହି ରୋଗରେ ପୀଡିତ ।ଯେତେବେଳେ ଏଭଳି ମୁଣ୍ଡବିନ୍ଧା ହୋଇଥାଏ ସେତେବେଳେ କଣ କରିବେ କଣ ନାହିଁ କିଛି ବୁଝାପଡିନଥାଏ । ସ୍ମାର୍ଟଫୋନ୍, ଟିଭି, କମ୍ପ୍ୟୁଟର ଏବଂ ଡେସ୍କରେ ଅଧିକାଂଶ ସମୟ ବସି କାମ କରୁଥିବା ଲୋକମାନଙ୍କ ଠାରେ ଏଭଳି ସମସ୍ୟା ବେଶୀ ଦେଖାଦେଇଥାଏ ।ଅଧକପାଳି ମୁଣ୍ଡବିନ୍ଧା ସହଜରେ କମିନଥାଏ । ଫଳରେ ଆମେ ପେନ୍ କିଲର ଔଷଧ ସେବନ କରିବାକୁ ପ୍ରାଥମିକତା ଦେଇଥାଉ । ଔଷଧ ସେବନ ଦ୍ୱାରା କିଛି ସମୟ ପର୍ଯ୍ୟନ୍ତ ତ ମୁଣ୍ଡବିନ୍ଧାରୁ ରକ୍ଷା ମିଳିଥାଏ ମାତ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥାଏ । ଏଠାରେ ଆମେ ଏଭଳି ଏକ ଉପାୟ କହୁଛୁ ଯାହା ଫଳରେ ମାଇଗ୍ରେନ ଜନିତ ମୁଣ୍ଡବିନ୍ଧା କଷ୍ଟରୁ ଆପଣ ସବୁବେଳ ପାଇଁ ରକ୍ଷା ପାଇପାରିବେ । ବାଦାମ, ଗୋଲମରିଚ, କ୍ଷୀର ଆପଣଙ୍କର ଏଭଳି ମୁଣ୍ଡବିନ୍ଧା ସମସ୍ୟାର ସମାଧାନ କରିପାରିବ । ୭ରୁ ୮ଟି ବାଦାମକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ତାର ଚୋପା ଛଡାଇ ବାଦାମକୁ ଭଲଭାବେ ପେଶୀ ଦିଅନ୍ତୁ । ଜରୁରୀ ନୁହେଁ ଯେ ଆପଣ ୭ରୁ ୮ଟି ବାଦାମ ହିଁ ନେବେ । କମ୍ ବାଦାମ ମଧ୍ୟ ଆପଣ ନେଇପାରିବେ । ଯଦି ଆପଣଙ୍କ ଆଖିକୁ ଭଲଭାବେ ଦେଖାଯାଉନାହିଁ ତେବେ ସେଥିରେ ଗୋଲମରିଚ ମଧ୍ୟ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ୨୫୦ଗ୍ରାମ କ୍ଷୀରରେ ମିଶାଇ ଦିଅନ୍ତୁ । ଏହାକୁ ଚୂଲାରେ ବସାଇ ଫୁଟାନ୍ତୁ । ୪ରୁ ୫ଥର ଫୁଟିବା ପରେ ଏଥିରେ ଏକ ଚାମଚ ଦେଶୀ ଘିଅ ଏବଂ ଦୁଇ ଚାମଚ ଚିନି ମିଶାଇ ଦିଅନ୍ତୁ । ଥଣ୍ଡା କରି ଏହି ମିଶ୍ରଣକୁ ପିଅନ୍ତୁ । ଏହାକୁ ପିଇବା ଦ୍ୱାରା ଆପଣଙ୍କର ମୁଣ୍ଡବିନ୍ଧା କମିଯିବ । ଏହାଦ୍ୱାରା ଆପଣଙ୍କ ସ୍ମରଣ ଶକ୍ତି ମଧ୍ୟ ବଢିବ । ଏହାକୁ ଲଗାତର ପିଇବାକୁ ପଡିବ । ଖାଲି ପେଟରେ ଏହି କ୍ଷୀରକୁ ପିଇବା ପରେ ୨ଘଣ୍ଟା ପର୍ଯ୍ୟନ୍ତ କିଛି ଖାଆପିଆ କରନ୍ତୁ ନାହିଁ । ଏହାକୁ ପିଇବା ଦ୍ୱାରା ତିନି ଚାରି ଦିନରେ ମୁଣ୍ଡବିନ୍ଧା ସଂପୂର୍ଣ୍ଣ ଭଲ ହୋଇଯିବ ।ବାଦାମକୁ ଭଲଭାବେ ପେଶୀ ଖାଇବା ଜରୁରୀ ଅଟେ । ଏହାଦ୍ୱାରା ବାଦାମ ପୁରା ହଜମ ହୋଇଯିବା ସହ ସଂମ୍ପୂର୍ଣ୍ଣ ଲାଭ ମିଳିଥାଏ । ଏହା ସ୍ମରଣ ଶକ୍ତି ବଢାଇବା ସହ ଆଖିର ଅନେକ ରୋଗ- କମ୍ ଦେଖାଯିବା, ଆଖି ଥକିଯିବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଦୂର ହୋଇଯିବ । ବାଦାମରେ ଆଣ୍ଟିଅକ୍ସିଡେଣ୍ଟ ଭରି ରହିଛି । ଯାହା ଅବସାଦ ଦୂର କରିଥାଏ । ମସ୍ତିସ୍କକୁ ଶିଥିଳ ରଖିଥାଏ । ଡିପ୍ରେସନ୍ ମଧ୍ୟ ଦୂର ହୋଇଥାଏ । ଡାଇବେଟିସ୍ ରୋଗୀମାନଙ୍କ ପାଇଁ ବାଦାମ ବହୁତ ଉପଯୋଗୀ ହୋଇଥାଏ । ଶରୀରରେ ଇନସୁଲିନ ମାତ୍ରାକୁ ନିୟନ୍ତ୍ରିତ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିଥାଏ । ବାଦାମରେ ପ୍ରୋଟିନ, ଫାଇବର ଏବଂ ମ୍ୟାଗ୍ନେସିୟମ ଭରପୁର ରହିଥାଏ । ଶରୀରରେ ଆଲଫା-୧ ଏଚଡିଏଲ ଲେଭଲକୁ ବାଦାମ ବଢାଇଥାଏ । କୋଲୋଷ୍ଟୋରଲକୁ ନିୟନ୍ତ୍ରିତ କରି ହୃଦ୍ ରୋଗରୁ ରକ୍ଷା କରିଥାଏ । ବାଦାମରେ ଭିଟାମିନ୍-ଇ ଥାଏ । ଏହା ତ୍ୱଚାକୁ ପୋଷଣ ଦେଇଥାଏ ଫଳରେ ତ୍ୱଚାକୁ ଶୁଖିଲା ହେବାରୁ ରକ୍ଷା କରିଥାଏ । ଏଥିରେ ଅଧିକ ମାତ୍ରାରେ ଫାଇଭର ରହିଥାଏ । ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ ।

# ଚକଲେଟ କାହିଁକି ଖାଇବା ?



ଚକଲେଟ ଖାଇବା ପାଇଁ କିଏ ବା ଭଲ ନପାଏ । ଚକଲେଟ ପ୍ରତି ମଣିଷର ଏକ ଅହେତୁକ ଦୁର୍ବଳତା ରହିଛି । ତେବେ ଚକଲେଟର ବହୁତ ଭଲ ଗୁଣ ରହିଛି । କିନ୍ତୁ ଆମେ ଜାଣିରଖିବା ଉଚିତ ଯେ, ଯେକୌଣସି ଜିନିଷ ଦରକାରଠୁ ଅଧିକ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ୧. ଚକଲେଟ ଖାଇବା ଦ୍ୱାରା ଶରୀରରେ ରକ୍ତ ସଂଚାଳନ ଭଲ ହୋଇଥାଏ । ଫଳରେ ହୃଦଘାତର ସମସ୍ୟା ଦେଖାଦେଇନଥାଏ । ଚକଲେଟ ଖାଇବା ଦ୍ୱାରା ଶିରା ପ୍ରଶିରା ସୁସ୍ଥ ରହେ । ୨.ଚକଲେଟ ଖାଇବା ଦ୍ୱାରା କ୍ୟାନସର ଏବଂ ଆଲଜିମର ଭଳି ରୋଗରୁ ମୁକ୍ତି ମିଳିଥାଏ । ଚକଲେଟରେ ପେଣ୍ଟମେରିକ ପ୍ରୋସିନିଡିନ ନାମକ ଏକ ଯୌଗିକ ପଦାର୍ଥ ରହିଛି ଯାହା ଶରୀରରେ କ୍ୟାନସରର ମାତ୍ରାକୁ ନିୟନ୍ତ୍ରଣ କରିଥାଏ । ୩. ଚକଲେଟ ତ୍ୱଚା ପାଇଁ ଭଲ ନୁହଁ କିନ୍ତୁ ସୂର୍ଯ୍ୟର କ୍ଷତିକାରକ ରଶ୍ମି ପାଇଁ ଏହା ଲାଭଦାୟକ । କୋକୋରେ ଥିବା ସଲିଡ଼ ଏବଂ ଫ୍ଲାବନଏଡ ଚର୍ମ କ୍ୟାନସରରୁ ସୁରକ୍ଷା ଦେଇଥାଏ । ୪. ଗବେଷଣାରୁ ଜଣାପଡିଛି ଯେ, ଡାର୍କ ଚକଲେଟରେ ପଲିଫେନଲ ରହିଥାଏ ଯାହାକି ଶରୀରରେ ନାଏରିକ ଅକ୍ସାଇଡ ନାମକ ଜୈବିକ ଉପାଦାନ ଉତ୍ପାଦନ କରିଥାଏ । ଯାହା ଫଳରେ ଶରୀରରେ ରକ୍ତ ସଂଚାଳନ ଭଲ ଭାବେ ହୋଇଥାଏ । ୫. ଚକଲେଟରୁ ଆମକୁ ଶକ୍ତି ମିଳିଥାଏ । ଯେଉଁମାନେ ଜିମରେ ଅଧିକ ପରିଶ୍ରମ କରୁଛନ୍ତି ସେମାନଙ୍କ ପାଇଁ ଜିମ ପୂର୍ବରୁ ଚୋକଲେଟ ଖାଇବା ବହୁତ ଲାଭଦାୟକ । ଚକଲେଟ ଶରୀରକୁ ସଠିକ ପରିମାଣର ଶକ୍ତି ଏବଂ ତାକତ ଯୋଗେଇଥାଏ । ୬.ଡାର୍କ ଚକଲେଟ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ବଢିଥାଏ । ଯଦି ଆପଣ ଚଷମା ପିନ୍ଧୁଥିବେ ତେବେ ଡାର୍କ ଚକଲେଟ କିମ୍ବା ମିଲ୍କ ଚକଲେଟ ଖାଇବା ପରେ ଧୀରେ ଧୀରେ ଆପଣଙ୍କ ଦୃଷ୍ଟି ଶକ୍ତି ମଧ୍ୟ ତୀକ୍ଷ୍ଣ ହେବ । ୭. ସାଧାରଣତଃ ଦେଖାଯାଏ ଯେଉଁମାନେ ନିଜର ଓଜନ କମ କରିବାକୁ ଚାହୁଁଥାନ୍ତି କିମ୍ବା ଡାଏଟିଂରେ ଥାଆନ୍ତି ସେମାନଙ୍କୁ ଚକଲେଟ ଖାଇବାକୁ ବାରଣ କରାଯାଇଥାଏ । ତେବେ ଡାର୍କ ଚକଲେଟ ଓଜନ ହ୍ରାସ କରିବା, ତୃଷ୍ଣା ମେଂଟାଇବା, ବ୍ଲଡ଼ ସୁଗାର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ସହ ଭୋକ ମଧ୍ୟ ନିୟନ୍ତ୍ରଣ କରିଥାଏ । ୮. ଡାର୍କ ଚକଲେଟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବଢିଥାଏ । ଏହା ଫଳରେ ମସ୍ତିସ୍କକୁ ରକ୍ତ ସଂଚାଳନ ଭଲ ଭାବରେ ହୋଇଥାଏ ।

# ପୋଷ୍ଟ ପେମେଣ୍ଟ ବ୍ୟାଙ୍କକୁ ସରକାରୀ ସହାୟତା

ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବେ ସରକାର । ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ୮୨୦ କୋଟି ଟଙ୍କା ସହାୟତା ଉପରେ ମଞ୍ଜୁରୀ ପ୍ରଦାନ କରିଛି । ଏକ ବିଶେଷ ସୂତ୍ରରୁ ବୁଧବାର ଜଣାପଡ଼ିଛି । ଏହି ସହାୟତା ରାଜ୍ୟ ଅଧିନରେ ପରିଚାଳିତ ହେଉଥିବା ପେମେଣ୍ଟ ବ୍ୟାଙ୍କ ଗୁଡ଼ିକୁ ମିଳିବ । ଯାହାଦ୍ୱାରା ପଛରେ ରହିଯାଉଥିବା ଏହି ମିନି ବ୍ୟାଙ୍କ ଦେଶର ଅର୍ଥନୈତିକ କ୍ଷେତ୍ରର ଉନ୍ନତି କରିବେ । ସତନ୍ତ୍ର ଭାବେ ଗ୍ରାମାଞ୍ଚଳରେ ଚାଲୁଥିବା ବ୍ୟାଙ୍କ ଏବଂ ଆର୍ଥିକ ଅନଗ୍ରସର ଅଞ୍ଚଳରେ ଥିବା ବ୍ୟାଙ୍କ ଗୁଡ଼ିକୁ ଏହି ସହାୟତା ମିଳିବା ନେଇ ଜଣାପଡ଼ିଛି । ଖବର ସରବରାହ ସଂସ୍ଥା ପିଟିଆଇକୁ ମିଳିଥିବା ସୂଚନା ଅନୁସାରେ, ଏହା ଏକ ପ୍ରସ୍ତାବ ଯାହାକୁ କ୍ୟାବିନେଟ୍ ? ମଞ୍ଜୁରୀ ଦେଇଛି । ଏହା ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ଦେଶରେ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ୫ କୋଟିରୁ ଅଧିକ ଅକାଉଣ୍ଟ ରହିଛି । ଯାହାକି ୧.୩୬ ଲକ୍ଷ ବ୍ରାଞ୍ଚ ସାହାଯ୍ୟରେ ପରିଚାଳିତ ହେଉଛି । ପାଖାପାଖି ୪୮ ପ୍ରତିଶତ ମହିଳା ଏଥିରେ ଆକାଉଣ୍ଟ ଖୋଲିଛନ୍ତି । ଏହି ବ୍ୟାଙ୍କ ଦ୍ୱାରା ସରକାରଙ୍କ ସାମାଜିକ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରୁଛି । ସରକାରଙ୍କ ସହୟତା ପରେ ଏଗୁଡ଼ିକ ଆହୁରି ଉନ୍ନତି କରିବେ ବୋଲି ଉତ୍ସରୁ ଜଣାପଡ଼ିଛି ।




## ଫିଲ୍ମ ଟକ୍

# ଏଲନ୍ ମସ୍କଙ୍କ ହୃଦୟରେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କ ଅନ୍ଦାଜରେ ଫ୍ୟାନ୍ସଙ୍କୁ ଦିୱାନା କରିଥାନ୍ତି। ତାଙ୍କର ଫ୍ୟାନ୍ ଫଲୋଇଂ ସାରା ବିଶ୍ୱରେ ରହିଛି। ସାଧାରଣ ଲୋକଙ୍କ ଠାରୁ ନେଇ ସେଲିବ୍ରିଟି ପର୍ଯ୍ୟନ୍ତ ଏଥିରେ ଅନ୍ତର୍ଭୁକ୍ତ। ଏହି ସମୟରେ, ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ଏକ ଟୁଇଟ୍ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାକୁ ନେଇ କୁହାଯାଉଛି, ସେ ବି ଦୀପିକାଙ୍କ ଦିୱାନା। ଅଭିନେତ୍ରୀଙ୍କ ଫ୍ୟାନ୍ସଙ୍କୁ ଏଲନ୍ ମସ୍କଙ୍କ ଏହି ଟ୍ୱିଟ୍ ଖୁବ୍ ପସନ୍ଦ ଆସୁଛି। ଯେଉଁଥିପାଇଁ ଲୋକମାନେ ଏହାକୁ ନେଇ ଆଲୋଚନା କରୁଛନ୍ତି ଏବଂ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି। ଏଲନ୍ ମସ୍କ ବର୍ତ୍ତମାନ ମାଇକ୍ରୋବ୍ଲଗିଂ ସାଇଟ୍ ଟ୍ୱିଟରର ନୂଆ ମାଲିକ ହେବାର ଖବର ହେତୁ ଆଲୋଚନାରେ ଅଛନ୍ତି। ଏଥି ମଧ୍ୟରେ ବଲିଉଡର ମସ୍ତାନୀଙ୍କ ପ୍ରତି ତାଙ୍କର ପ୍ରେମ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ଅନୁଯାୟୀ, ଦୀପିକା ଏବଂ ରଣଭୀର ସିଂହଙ୍କ ଷ୍ଟାରର୍ 'ବାଜିରାଓ ମସ୍ତାନୀ'ର ରିଲିଜ୍ ସମୟରେ ମସ୍କ ତାଙ୍କ ଟ୍ୱିଟର ହ୍ୟାଣ୍ଡେଲରୁ ଏକ ଟୁଇଟ୍ କରିଥିଲେ। ଯେଉଁଥିରେ ସେ ରଣଭୀର ସିଂହଙ୍କ ଲୁକ୍‌ର ଏକ ଏଓର୍ ସେୟାର କରିଥିଲେ। ଏହା ସହିତ ସେ ୟୁଟ୍ୟୁବ୍ ଭିଡିଓର ଲିଙ୍କ୍ ଆଟାଚ୍ କରିଥିଲେ। ଯାହାକୁ କ୍ଲିକ୍ କଲେ ଦୀପିକାଙ୍କ ଗୀତ 'ଦିୱାନୀ ମସ୍ତାନୀ' ଆସେ। ଏଥି ସହିତ ସେ କ୍ୟାପସନରେ 'ବାଜିରାଓ ମସ୍ତାନୀ' ଲେଖି ହଳଦିଆ ହାର୍ଟ ଇମୋଜି ସେୟାର କରିଥିଲେ। ମସ୍କଙ୍କ ଏହି ଟ୍ୱିଟ୍ ଦର୍ଶାଯାଉଛି, ତାଙ୍କୁ ଫିଲ୍ମ 'ବାଜିରାଓ ମସ୍ତାନୀ' କେତେ ପସନ୍ଦ ଆସିଛି, ବିଶେଷକରି ଦୀପିକାଙ୍କ ଭୂମିକା।





ଇଣ୍ଡୋ-ତିବ୍ବତ ସୀମା ପୋଲିସ ମହାନିର୍ଦ୍ଦେଶକ ଅତୀଶ ଦୟାଲସିଂଙ୍କଠାରୁ ମୋମେଣ୍ଟୋ ଗ୍ରହଣ କରୁଛନ୍ତି କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ



ଇଣ୍ଡିଆନ କାଉନସିଲ ଅଫ୍ ଫରେନ୍ ଆଫେୟାର୍ସ ସଂଗଠନ ଦ୍ୱାରା ପ୍ରକାଶିତ ପୁସ୍ତକକୁ ଆୟାସଡର ବିଜୟା ଠାକୁର ସିଂ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବଙ୍କୁ ପ୍ରଦାନ କରୁଛନ୍ତି



କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବଙ୍କୁ ଦିଲ୍ଲୀ ହିନ୍ଦୁ କଲେଜ ଅଧକ୍ଷା ୧୨୫ତମ ବାର୍ଷିକୀର ମୋମେଣ୍ଟୋ ପ୍ରଦାନ କରୁଛନ୍ତି

## ଚୀନ୍‌କୁ ଭାରତର ଚେତାବନୀ
# ଚୁକ୍ତି ଉଲ୍ଲଂଘନ କଲେ ସଂପର୍କ ପ୍ରଭାବିତ ହେବ



ନୂଆଦିଲ୍ଲୀ: ସାଂଘାଇ ସହଯୋଗ ସଂଗଠନ (ଏସସିଓ) ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଭାରତ ଏବଂ ଚୀନ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ଭାରତ ଚୀନକୁ ସ୍ପଷ୍ଟ ବାର୍ତ୍ତା ଦେଇଛି। ଚୀନ୍ ଶାନ୍ତି ଚୁକ୍ତିଗୁଡ଼ିକୁ ଉଲ୍ଲଂଘନ କରୁଥିବାରୁ ଦ୍ୱିପାକ୍ଷିକ ସଂପର୍କ ପ୍ରଭାବିତ ହେଉଛି ବୋଲି ଭାରତ କହିଛି। ସୀମାରେ ବର୍ତ୍ତମାନ ରହିଥିବା ଜରୁରୀକାଳୀନ ପରିଚାଳନା ବ୍ୟବସ୍ଥା ସ୍ୱାଭାବିକ ହେଲା ପରେ ହିଁ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ହୋଇପାରିବ। ଚାରଡିଙ୍ଗ୍ ନିଙ୍ଗଲୁଙ୍ଗ ନଲ୍ଲା (ସିଏନଏନ) ସେକ୍ଟର ସମେତ ଡେମଚୋକ ଏରିଆ ଏବଂ ଦୌଲେତ ବେଗ୍ ଓଲଡି (ଡିବିଓ) ସେକ୍ଟରର ଦେପସାଙ୍ଗ୍ ପ୍ଲେନରୁ ଫ୍ରିକ୍ସନ ପଏଣ୍ଟ୍ ହଟାଇ ପୂର୍ବ ଲଦାଖ ଅଞ୍ଚଳରେ ଚୀନକୁ ସ୍ଥିତି ସ୍ୱାଭାବିକ କରିବାକୁ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଅଷ୍ଟାଦଶ ପର୍ଯ୍ୟାୟ ସାମରିକ ସ୍ତରୀୟ କଥାବାର୍ତ୍ତାରେ ଚୀନ ଭାରତକୁ କହିଥିଲା ଯେ ପୂର୍ବ ଲଦାଖରେ ସୀମା ସ୍ୱାଭାବିକ ହୋଇଛି। ତେଣୁ ୨୦୨୦ ମେ ପୂର୍ବର ଦ୍ୱିପାକ୍ଷିକ ସଂପର୍କ ଫେରାଇ ଅଣାଯିବା ଆବଶ୍ୟକ। କିନ୍ତୁ ଗତ ଫେବ୍ରୁଆରିରେ ଦିଆଯାଇଥିବା ସୂଚନାର ଏହା ବୀପରିତ। ବେଜିଂ ପକ୍ଷରୁ ଜାରି ପ୍ରେସ ଇସ୍ତାହାରରେ କୁହାଯାଇଛି ସୀମା ସ୍ଥିତି ସ୍ୱାଭାବିକ କରିବା ଲାଗି ଦୁଇ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି ଏବଂ ସେମାନେ ପରିସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ କରିବେ ବୋଲି ରାଜି ହୋଇଛନ୍ତି। ଅର୍ଥାତ୍ ପୂର୍ବ ଲଦାଖରେ ସୀମା ପରିଚାଳନା ଏବେ ବି ଅସ୍ଥାୟୀ ପର୍ଯ୍ୟାୟରେ ରହିଛି ବୋଲି ଭାରତ ସ୍ପଷ୍ଟ କରିଦେଇଛି।

## ଶିବସେନା ସମ୍ପତ୍ତି ସିନ୍ଦେ ଗୋଷ୍ଠୀକୁ ହସ୍ତାନ୍ତର ହେବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ନିକଟରେ ଶିବସେନାର ସମସ୍ତ ଦଳୀୟ ସମ୍ପତ୍ତି ଅଛି। ତେବେ ଏହି ସମସ୍ତ ସେନା ସମ୍ପତ୍ତିକୁ ଶିବସେନା-ୟୁବିଟିରୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାକୁ ହସ୍ତାନ୍ତର କରିବାପାଇଁ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ହୋଇଥିଲା। କିନ୍ତୁ କୋର୍ଟ ଏହି ଆବେଦନ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପିଏସ୍ ନରସିଂହଙ୍କ ଖଣ୍ଡପୀଠ ଆବେଦନକାରୀ ଆଶୀଷ ଗିରିଙ୍କ



ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ଆବେଦନକାରୀଙ୍କୁ କହିଛନ୍ତି, ଆପଣ କିଏ ଏବଂ ଆପଣ କ'ଣ କହିବାକୁ ଚାହାନ୍ତି। ଏହା କି ପ୍ରକାରର ଆବେଦନ। ଆପଣଙ୍କ ଆବେଦନର ଶୁଣାଣି କରିହେବନି। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟ ସିନ୍ଦେ ଏବଂ ଠାକ୍ରେ ଗୋଷ୍ଠୀର ବିଭିନ୍ନ ଆବେଦନର ଶୁଣାଣି କରି ଗତ ମାର୍ଚ୍ଚ ୧୬ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ।

## କେଜରିୱାଲ୍‌ଙ୍କ ଘର ନବୀକରଣର ତଦନ୍ତ ଆଦେଶ ଦେଲେ ଉପରାଜ୍ୟପାଳ

ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କ ସରକାରୀ ବାସଭବନ ନବୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ସଂକ୍ରାନ୍ତ ରିପୋର୍ଟ ବିଷୟରେ ଅବଗତ ହୋଇ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଆଜି ଘଟଣାର ତଦନ୍ତ ଆଦେଶ ଦେବା ସହିତ ଦିଲ୍ଲୀ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀର ସିଭିଲ୍ ଲାଇନ୍ସସ୍ଥିତ ୬, ଫ୍ଲାଗ୍‌ଷ୍ଟାଫ୍ ରୋଡ୍ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ସେ ?ନ୍ଦର୍ଯ୍ୟକରଣ ବାବଦରେ ୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି 'ବିଜେପି' ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ନାଁରେ ଅଭିଯୋଗ କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଏ ଘଟଣାରେ ଦିଲ୍ଲୀ ସରକାରଙ୍କ ରେକର୍ଡ ଯାଞ୍ଚ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ଉପରାଜ୍ୟପାଳ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ ଜାରି କରିଥିବା ବିବୃତିରେ ଉଲ୍ଲେଖ ଅଛି, ବାସଭବନ ନବୀକରଣରେ ହୋଇଥିବା ଅନିୟମିତତା ସଂକ୍ରାନ୍ତରେ ଗଣମାଧ୍ୟମ ରିପୋର୍ଟରୁ ଅବଗତ ହେବା ପରେ ଘଟଣାର ସମ୍ବେଦନଶୀଳତା ପ୍ରତି ଦୃଷ୍ଟି ଦେଇ ଦିଲ୍ଲୀ ଉପରାଜ୍ୟପାଳ ଏହି ଘଟଣା ସହିତ ସମ୍ପୃକ୍ତ ଥିବା ସମସ୍ତ ରେକର୍ଡ ବା ଫାଇଲ୍ ଆଦି ସୁରକ୍ଷିତ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୁଖତାର୍ ଅନସାରୀକୁ ୧୦ବର୍ଷ ଜେଲଦଣ୍ଡ

ଲକ୍ଷ୍ନୌ: ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ମୁଖତାର୍ ଅନସାରୀକୁ ମିଳିଲା ୧୦ବର୍ଷ ଜେଲ ଦଣ୍ଡ। ଶନିବାର ଗାଜିପୁରର ଏକ କୋର୍ଟ ଗ୍ୟାଙ୍ଗଷ୍ଟର-ରାଜନେତା ମୁଖତାର୍ ଅନସାରୀକୁ ଅପହରଣ ଓ ହତ୍ୟା ମାମଲାରେ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଗ୍ୟାଙ୍ଗଷ୍ଟର ଅଧିନିୟମ ଅନୁଯାୟୀ ଏମପି-ଏମଏଲଏ କୋର୍ଟ ମୁଖତାର୍ ଅନସାରୀ ବିରୋଧରେ ଏହି ରାୟ ଶୁଣାଇଛନ୍ତି ଏବଂ ତାକୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖତାର୍ ଅନସାରୀ ଏବଂ ତା' ବଡ଼ ଭାଇ ତଥା ବିଏସପି ସାଂସଦ ଅଫଜଲ ଅନସାରୀ ବିରୋଧରେ ଚାଲିଥିବା ଅପହରଣ ଓ ହତ୍ୟା ମାମଲାର ଶୁଣାଣି ପୂର୍ବରୁ କୋର୍ଟ ବାହାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ୫ଥର ବିଧାୟକ ହୋଇଥିବା ମୁଖତାର ଅନସାରୀ ଉପରେ ୧୯୯୬ରେ



ବିଶ୍ୱ ହିନ୍ଦୁ ପରିଷଦ ନେତା ନନ୍ଦକିଶୋର ରଙ୍ଗଟାଙ୍କ ଅପହରଣ ଓ ୨୦୦୫ରେ ବିଜେପି ବିଧାୟକ କ୍ରିଷ୍ଣାନନ୍ଦ ରାୟଙ୍କ ହତ୍ୟା ଆରୋପ ଲାଗିଥିଲା। ଏବେ ମୁଖତାରକୁ ଦଣ୍ଡ ଦିଆଯାଇଥିବା ବେଳେ ତା' ଭାଇକୁ ଆଗାମୀ ଦିନରେ ଦଣ୍ଡ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୯, ୨୦୦୫ରେ ପୂର୍ବାଚଳରେ ଏକ ବଡ଼ ଧରଣର ହତ୍ୟାକାଣ୍ଡ ସମଗ୍ର ରାଜ୍ୟକୁ ଥରାଇ ଦେଇଥିଲା। ଏହି ହତ୍ୟା ଗାଜୀପୁରର ମହମ୍ମଦାବାଦରୁ ବିଜେପି ବିଧାୟକ ଥିବା କୃଷ୍ଣାନନ୍ଦ ରାୟଙ୍କର ଥିଲା। ବିଧାୟକ କୃଷ୍ଣାନନ୍ଦ ରାୟଙ୍କ ସମେତ ୭ଜଣଙ୍କୁ ମହମ୍ମଦାବାଦର ବସନିଆ ଚଟ୍ଟିରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଏକେ-୪୭ ମଧ୍ୟ ବ୍ୟବହୃତ ହୋଇଥିଲା। ୨ବର୍ଷ ପରେ ୨୦୦୭ରେ ଏହି ଘଟଣାକୁ ନେଇ ଗ୍ୟାଙ୍ଗଷ୍ଟର ଅଧିନିୟମ ଅନୁଯାୟୀ ମୁଖତାର୍ ଅନସାରୀ, ତା' ଭାଇ ଅଫଜଲ ଅନସାରୀ ଏବଂ ତାଙ୍କ ଭିଣୋଇ ଏଜାଜୁଲ ହକ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣା ସହ ବିଶ୍ୱ ହିନ୍ଦୁ ପରିଷଦର କୋଷାଧ୍ୟକ୍ଷ ତଥା କୋଇଲା ବ୍ୟବସାୟୀ ନନ୍ଦକିଶୋର ରଙ୍ଗଟା ଅପହରଣ ମାମଲାରେ ମଧ୍ୟ ଯୋଡ଼ା ଯାଇଥିଲା।

## ତୈଳ ଡିପୋରେ ବଡ଼ଧରଣର ଅଗ୍ନିକାଣ୍ଡ

ମସ୍କୋ : ଡ୍ରୋନ୍ ଷ୍ଟ୍ରାଇକ୍ ଯୋଗୁ ମସ୍କୋରେ ଅବସ୍ଥିତ କ୍ରିମିଆ ସେବାଷ୍ଟୋପୋଲର ବନ୍ଦରର ଏକ ଇନ୍ଧନ ଡିପୋରେ ଶନିବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଇନ୍ଧନ ସଂରକ୍ଷଣ କେନ୍ଦ୍ର ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିବା ନେଇ ରାଜ୍ୟପାଳ କହିଛନ୍ତି। ମିଖାଇଲ ରଜଭୋଜାଏଭ୍ କହିଛନ୍ତି, ଏହି ଡିପୋ ଏବେବି ଜଳୁଛି। ତେବେ ଏହି ଅଘଟଣରେ କୌଣସି କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। ରାଜ୍ୟପାଳ କହିଛନ୍ତି, ନିଆଁ ଏତେ ଭୟଙ୍କର ଥିଲା ଯେ, ଦୂର ଆକାଶରେ ଧୂଆଁ ଛାଇଯାଇଥିଲା। ସେ କ୍ରିମିଆବାସୀଙ୍କୁ ଶାନ୍ତ ରହିବାକୁ ନିବେଦନ କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ସାଧାରଣ ନାଗରିକଙ୍କ ପାଇଁ କ କୌଣସି ବିପଦ ନାହିଁ ବୋଲି କହିଛନ୍ତି।

# ବାଇଡେନଙ୍କୁ ଅପମାନିତ କଲେ କିମ୍‌ଙ୍କ ଭଉଣୀ

ପ୍ୟୋଙ୍ଗୟାଙ୍ଗ : ଉତ୍ତର କୋରିଆ ନେତା କିମ ଜୋଙ୍ଗ ଉନଙ୍କ ଶକ୍ତିଶାଳୀ ଭଉଣୀ କିମ ୟୋ ଜୋଙ୍ଗ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଅପମାନିତ କରିଛନ୍ତି। ସେ କହିଛନ୍ତି, ଆମେରିକା ଏବଂ ଦକ୍ଷିଣ କୋରିଆ ଚୁକ୍ତି ପ୍ୟୋଙ୍ଗୟାଙ୍ଗ ପ୍ରତି ସେମାନଙ୍କର ଅତ୍ୟଧିକ ଶତ୍ରୁତାକୁ ପ୍ରତିଫଳିତ କରୁଛି। ତେଣୁ ଏହାର ଏକ ଉପଯୁକ୍ତ ଉତ୍ତର ଦିଆଯିବ ବୋଲି ।

ଉତ୍ତର କୋରିଆ ନିଜର ସାମରିକ ଶକ୍ତିର ଅଧିକ ଉତ୍ତେଜନାମୂଳକ ପ୍ରଦର୍ଶନ କରିବ। ଯଦି କୋରିଆ ଉପଦ୍ୱୀପ ନିକଟରେ ସାମରିକ ଅଭ୍ୟାଦ ସଂଖ୍ୟା ବୃଦ୍ଧି ପାଏ, ତେବେ ନିଶ୍ଚିତ ଭାବେ ତାଙ୍କ ଦେଶ ଏହାର ଜବାବ ଦେବ । ଏପ୍ରିଲ ୨୬ ରେ ଆମେରିକା ଏବଂ ଦକ୍ଷିଣ କୋରିଆ କିମ ଜୋଙ୍ଗ ଉନଙ୍କୁ ଚେତାବନୀ ଦେଇଥିଲେ, ଯଦି କିମ ଜୋଙ୍ଗ ଉନ ସାହସ ଦେଖାଇବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଏକ ଉପଯୁକ୍ତ ଉତ୍ତର ଦେବେ ଏବଂ ପରମାଣୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସହିତ ତାଙ୍କର ଶାସନର ଅନ୍ତ ଘଟାଇବେ। ଏହା ଦ୍ୱାରା କୋରିଆ ଉପଦ୍ୱୀପରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଶିଖର ସମ୍ମିଳନୀରେ ଆମେରିକା ଏବଂ ଦକ୍ଷିଣ ଆମେରିକା ନୂତନ ଆଣବିକ ନିରାକରଣ ଉଦ୍ୟମ



ଘୋଷଣା କରିଥିଲେ। ଉତ୍ତର କୋରିଆର ଆଣବିକ ଆକ୍ରମଣ, ଆଣବିକ ପରାମର୍ଶଦାତା ଗୋଷ୍ଠୀ ଗଠନ ଏବଂ ଆଣବିକ ତଥା ରଣନୈତିକ ଅସ୍ତ୍ରଶସ୍ତ୍ର କାର୍ଯ୍ୟ ଯୋଜନା ଉପରେ ସୂଚନା ବାଣ୍ଟିବାରେ ଉନ୍ନତି ଆଣିବା ପାଇଁ ଦ୍ୱିପାକ୍ଷିକ ରାଷ୍ଟ୍ରପତିଙ୍କ ପରାମର୍ଶ ପାଇଁ ମଧ୍ୟ ଦୁଇ ଦେଶ ପ୍ରତିଶ୍ରୁତି ଦେଇଛନ୍ତି।

## ଗୋଡେନ ଗ୍ଲୋବ ରେସ ଜିତି ଇତିହାସ ରଚିଲେ ଅଭିଳାଷ

ପ୍ୟାରିସ : ଭାରତୀୟ ନୌସେନାର ପୂର୍ବତନ କମାଣ୍ଡର ଅଭିଳାଷ ଟମି ଗୋଲଡେନ ଗ୍ଲୋବ ରେସରେ ଜିତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ଦୁନିଆର ସବୁଠାରୁ କଠିନ ସୋଲୋ ନନ-ଷ୍ଟପ ରେସ ଭାବରେ ପରିଗଣିତ। ଅଭିଳାଷ ଆଜି ତାଙ୍କରେସକୁ ସମାପ୍ତ କରିଛନ୍ତି। ୨୯ ଏପ୍ରିଲରେ ଫ୍ରାନ୍ସର ଲେସ ସାବଲ୍ସ ଡି ଓଲୋନେରେ ସେ ଏହାକୁ ଶେଷ କରିଛନ୍ତି। ଏହାର ପ୍ରଥମ ସ୍ଥାନ ଦକ୍ଷିଣ ଆଫ୍ରିକାର ନାବିକ କିର୍ଷ୍ଟେନ ନେଉଚାଫର ହାସଲ କରିଛନ୍ତି। ଏହାପୂର୍ବରୁ ଅଭିଳାଷ ୨୦୧୮ ରେ ମଧ ସେ ଗୋଲଡେନ ଗ୍ଲୋବ ରେସରେ ଭାଗ ନେଇଥିଲେ, ଯାହା ତାଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ପ୍ରମାଣିତ ହୋଇଥିଲା। ସେତେବେଳେ ଅଭିଳାଷ ମୃତ୍ୟୁ ମୁହଁରେ ପହଞ୍ଚିଥିଲେ। ତାଙ୍କୁ ଏପରି କିଛି ଆଘାତ ହୋଇଥିଲା ଯାହା ତାଙ୍କୁ ପକ୍ଷାଘାତର ଶିକାର କରିବାର ଆଶଙ୍କା ଥିଲା। ଅଭିଳାଷ ୨୨ ମାର୍ଚ୍ଚ ୨୦୨୨ ରେ ଗୋଲଡେନ ଗ୍ଲୋବ ରେସ୨୦୨୨ରେ ଅଂଶଗ୍ରହଣ କରିବାକୁ ଘୋଷଣା କରିଥିଲେ।

# ପାଞ୍ଚୋଲିଙ୍କ ବିରୋଧରେ ଚାଲିଥିବା ମାମଲାକୁ ନଷ୍ଟ କରିଦେଲେ ଜିଆ ଖାନ୍‌ଙ୍କ ମାଆ: ଅଦାଲତ

ମୁମ୍ବାଇ: ପରସ୍ପର ବିରୋଧୀ ବୟାନ ଦେଇ ଏବଂ ତଥ୍ୟ ଚପାଇ ରଖି ଅଭିନେତ୍ରୀ ଜିଆ ଖାନ୍‌ଙ୍କ ମାଆ ଅଭିନେତା ସୂରଜ ପାଞ୍ଚୋଲିଙ୍କ ନାଁରେ ଚାଲିଥିବା ମାମଲାକୁ ନଷ୍ଟ କରିଦେଲେ ବୋଲି ଶୁକ୍ରବାର ରାୟରେ ସ୍ୱତନ୍ତ୍ର 'ସିବିଆଇ' ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ଯଥେଷ୍ଟ ପ୍ରମାଣ ଅଭାବରୁ ଶୁକ୍ରବାର ଦିନ ସ୍ୱତନ୍ତ୍ର 'ସିବିଆଇ' ଅଦାଲତ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ତାଙ୍କର ବୟଫ୍ରେଣ୍ଡ୍ ସୂରଜ ପାଞ୍ଚୋଲିଙ୍କୁ ଦୋଷମୁକ୍ତ କରିଥିଲେ। ଅଦାଲତ କହିଛନ୍ତି, ଅଭିଯୋଗକାରିଣୀ (ରାବିୟା ଖାନ୍) ଦାଖଲ କରିଥିବା ପ୍ରମାଣରେ ଉଭୟ ତଦନ୍ତକାରୀ ଏଜେନ୍ସିଙ୍କୁ ଦୋଷ ଦେଇଛନ୍ତି। ସେ କହିଛନ୍ତି ଯେ, ସେମାନେ ସମୁଚିତ ଓ ସଠିକ ତଦନ୍ତ କରିପାରିନାହାନ୍ତି। ଏଭଳି ପରସ୍ପର ବିରୋଧୀ ସ୍ପଷ୍ଟ ବୟାନ ଦେଇ ନିଜେ ଅଭିଯୋଗକାରିଣୀ ମାମଲାକୁ ନଷ୍ଟ କରି ଦେଇଛନ୍ତି। ଅଭିଯୋଗକାରିଣୀ ବିଚାର ପ୍ରକ୍ରିୟା ଉପରେ ଅବିଶ୍ୱାସ କରିଥିବା କଥା ସ୍ପଷ୍ଟରୂପେ



ଦର୍ଶାଇଛନ୍ତି। ଆତ୍ମହତ୍ୟା ମାମଲାର ବିଚାର ଚାଲିଥିବା ବେଳେ ଅଭିଯୋଗକାରିଣୀ କହିଲେ ତାହା ନରହତ୍ୟା ମାମଲା। କିନ୍ତୁ, ଏହି ମାମଲାରେ ନରହତ୍ୟା ଅଭିଯୋଗ ହୋଇ ନ ଥିଲା। ବାସ୍ତବରେ କହିବାକୁ ଗଲେ, ନିଜେ ଅଭିଯୋଗକାରିଣୀ ଚାଲିଥିବା ଅପରାଧିକ ମାମଲା ବିଚାରକୁ ଅଗ୍ରାହ୍ୟ କରି ତାଙ୍କ ପୂର୍ବ ବୟାନକୁ ଅଗ୍ରାହ୍ୟ କରିଦେଲେ। ଏବଂ ସୀମିତ ପ୍ରମାଣ ଆଧାରରେ ବିଚାର ଚାଲୁ ରଖିବାକୁ କହିଲେ। ଏହାଛଡ଼ା, ନିଜ ବ୍ୟତୀତ ବାକି ସମସ୍ତଙ୍କ ଉପରେ ଜିଆଙ୍କ ମାଆ ସନ୍ଦେହ କରୁଥିବା କଥା ମଧ୍ୟ 'ସିବିଆଇ' ଅଦାଲତ ଲକ୍ଷ୍ୟ କଲେ। ଜିଆଙ୍କ ମୃତ୍ୟୁର ୪ ଦିନ ପରେ ତାଙ୍କ ନୋଟ୍ ବୁକ୍ରୁ ମିଳିଥିବା ଚିଠିକୁ ତଦନ୍ତ ପାଇଁ ନ ଦେଇ ଗଣମାଧ୍ୟମରେ ପ୍ରକାଶ କରାଇଲେ।

# ଭାରତୀୟ ମହିଳା ଅଧିକ ଚାପଗ୍ରସ୍ତ

ନୂଆଦିଲ୍ଲୀ : ଆମେରିକାରୁ ଆରମ୍ଭ କରି ଆଫ୍ରିକା ଏବଂ ଏସିଆରୁ ୟୁରୋପ ପର୍ଯ୍ୟନ୍ତ ସ୍ଥିତି ଗତ ୧୦ ବର୍ଷ ମଧ୍ୟରେ ଦ୍ରୁତ ଗତିରେ ବଦଳି ଯାଇଛି। ଲୋକମାନଙ୍କ ମଧ୍ୟ ଚାପ, କ୍ରୋଧ ଏବଂ ଚିନ୍ତାର ସ୍ତର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଦୁଃଖୀ ଏବଂ ଅସନ୍ତୁଷ୍ଟ। ମହିଳାମାନଙ୍କ ମଧ୍ୟରେ ଏହି ସଂଖ୍ୟା ଅଧିକ। ଭାରତର ମହିଳାମାନେ ଅନ୍ୟ ଦେଶର ମହିଳାଙ୍କ ଅପେକ୍ଷା ଅଧିକ ଚାପ ମଧ୍ୟ ନେଇଥାନ୍ତି। ଡେଲୋଏଟ ଇଣ୍ଡିଆର ଏକ ରିପୋର୍ଟରେ କୁହାଯାଇଛି, ୨୦୨୨ ତୁଳନାରେ ୨୦୨୩ରେ ୫୩ପ୍ରତିଶତ କାର୍ଯ୍ୟରତ ଭାରତୀୟ ମହିଳା ଅଧିକ ଚାପର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଦେଶର ମହିଳାମାନଙ୍କ ତୁଳନାରେ ଏହା ମଧ୍ୟ ସର୍ବାଧିକ। ଡେଲୋଏଟ ଇଣ୍ଡିଆର ଏକ ରିପୋର୍ଟରେ କୁହାଯାଇଛି, ୨୦୨୨ ତୁଳନାରେ ୨୦୨୩ରେ ୫୩ପ୍ରତିଶତ କାର୍ଯ୍ୟରତ ଭାରତୀୟ ମହିଳା ଅଧିକ ଚାପର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଦେଶର ମହିଳାମାନଙ୍କ ତୁଳନାରେ ଏହା ମଧ୍ୟ ସର୍ବାଧିକ। ଏହି ସମୟ ମଧ୍ୟରେ ବିଶ୍ୱର ୫୧ ପ୍ରତିଶତ ମହିଳା ଚାପର ସମ୍ମୁଖୀନ ହେଉଛନ୍ତି। ମହିଳାଙ୍କ କାର୍ଯ୍ୟ ଅନୁଯାୟୀ ପ୍ରକାଶିତ ଏକ ଗ୍ଲୋବାଲ ଆଉଟ୍‌ଲୁକ ରିପୋର୍ଟ ଅନୁଯାୟୀ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୩୧ ପ୍ରତିଶତ ଭାରତୀୟ ମହିଳା କହିଛନ୍ତି, ସେମାନେ ଚାପରେ ଅଛନ୍ତି। ଚାପରେ ଥିବା ଏଭଳି ମହିଳାମାନଙ୍କ ସଂଖ୍ୟା ବିଶ୍ୱରେ ହାରାହାରି ୨୮ ପ୍ରତିଶତ। ସର୍ଭେରେ ଭାରତରେ ୫୦୦ ମହିଳା ସାମିଲ ହୋଇଥିଲେ। ସାଇକୋଲୋଜିଷ୍ଟ ଡକ୍ଟର ବିଜୟ ଶେଖର କହିଛନ୍ତି, ସମସ୍ତ ଦେଶର ମହିଳାମାନେ ପୂର୍ବ ଅପେକ୍ଷା ଅଧିକ ଶିକ୍ଷିତ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳତା ବିଷୟରେ ଆତ୍ମବିଶ୍ୱାସ ଦେଇଥିଲା, କିନ୍ତୁ



ପିତୃପୁରୁଷ ପ୍ରଣାଳୀ ଗୃହରେ ଅକ୍ଷୁର୍ଣ୍ଣ ଥିବାବେଳେ ବାହାରେ ସମାନତା ବିଷୟରେ ଆଲୋଚନା କରାଯାଇଥାଏ । ଏହି ଅସନ୍ତୁଳନ ମଧ୍ୟରେ ପୀଡିତ ମହିଳାମାନେ ବର୍ତ୍ତମାନ ସ୍ୱର ଉତ୍ତୋଳନ କରୁଛନ୍ତି। ସେମାନେ ନିଜର କ୍ରୋଧ ପ୍ରକାଶ କରିବା ଆରମ୍ଭ କରିଛନ୍ତି। ଏକ ଦଶନ୍ଧି ମଧ୍ୟରେ ମହିଳାମାନେ ନିଜର ଭାବନା ପ୍ରକାଶ କରିବାରେ ସ୍ୱର ଉତ୍ତୋଳନ କରିଛନ୍ତି।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର : ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ରାଜଭବନ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ସଭାପତି ଅଧିବକ୍ତା ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତା ତଥା ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବାବେଳେ ଅଂଶଗ୍ରହଣକାରୀ ସଦସ୍ୟ ତଥା ମଧୁପ୍ରେମୀ ଜନସାଧାରଣ ଉତ୍କଳଗୌରବଙ୍କ ଜାତି ପ୍ରୀତି, ବହୁମୁଖୀ ପ୍ରତିଭା ଏବଂ ତାଙ୍କ ଅସୀମତ୍ୟାଗପୂର୍ଣ୍ଣ ଜୀବନର ଘଟଣାବଳୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମଧୁବାବୁଙ୍କର ଅନ୍ୟାନ୍ୟ ପ୍ରତିଭାସବୁକୁ ବିଚାରକୁ ନେଇ ଭାରତ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ପୂର୍ବକ ତାଙ୍କୁ ଯଥାଶୀଘ୍ର ସମ୍ଭବ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯିବାକୁ ପୁନର୍ବାର ଦାବି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ନବାଗତ ମହିଳା ମଧୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଡା. ବାନାମ୍ବର ପରିଡ଼ା, ପ୍ରଫେସର ଡା. କାଶୀନାଥ ରଥ, ଇଂ ସତ୍ୟଜିତ ନାୟକ, ତ୍ରିନାଥ ସାମନ୍ତରାୟ, ତାପସ ରଞ୍ଜନ ମିଶ୍ର, ପଠାଣି ଜେନା, ଯୁଗଳ କିଶୋର ନାୟକ, ସୌଭାଗ୍ୟ ମହାପାତ୍ର, କାଳନ୍ଦୀ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଚୋରା ମଦ ଜବତ, ୩ ଗିରଫ

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୬ ଲିଟର ଦେଶୀ ଚୋରା ମଦ ଜବତ କରାଯିବା ସହିତ ୩ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ପୁଲିସ ଏ ନେଇ ୫, ୬, ୭/ ୨୩ରେ ପୃଥକ ମାମଲା ରୁଜୁ କରି ତଳଗୋପବିନ୍ଧା ଗ୍ରାମର ମଞ୍ଜୁଲତା ମହାଳିକ, ବୋଡ଼କ ଗ୍ରାମର ଦିବାକର ମଲିକ ଓ ଶାନ୍ତନୁ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅବକାରୀ ଉପଅଧିକ୍ଷକ ଅନୀତା ପ୍ରଧାନଙ୍କ ନେତୃତ୍ୱରେ ତିହିଡ଼ି ଅବକାରୀଥାନା ଭାରପ୍ରାପ୍ତ ଅଧିକାରିଣୀ ସନ୍ଧ୍ୟାରାଣୀ ଦାସ, ଭଦ୍ରକ ଅବକାରୀଥାନା ଏଏସଆଇ ପ୍ରହଲ୍ଲାଦ ସାମଲ, ରମେଶ ଚନ୍ଦ୍ର ନାୟକ, ଅଜିତ୍ କୁମାର ସିଂ, ଅନବାଦ୍ୱିତ୍ୟ ବାରିକ୍, ଜେମାମଣି ଜାମୁଦା, ରମେଶ ମହଲା, ରୁଦ୍ରନାରାୟଣ ଦାସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ ।

# ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ, (ପିପିଏସ୍): ଗ୍ରୀଷ୍ମ ଅବକାଶରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏସ୍ଇବିସି ସର୍ଭେ ଓ ଆଇଏଫ୍ଏ ଟାବ୍‌ଲେଟ ବଣ୍ଟନ କାର୍ଯ୍ୟକୁ ବିରୋଧ କରି ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ମହାସଚିବ ଚାରୁଲତା ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ଓଡ଼ିଶାର ପଛୁଆବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତୀୟ ସର୍ଭେ-୨୦୨୧ର କାର୍ଯ୍ୟାବଳୀ ପୁସ୍ତିକା ପୃଷ୍ଠା ୪/ ୨.୨ରେ ଦିଆଯାଇଥିବା ଗାଇଡ୍ ଲାଇନ ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀମାନେ ଏନୁମରେଟର୍ ଏବଂ ଆଇସିଡିଏସ୍ ସୁପରଭାଇଜରର ତଥା ମାର୍କେଟିଂ ଇନ୍ସପେକ୍ଟରମାନେ ସୁପରଭାଇଜର ଭାବେ ନିଯୁକ୍ତି ହୋଇ ସର୍ଭେ କାର୍ଯ୍ୟ କରିବା କଥା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଶିକ୍ଷକତା କରୁଥିବା ଶିକ୍ଷକମାନଙ୍କର ଗ୍ରୀଷ୍ମ ଅବକାଶକୁ କ୍ଷୁଣ୍ଣ କରି ଏହି କାର୍ଯ୍ୟ କରିବାକୁ ବାଧ କରାଯାଇଛି । ସେହିପରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ଗ୍ରୀଷ୍ମକାଳୀନ ଅବକାଶରେ ଶିକ୍ଷକମାନେ ବିଦ୍ୟାଳୟରେ ପିଲାମାନଙ୍କୁ ଆଇରନ୍ ଓ ଫଲିକ୍ ଏସିଡ୍ ଟାବ୍‌ଲେଟ୍ ବାଣ୍ଟିବାକୁ ନିର୍ଦ୍ଦେଶ ଦିଆଯାଇ ଶିକ୍ଷକମାନଙ୍କୁ ଗ୍ରୀଷ୍ମ ଅବକାଶ ଛୁଟିରେ କାର୍ଯ୍ୟ କରିବା ପାଇଁ ବାଧ କରାଯାଉଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷକମାନେ କୌଣସି ଅଣ ଶିକ୍ଷକ କାର୍ଯ୍ୟରେ ନିୟୋଜିତ ହେବେ ନାହିଁ । କେବଳ ଜରୁରୀ କାଳୀନ ପରିସ୍ଥିତିରେ ଶିକ୍ଷକମାନେ ଜାତୀୟ ଆଧାରିତ କାର୍ଯ୍ୟରେ ଯୋଗ ଦେବେ । ଏହାକୁ ଉଲଂଘନ କରି ସରକାର ଶିକ୍ଷକମାନଙ୍କ ଗ୍ରୀଷ୍ମ ଅବକାଷରେ କାର୍ଯ୍ୟ କରିବାକୁ ବାଧ କରୁଥିବାରୁ ସଂଘ ଏହାକୁ ଘୋର ବିରୋଧ କରିଛି । ଜିଲ୍ଲା ପ୍ରଶାସନ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ଗ୍ରୀଷ୍ମ ଅବକାଶରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି କାର୍ଯ୍ୟରୁ ନିବୃତ ରଖିବାକୁ ରାଜ୍ୟ ସଂଘର ମହାସଚିବ ଚାରୁଲତା ମହାପାତ୍ର ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଭଦ୍ରକ ଜିଲ୍ଲା ସଂଘର ସମ୍ପାଦକ ମନୋରଂଜନ ନାୟକ, ସଭାପତି ବାବୁଲା ରାଉତ, ସଂଗଠନ ସମ୍ପାଦକ ସମୀର କୁମାର ଜେନା, ସହସମ୍ପାଦକ ରୂପେଶ କୁମାର ସାହୁ, ଉପସଭାପତି ଭାଷ୍କର ନାୟକ, କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ, ସସ୍ମିତା ମହାନ୍ତି, ସୁପ୍ରୀତ ଖୁଣ୍ଟିଆ, ରଞ୍ଜନ ମହାନ୍ତି, ରାଜେଶ ଦାସ, ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଛବୋଝେଇ ପିକ୍‌ଅପ୍ ଭ୍ୟାନ ସହ ହାଇୱେ କ୍ୟାମେରା ମରାମତି ଗାଡ଼ି ମଧ୍ୟରେ ଧକ୍କା : ୧ମୃତ, ୨ଗୁରୁତର

ଖୋର୍ଦ୍ଧା, (ହି.ସ.) - ୧୬ ନମ୍ବର ଜାତୀୟ ରାଜପଥର ଗଡ ଖୋର୍ଦ୍ଧା ଛକ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ମାଛ ବୋଝେଇ ପିକଅପ୍ ଭ୍ୟାନ ସହ ହାଇୱେ କ୍ୟାମେର ମରାମତି ଗାଡ଼ି ମଧ୍ୟରେ ଧକ୍କା ହେବାରୁ ଜଣେ ପ୍ରାଣ ହରାଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛି । ଆହତମାନଙ୍କୁ ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ମେଡ଼ିକାଲରେ ଭର୍ତ୍ତି କରାଇଛନ୍ତି । ସୂଚନା ମୁତାବକ, ଶୁକ୍ରବାର ଗଡ଼ ଖୋର୍ଦ୍ଧା ଛକ ନିକଟରେ ଏକ ହାଇୱେ କ୍ୟାମେରା ମରାମତି ଗାର୍ଡ଼ି ଜାତୀୟ ରାଜପଥରେ କ୍ୟାମେରା ସଜାଡୁ ଥିବା ବେଳେ ଭୁବନେଶ୍ୱର ରୁ ବାଲୁଗାଁ ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଶକ୍ତ ଧକ୍କା ଦେଇଥିଲା । ଫଳରେ ପିକ୍‌ଅପ୍ ଭ୍ୟାନିଟି ଓଲଟି ପଡିଥିଲା । ତେବେ ଓଲଟିବା ପରେ ତଳେ ଚାପିହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ଧାର କରି ଖୋର୍ଦ୍ଧା ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛନ୍ତି । ମୃତକ ଓ ଗୁରୁତରଙ୍କ ପରିଚୟ ଏଯାବତ ମିଳିପାରିନାହିଁ । ଖବର ପାଇ ଘଟଣା ସ୍ଥଳରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଓ ଶିଳ୍ପାଂଚଳ ଫାଣ୍ଡି ଅଧିକାରୀ ପହଂଚି ମୃତକ ଓ ଗୁରୁତରଙ୍କୁ ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି ।

# କେନ୍ଦ୍ରାପଡ଼ା ଡ଼ଙ୍ଗା ବୁଡ଼ି ଘଟଣା ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି

କେନ୍ଦ୍ରାପଡ଼ା (ହି.ସ.)- କେନ୍ଦ୍ରାପଡ଼ା ଡ଼ଙ୍ଗା ବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ଗତକାଲି ଠାରୁ ନିଖୋଜ ଥିବା ନାଉରିଆଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର ହୋଇଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଠାରେ ବ୍ରାହ୍ମଣୀ ନଦୀରେ ଡ଼ଙ୍ଗା ବୁଡ଼ି ଯିବାରୁ ଗତକାଲି ଜଣେ ନାବାଳକ ଦେବେନ୍ଦ୍ର ବେହେରାଙ୍କ ମୃତ୍ୟୁ ଘଟିଥିଲା । ଘଟଣା ପରଠାରୁ ନାଉରିଆ ସୁଦର୍ଶନ ସ୍ୱାଇଁ ନିଖୋଜ ଥିଲେ । ଘଟଣାସ୍ଥଳ ଠାରୁ ପ୍ରାୟ ୨୦୦ ମିଟର ଦୂରରେ ନଦୀ ଜଳରେ ଆଜି ସକାଳେ ସୁଦର୍ଶନଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସେମାନେ ମୃତଦେହକୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ । ଆଳି ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଆଜି ମେଡ଼ିକାଲକୁ ପଠାଇଛି । ଦୁଇ ମୃତକଙ୍କ ଘର ଆଳି ବ୍ଲକର ନଳପାଇ ଗ୍ରାମରେ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି ।

# କେନ୍ଦ୍ରାପଡା କୋର୍ଟ ପରିସରରେ ମଧୁବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା କୋର୍ଟ ପରିସରରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମଧୁ ବାବୁଙ୍କ ପ୍ରତିମୂର୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ କୋର୍ଟ କନଫରେନ୍ସ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ମାନ୍ୟବର ଜିଲ୍ଲା ଜଜ ବିଶ୍ୱଜିତ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ନନ୍ଦ କିଶୋର ପରିଡା, ଅତିରିକ୍ତ ଜିଲ୍ଲା ଜଜ ଅଜୟ ପ୍ରଧାନ, ପ୍ରଣତି ପଟ୍ଟନାୟକ, କୋର୍ଟର ସମସ୍ତ ବିଚାର ପତି ମାନେ ଯୋଗ ଦେଇ କହିଥିଲେ ଓଡିଶା ମାଟିରେ ଜନ୍ମ ଗ୍ରହଣକରି ସମଗ୍ର ଓଡିଆ ଜାତି ଓ ଜାତୀୟତାର ଅସ୍ମୀତାର ବୀଜ ମନ୍ତ୍ର ବୁଣିଥିବା ମହାନ ପ୍ରତିଭା ବାଗ୍ମୀ, ସୁବକ୍ତା, ସୁସାହିତ୍ୟିକ, ପ୍ରଥମ ଓଡିଆ ଓକିଲ ହେଉଛନ୍ତି ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ ଉତ୍କଳ ଗୌରବ କୁଳ ବୃଦ୍ଧ ମଧୁସୂଦନ । ମଧୁ ବାବୁ ଓଡିଶାରୁ ପ୍ରଥମ ଏମ.ଏ, ପ୍ରଥମ ବିଏ ବିଏଲ ଲ ପାସ କରିବା ଏବଂ ପ୍ରଥମ ଓଡିଆ ଓକିଲ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଧନୁର୍ଦ୍ଧର ନାୟକ, ପ୍ରଦୀପ ମହାନ୍ତି, ଧ୍ରୁବ ଚରଣ ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା , ଗଗନ ବିହାରୀ ଜେନା, ଦେବଦାସ ମହାନ୍ତି, ଧିରେନ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ବିଭୁ ପ୍ରସାଦ ସିଂ, ନିରଞ୍ଜନ ବଳ, ରଂଜନ କୁମାର ପଣ୍ଡା, ଦିଲ୍ଲୀପ ପରିଡା, ରେଣୁବାଳା ସାମଲ, ତମସା ପାତ୍ର, ଶାନ୍ତି ସ୍ୱରୂପ ଭୂୟାଁ, ଇତିହାସ ଲେଙ୍କା, ପ୍ରତାପ ଚନ୍ଦ୍ର ଦାସ, ଭୀମସେନ ଭୂୟାଁ, ରମେଶ ଲେଙ୍କା, ପରମେଶ୍ୱର ଭୂୟାଁ, ମୃତ୍ୟୁଞ୍ଜୟ ସ୍ୱାଇଁ, ସୁରେଶ ନାୟକ, ମମତା ସାମଲ, ସୁରେଶ ସେଠୀ, ମନୋଜ ସାହୁ, ଆଶୁତୋଷ ମହାନ୍ତି , ମୋହନ ସାହୁ, ଦୟାଶଙ୍କର ଦ୍ୱିବେଦୀ ଏବଂ ବହୁ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପ ସଭାପତି ପ୍ରଭାତ ପ୍ରଧାନ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ



ଭଦ୍ରକ, (ପିପିଏସ୍): ଏହି ଜିଲାର ବାରିକପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଶିକ୍ଷାବିତ ପୁରୁଷୋତ୍ତମ ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ରବିନ୍ଦ୍ର କୁମାର ନନ୍ଦ, କବି ସନ୍ତୋଷ କୁମାର ସାହୁ, ସାମ୍ବାଦିକ ଜଗନ୍ନାଥ ନାୟକ, ଡା. ନିରଞ୍ଜନ ଓଝା, ନାରାୟଣ ଆଟୋଇ, ରବିନାରାୟଣ ସ୍ୱାଇଁ, ପୁରୁଷୋତ୍ତମ ଜେନା ପ୍ରମୁଖ ଯୋଗଦେଇ ଯୁଗପୁରୁଷ ଉତ୍କଳ ଗୌରବଙ୍କ ଜୀବନଚର୍ଯ୍ୟା, ତ୍ୟାଗପୁତ ତଥା ଲଢୁଆ ଆଭମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ନାରାୟଣ ପୋଥାଳ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ । ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ଓ ହିମାଂଶୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟଜଳ ସମସ୍ୟା ପ୍ରତିବାଦରେ ଗ୍ରାମ ମୁଖ୍ୟରାସ୍ତାକୁ ହାଣ୍ଡି ମାଠିଆ ଧରି ଅବରୋଧ କଲେ ମହିଳା

ଭଞ୍ଜନଗର(ପିପିଏସ୍): ଦିନକୁ ଦିନ ଅସହ୍ୟ ଖରା ହେବା ସାଙ୍ଗକୁ ବହୁ ଗ୍ରାମରେ ଜଳ ସଙ୍କଟ ଦେଖିବାକୁ ମିଳିଛି । କିଏ ନଦୀରୁ ପାଣି ଆଣି ବ୍ୟବହାର କରୁଥିବା ବେଳେ ଆଉ କିଛି ଲୋକ ଗ୍ରାମର ନଳକୂଅ ଉପରେ ଭରସା କରି ଆସୁଛନ୍ତି । ହେଲେ ଭଞ୍ଜନଗର ନିକଟସ୍ଥ ବଡକୋଦଣ୍ଡା ଗ୍ରାମର ଶିବମନ୍ଦିର ସାହିରେ ଦୀର୍ଘ ପନ୍ଦର ଦିନ ହେବ ଘରକୁ ସଂଯୋଗ କରାଯାଇଥିବା ବସୁଧା ଯୋଜନାରେ ପାଣି ଆସୁନଥିବାରୁ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଥବାରୁ ଗ୍ରାମର ସରପଞ୍ଚକୁ ଏକ ଲିଖିତ ଅଭିଯୋଗ ଦେଇଥିଲେ । କିନ୍ତୁ ପନ୍ଦର ଦିନ ବିତିଯାଇଥିଲେ ମଧ କୌଣସି ସମାଧାନ ନ ହେବାରୁ ଆଜି ସକାଳେ ଶିବମନ୍ଦିର ସାହିର ବହୁ ମହିଳା ହାଣ୍ଡି ମାଠିଆ ଧରି ରାସ୍ତା ଅବରୋଧ କରିଥିଲେ କ୍ଷ ଖବର ପାଇ ଭଞ୍ଜନଗର ପୋଲିସ, ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଓ ସମିତି ସଭ୍ୟ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ସହିତ ସନ୍ଧ୍ୟା ସୁଦ୍ଧା ବସୁଧା ଯୋଜନାରେ ପାଣି ଘରକୁପହଂଚାଇବା ପାଇଁ ପ୍ରତିଶୃତି ଦେଇଥିଲେ କ୍ଷ ପରବର୍ତୀ ସମୟରେ ଅବରୋଧ କରିଥିବା ରାସ୍ତାରୁ ହାଣ୍ଡି ମାଠିଆ ରାସ୍ତାରୁ ବାହାର କରି ରାସ୍ତାରୁ ହଟିଥିଲେ ।

# ସ୍ୱାମୀ ମାଡରେ ପତ୍ନୀ ଆହତ ଥାନାରେ ଅଭିଯୋଗର ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଶାଳା,(ହି.ସ.) - ସ୍ୱାମୀର ମାଡରେ ପତ୍ନୀ ଗୁରୁତର ଆହତ ହୋଇଥିବା ବେଳେ ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ନେଇ ଅଭିଯୋଗ କରିଛନ୍ତି ପତ୍ନୀ । ତେବେ ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଗଂଗାଧରପୁର ପଂଚାୟତ ରଘୁନାଥପୁର ଶାସନ ଗ୍ରାମରେ । ଏଭଳି ଘଟଣାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ମୁତାବକ ଯାଜପୁର ଜିଲା ପାଣିକୋଇଲି ଅଂଚଳର ରତ୍ନାକର ମଲିକଙ୍କ ଝିଅ ପ୍ରମିଳା ଧର୍ମଶାଳା ଥାନା ଅନ୍ତର୍ଗତ ରଘୁନାଥପୁରଶାସନ ଗ୍ରାମର ସନ୍ତୋଷ ମଲିକଙ୍କ ପୁଅ ପଙ୍କଜଙ୍କୁ ୧୦ମାସ ପୂର୍ବେ ବିବାହ କରିଥିଲେ । ବିବାହ ପରେ ସ୍ୱାମୀ ପଙ୍କଜ ପତ୍ନୀଙ୍କୁ ବହୁ ସମୟରେ ମାରଧର କରେ । ଯାହାକୁ ନେଇ ପରିବାର ମଧ୍ୟରେ ଆପୋଷ ସମାଧାନ ହୋଇଥାଏ । ତେବେ ୩ ଦିନ ପୂର୍ବେ ପଙ୍କଜ ତାଙ୍କୁ ମାଡ ମାରିବା ସହିତ ଘରେ ଖାଇବାକୁ ଦେଇ ନ ଥିଲେ । ଯାହାକୁ ନେଇ ପ୍ରମିଳା ଭୋକ ଉପାସରେ ବାପଘର ପାଣିକୋଲିକୁ ଚାଲିଯାଇଥିଲେ । ଏହି ଘଟଣାକୁ ନେଇ ପ୍ରମିଳା ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ହେଲେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୋଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପ୍ରମିଳା ପ୍ରକାଶ କରିଛନ୍ତି । ତେବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ସେ ଥାନା ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଆଜି ଅପରାହ୍ନରେ ଥାନାରେ ଚେତାବନୀ ଦେବା ପରେ ଥାନାରେ ଏକ ମାମଲା ରୁଜୁ ହୋଇ ଥିବା ଜଣାପଡିଛି । ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ନିଳାଦ୍ରୀ ମହୋଦୟାଷ୍ଟମୀ

ପୁରୀ,(ହି.ସ.): ପବିତ୍ର ବୈଶାଖ ମାସ ଶୁକ୍ଲପକ୍ଷ ଅଷ୍ଟମୀ ତିଥି । ଏହି ପବିତ୍ର ଦିବସର ନାମ ହେଉଛି ନୀଳାଦ୍ରୀ ମହୋଦୟାଷ୍ଟମୀ । ଏହି ଦିନ ସ୍ୱୟଂ ବ୍ରହ୍ମା ମହାପ୍ରଭୁଙ୍କର ପୁଷ୍ୟାଭିଷେକ ବା ଜଳାଭିଷେକ କରାଇଥିଲେ ବୋଲି ବାମଦେବ ସଂହିତା ଓ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି । କାଳ କାଳ ଯୁଗ ଯୁଗ ଧରି କାଳିଆ ସାଆନ୍ତ ନୀଳାଦ୍ରୀ କନ୍ଦରର ପାବନ ପୁରୁଷୋତମ କ୍ଷେତ୍ରରେ ବିରାଜମାନ କରି ବାର ମାସରେ ତେର ଯାତ୍ରା କରିଥାନ୍ତି । ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ବାରଯାତ୍ରା ତେର ପର୍ବ ମଧ୍ୟରୁ ନୀଳାଦ୍ରୀ ମହୋଦୟାଷ୍ଟମୀ ହେଉଛି ତ୍ରୈୟୋଦଶ ପର୍ବ । ଆଜି ପ୍ରାତଃ ସମୟରୁ ମଙ୍ଗଳ ଆଳତୀ ସମ୍ପୂର୍ଣ୍ଣ ହୋଇ ନିତ୍ୟ ଅବକାଶ, ଗୋପାଳ ବଲ୍ଲଭ, ସକାଳ ଧୂପ ପୂଜା ବଢିସାରିବା ପରେ ଗତଦିନ ଅଧିବାସ ହୋଇଥିବା ୧୦୮ ଜଳଗରାକୁ ପ୍ରତିହାରୀ ମାନଙ୍କ ସୁରକ୍ଷାରେ ଗରାବଡୁ ସେବକମାନେ ବାଘମୁହଁ ବାନ୍ଧି ଘଂଟ, ଛତା, କାହାଳୀ, ତଳିଛ ପଟୁଆରରେ ଆସି ଚାରି ଥରରେ ଚାରିପନ୍ତି କରି ରଖନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ଯଥାକ୍ରମେ ୩୫, ୩୩, ୨୨ ଓ ୧୮ ଗରା ପାଣିରେ ପ୍ରତୀକାତ୍ମକ ଭାବେ ଦର୍ପଣ ଉପରେ ସ୍ନାନ କରାଯାଇଥାଏ । ପୂଜାପଣ୍ଡା ସଂସ୍କାର କରି ଜଳଲାଗି କରାନ୍ତି । ପୁଷ୍ୟାଭିଷେକ ନୀତି ପରି ଏହି ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ । ଏହା ପରେ ରୂପା ପିଙ୍ଗଣ ତିନିଟିରେ ପଣ୍ଡା, ପତି ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ସିଂହାସନ ଉପରେ ସଂସ୍କାର କରାଇ ପୁଷ୍ପାଳକଙ୍କ ସହିତ ଚନ୍ଦନ ସର୍ବାଙ୍ଗ କରାନ୍ତି । ତା'ପରେ ଧୋପଖାଳ ହୋଇ ଯାତ୍ରାଙ୍ଗ ଭୋଗ ଓ ମଧାହ୍ନ ଧୂପ ଛାମୁକୁ ଆସେ । ଏହି ଧୂପ ଉଠିଲେ ଦକ୍ଷିଣ ଭୋଗ ସରି ରାମକୃଷ୍ଣ ଓ ମଦନମୋହନ ସିଂହାସନକୁ ବିଜେ କରନ୍ତି । ମୁଦିରସ୍ତ ପ୍ରସାଦ ଲାଗି କରନ୍ତି । ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଧୂପ ମଣୋହି କଲା ପରେ, ପାଣି ପଡ଼ି ଧୋପଖାଳ ହୁଏ ଓ ତିନିବାଡ଼ରେ ବନ୍ଦାପନା ହେଲା ପରେ ପୂଜାପଣ୍ଡା ଆଜ୍ଞା ମାଳ ଦେଲେ ଠାକୁର ଠାକୁରାଣୀ ଚନ୍ଦନ ଯାତ୍ରାକୁ ବିଜେ କରନ୍ତି । ଏହି ଦିନକୁ ମନ୍ଦିରର ବାର୍ଷିକସ୍ତୋବ ଭାବେ ମଧ ପାଳନ କରାଯାଏ । ବୈଶାଖ ଶୁକ୍ଲପକ୍ଷ ଅଷ୍ଟମୀ ତିଥି ଏକ ପବିତ୍ର ଦିନ ହୋଇଥିବାରୁ ଏହି ଦିନ ଦାନପୂଣ୍ୟ ଆଦି କାର୍ଯ୍ୟ କରାଯାଇଥାଏ ।

# ଦେଶୀମଦ ଜବତ, ଜଣେ କୋର୍ଟଚାଲାଣ

କୋରେଇ, (ହି.ସ.) - ପାଣିକୋଇଲି ପୁଲିସ ଜଣେ ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ତା ନିକଟରୁ ମଦ ଜବତ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଫଂଚାୟତର ସଠିପୁର ଠାରେ ବେଆଇନ ଦେଶୀ ମଦ ବିକ୍ରିର ଖବର ପାଇ ଏଏସଆଇ ସତ୍ୟବାଦ ଦାଶ ଗୁରୁବାର ରାତ୍ରୀରେ ସଦଳବଳେ ଚଡାଉ କରିଥିଲେ । ଚଡାଉ ସମୟରେ ସେଠାରେ ଏକ ଧଳା ଜରି ବ୍ୟାଗ ଧରି ବୁଲୁଥିବା ଜଣଙ୍କ ଉପରେ ସନ୍ଦେହ କରି ତାକୁ ଧରିଥିଲେ । ତା ନିକଟରୁ ୨୫ ବୋତଲ ଦେଶୀ ମଦ (ଆସ୍କା ଫର୍ଟି) ଜବତ କରିବାରେ ସକ୍ଷମ ହୋଇଥିଲେ । ଏନେଇ ତାକୁ ପଚାରିବାରୁ ମାଳଆନନ୍ଦପୂର ଫଂଚାୟତ ଅନ୍ତର୍ଗତ ମାଧପୁର ଗ୍ରାମର ବାଇଧର ସାହୁଙ୍କ ପୁଅ ଚକ୍ରଧର ସାହୁ (୫୦) ବୋଲି ସେ ପ୍ରକାଶ କରିଥିଲା । ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ୮୭/୨୩ ରୁଜୁ କରାଯାଇଥିଲା । ଆଜି ଚକ୍ରଧରକୁ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଉଦୟନାଥ ସୋରେନ ପ୍ରକାଶ କରିଛନ୍ତି ।

# ମହାନଗର ମହୋତ୍ସବ

## ଜଗନ୍ନାଥ କଳା ନିକେତନର କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟରେ ବିମୋହିତ ଦର୍ଶକ



ବ୍ରହ୍ମପୁର,(ପିପିଏସ୍): ମହାନଗର ମହୋତ୍ସବ ଶୁକ୍ରବାର ଚତୁର୍ଥ ରଜନୀରେ ପହଞ୍ଚିଛି । ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଯୋଗ ଦେଇ ଆମ ଜିଲ୍ଲାର କଳା ଏବଂ କଳାକାର ଙ୍କ ମଧ୍ୟରେ ଲୁଚି ରହିଥିବା କଳାକୁ ଏହି ମଞ୍ଚ ଆଗାମୀ ଭବିଷ୍ୟତ ପାଇଁ ପ୍ରେରଣା ଦାୟକ ବୋଲି ମତ ପ୍ରକାଶ କରିଥିଲେ । ସେହିଭଳି ସମ୍ମାନିତ ଅତିଥି ରୂପେ, ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଆଇନଜୀବୀ ତଥା ଜିଲ୍ଲା ବିଜେଡ଼ି କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ, ସାମ୍ବାଦିକ ଦୀପକ କୁମାର ପଣ୍ଡା, ପ୍ରଶାନ୍ତ ଦାସ ମହୋତ୍ସବ କମିଟିର ସଭାପତି ନାରାୟଣ ମହାଙ୍କୁଡ, ବରିଷ୍ଠ ସାମ୍ବାଦିକ ଡ.ଜଗନ ମୋହନ ମହାପାତ୍ର, ମହୋତ୍ସବ କମିଟିର ସମ୍ପାଦକ ଗୋପାଳ ପଟ୍ଟନାୟକ, କମିଟିର ସହ ସମ୍ପାଦକ ସତ୍ୟ ଚେତନ ପରିଡା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ମହୋତ୍ସବ ର ଚତୁର୍ଥ ସନ୍ଧ୍ୟାରେ ପ୍ରାଚୀନ ସାହିତ୍ୟ ସଂସଦ, ବ୍ରହ୍ମପୁର ତରଫରୁ ସାହିତ୍ୟ ସଭା ଓ କବିତା ପାଠ ଆସର ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦକ ବଂଶୀଧର ସେଠୀ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ ଭାବେ ଯୋଗ ଦେଇଥିବାବେଳେ ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଶ୍ରୀ ସାନ୍ତୁନୁ କୁମାର ଜେନା ଯୋଗ ଦେଇଥିଲେ । ସ୍ୱାଗତ ସମ୍ଭାଷଣ କ୍ରମେ ବିଜୟ ଚନ୍ଦ୍ର ମିଶ୍ର, ସଭାମୁଖ୍ୟ ଭାବେ ଲକ୍ଷ୍ମୀ ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ବନ୍ଦନା ପଣ୍ଡା ଓ ଶ୍ରୀ ଲଳିତ କୁମାର ସ୍ୱାଇଁ ଅତିଥି ରୂପେ ମଞ୍ଚାସିନ ରହିଥିଲେ । କବି ଓ କଣ୍ଠଶିଳ୍ପୀ ଶ୍ରୀମତୀ ସୌଦାମିନୀ, କବି ତଥା ଶିକ୍ଷୟତ୍ରୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ଦେବି ସାହିତ୍ୟ ସଭାର ସଂଯୋଜନା କରିଥିଲେ । କବିତା ଆସର ରେ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା କାର୍ଯ୍ୟକ୍ରମରେ କବିତା ପାଠ କରିବାରେ ସହଯୋଗ କରିଥିଲେ । ଶ୍ରୀ ବଂଶୀଧର ସେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଉପାଂଶାର କଳାରନ୍ ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ସହଯୋଗ କରିଥିଲେ । ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ଦିଗପହଣ୍ଡି ର ଶ୍ରୀ ଜଗନ୍ନାଥ କଳା ନିକେତନର ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ଦ୍ୱାରା ଦର୍ଶକ ବିମୋହିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ କଳା ନିକେତନ, ମିତା ନୃତ୍ୟ ଅନୁଷ୍ଠାନ, ନାଳନ୍ଦା ଯୁକ୍ତ ଦୁଇ ମହାବିଦ୍ୟାଳୟ, ଅନିରୁଦ୍ଧ ଡେନ୍ସ ଏକାଡେମୀ, ଆରୀୟାନ ଡେନ୍ସ ଗ୍ରୁପ୍, ରୟାଲ ମ୍ୟୁଜିକ ଭଳି ବ୍ରହ୍ମପୁର ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଞ୍ଚ ପରିଚାଳନାରେ ଶିବାନନ୍ଦ ବାରିକ ଦାୟିତ୍ୱ ବହନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ ମିହିର ତ୍ରିପାଠୀ ସହଯୋଗ କରିଥିଲେ । ପରିଶେଷରେ ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ପାତ୍ର, ଲିଙ୍କୁ ଡାକୁଆ, ସିମାଞ୍ଚଳ ସାହୁ, ଶଙ୍କର ରଣା, ଅନନ୍ତରାମ ପ୍ରଧାନ, ସ୍ୱାଧୀନ କୁମାର ପାତ୍ର, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁଯାୟୀ ଜିଲ୍ଲା ସ୍ତରୀୟ ତ୍ରିଦିବସୀୟ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇ ଯାଇଅଛି । ଏହା ଗତ ସପ୍ତାହକ ତଳେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟଶାଳା ର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡା ସଙ୍କୁଳ ପ୍ରମୁଖ ବଳରାମ କର, ସ୍ଥାନୀୟ ବିଦ୍ୟାଳୟର ସଂପାଦକ ହିମାଂଶୁ ଶେଖର ଦାସ, ସଭାପତି ଗିରିଶ ଚନ୍ଦ୍ର କର ଓ ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ହୋଇ ଥିଲେ ।

ଏଥରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ବିଦ୍ୟୁତ୍ ପରିଷଦର ସଦସ୍ୟା ତଥା ଜିଲ୍ଲା ଶିଶୁ ମଙ୍ଗଳ ବୋର୍ଡର ସଦସ୍ୟା ସ୍ମିତାଞ୍ଜଳୀ ମହାପାତ୍ର ଯୋଗ ଦେଇ ସମାଜ ଗଠନରେ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନଙ୍କର ଭୁମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟଶାଳାରେ ଜିଲ୍ଲାର ୧୬ଟି ଶିଶୁ ବିଦ୍ୟା ମନ୍ଦିରରୁ ୫୮ ଜଣ ଆଚାର୍ଯ୍ୟା ଓ ୧୧୨ଜଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏଥିରେ ଜାୟତୀୟ ଶିକ୍ଷା ନୀତି ୨୦୨୦କୁ କ୍ରିୟାନନ କରିବା ପାଇଁ ୧୦ଟି କାଳାଂଶରେ ଚର୍ଚ୍ଚା ଓ ଆଲୋଚନା ସହ ଆଦର୍ଶ ଶିକ୍ଷାଦାନ ଉପରେ ଆଲୋଚନା କରାଯାଇ ଥିଲା ।

# ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା (ପିପିଏସ୍): ରାୟଗଡ ଜିଲ୍ଲା ସଦର ମହକୁମା ଠାରେ ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଭାରତରେ ଜି-୨୦ ଆଧାରିତ ଏଲ୍-୨୦ ଗୋଟିଏ ବିଭାଗ ପର୍ଯ୍ୟାବରଣର ସଚେତନ ପାଇଁ କେନ୍ଦ୍ର ନିଷ୍ପତ୍ତି କ୍ରମେ ସମଗ୍ର ସମାଜକୁ ଜାଗ୍ରତ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ପର୍ଯ୍ୟାବରଣ ମଞ୍ଚ ଓଡିଶା ପ୍ରାନ୍ତର ରାୟଗଡ଼ା ଜିଲ୍ଲା ସାଖା ପକ୍ଷରୁ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଶ୍ରୀ ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ରାୟଗଡ଼ା ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପରିବା ଏବଂ ମାଛ ବଜାର ଏବଂ ସହରର ସମସ୍ତ ବଜାରରେ ରାୟଗଡ଼ା ଜିଲ୍ଲା ପର୍ଯ୍ୟାବରଣ ମଞ୍ଚ ର ସଂଯୋଜକ ଶ୍ରୀ ଗଣେଶ କୁମାର ସାହୁଙ୍କ ସହଯୋଗ ରେ ସମସ୍ତ ଦୋକାନ ମାନଙ୍କ ନିକଟରେ ପହଞ୍ଚି ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଅନୁରୋଧ କରିବା ସହ କପଡା ବ୍ୟାଗ ବଣ୍ଟନ କରି ସମସ୍ତେ ସର୍ବନିମ୍ନ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ । ବଜାରକୁ ଯିବା ସମୟରେ କପଡା ବ୍ୟାଗ ବ୍ୟାଗ୍ ଧରି ମାର୍କେଟିଙ୍ଗ୍ କରିବାକୁ ଯିବା ପାଇଁ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସକ୍ଷମ ଅନୁଷ୍ଠାନର ରାଜ୍ୟ ସଂରକ୍ଷକ ଶ୍ରୀ ବାଦଲ କୁମାର ତା, ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀ ଗୌର ଚନ୍ଦ୍ର ନାୟକ, ଗାୟତ୍ରୀ ପରିବାରରୁ ଶ୍ରୀ ପ୍ରଳୟ କୁମାର ସାହୁ ଯୋଗ ଦେଇ ଜନସାଧାରଣ ସଚେତନ ହେବା ସହ ସର୍ବନିମ୍ନ ଗୋଟିଏ ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘ ର ମହନ ରାଓ ମାଝୀ, ଧର୍ମସିଂ ନାଗ, ଦୂର୍ଗା ମାଧବ ଘୋଷ, ରନ କୁମାର ସାହୁ, କୁମାରୀ ବାଡତ୍ୟା, ବିଶ୍ୱକର୍ମା ମଜଦୁର ସଂଘ ର କେ କେ ଜେନା, ସୁଦର୍ଶନ ନାୟକ, ଗୋବିନ୍ଦ ପ୍ରସାଦ କାନୁ, ପରିଚାଳନା କରିଥିଲେ ।

# ରାୟଗଡରେ ରିଜର୍ଭ ଗଣନାକାରୀ ଓ ସୁପରଭାଇଜରଙ୍କ ତାଲିମ ଅନୁଷ୍ଠିତ



ରାୟଗଡ଼ା (ପିପିଏସ୍): ରାୟଗଡ ସଦର ମହକୁମା ସ୍ଥିତ ସ୍ଥାନୀୟ ବ୍ଲକ୍ ସଦଭାବନା ଗୃହ ଠାରେ ପଛୁଆବର୍ଗ ଲୋକଙ୍କ ଗଣନା ନିମନ୍ତେ ରିଜର୍ଭ ଗଣନାକାରୀ ଓ ସୁପରଭାଇଜରଙ୍କ ତାଲିମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧର୍ମାନନ୍ଦ ବେହେରା ଯୋଗଦେଇ ସର୍ଭେର ଉଦ୍ଦ୍ୟେଶ, ଗଣନାକାରୀଙ୍କ ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଏବିଡିଓ କାଳୁ ଚରଣ ନାୟକ, ଜିପିଇଓ ଗୋପାଳ ପଣ୍ଡା ଓ ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ରମୁଖ ପାୱାର ପଏଣ୍ଟ ମାଧମରେ ତାଲିମ ପ୍ରଦାନ କରିଥିଲେ । ମଙ୍ଗଳ ବିଭାଗ ଓ ଗଣଶିକ୍ଷା ବିଭାଗର ମୋଟ ବାସଠି ଜଣ ଶିକ୍ଷକ ଓ ଛଅ ଜଣ ସିଆରସିସି ଏହି ତାଲିମ ଗ୍ରହଣ କରିଥିଲେ । ଆସନ୍ତା ମେ ମାସ ଏକ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଏହି ସର୍ଭେ ନିମନ୍ତେ ରାୟଗଡ଼ା ଜିଲ୍ଲା ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ବ୍ୟାନର, ପୋଷ୍ଟର ଓ ମାଇକ ଜରିଆରେ ଆବଶ୍ୟକ ଜନସଚେତନତା ସୃଷ୍ଟି କରାଯାଉଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧର୍ମାନନ୍ଦ ବେହେରା କହିଛନ୍ତି ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, (ହି.ସ.): ଦେଶି ମଦ ଚାଲାଣ ବେଳେ ଚଢ଼ାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରି ଜୟପୁର ଅବକାରି ବିଭାଗ । ଗିରଫ ଅଭିଯୁକ୍ତ ଜଣକ ହେଲା ନିଳାଗୁଡାର ସ୍ୟାମ ହରିଜନ (୨୦) । ଅବକାରି ବିଭାଗ ସୁଚନା ଅନୁଯାଇ ନିଳାଗୁଡାର ସ୍ୟାମ ହରିଜନ (୨୦) ଏକ ମୋଟର ଟ୍ୟୁବରେ ଦେଶି ମଦ ଧରି ଚାଲାଣ କରୁଥିବା ବେଳେ ଜୟପୁର ଅବକାରି ବିଭାଗ ଗ୍ରାମ ରାସ୍ତାରେ ଚଢାଉ କରିଥିଲା । ଚଢାଉ କରି ୧୫ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ସ୍ୱାଭିମାନ ଦିବସକୁ ଛୁଟି ଘୋଷଣା କରାଯିବାକୁ ଦାବି




ରାଇରଙ୍ଗପୁର (ହି.ସ): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର 'ସମ୍ବାଦ' ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ ତମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ପିସିଏମ୍ କଲ୍ୟାଣୀ ମଣ୍ଡପ ପରିସରରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଏଥିରେ 'ସମ୍ବାଦ' ସାହିତ୍ୟ ଘରର ସଭାପତି ତିମିର ରଞ୍ଜନ ପଣ୍ଡା, ସମ୍ପାଦକ ଡଃ. ଦିଗମ୍ବର ଗିରି, ସହ ସମ୍ପାଦକ ବିଜୟ କୁମାର ରାମ୍, କୋଷାଧକ୍ଷ ରଞ୍ଜନ କୁମାର ନନ୍ଦ, ରାଇରଙ୍ଗପୁର 'ସମ୍ବାଦ' ଜିଲ୍ଲା ପ୍ରତିନିଧି ତୁଷାର କାନ୍ତ ମହାନ୍ତ, ସୁରତ କୁମାର ପଟ୍ଟନାୟକ, ଗୋରୁମହିଷାଣୀ 'ସମ୍ବାଦ' ପ୍ରତିନିଧି ରାମକୃଷ୍ଣ ଦେ, କିଶୋର କୁମାର ରଜକ, ପଙ୍କଜ ସର୍ଦ୍ଦାରଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ସାରସ୍ୱତ ସାଧକ ରଞ୍ଜନ କୁମାର ନନ୍ଦ ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସଂଯୋଜନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । 'ସମ୍ବାଦ' ସାହିତ୍ୟ ଘରର ସମ୍ପାଦକ ଡଃ. ଦିଗମ୍ବର ଗିରି ସ୍ୱାଭିମାନ ଦିବସ ସମ୍ପର୍କରେ ବିସଦ ସୂଚନା ପ୍ରଦାନ କରିଥିଲେ । ସାହିତ୍ୟ ଘରର ସଭାପତି ତିମିର ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଥିବା କବି ଓ କବିୟତ୍ରୀ ମାନେ ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋଚନା କରିବା ସହିତ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପସ୍ଥିତ ଥିବା ସଦସ୍ୟ ମାନେ ମଧୁବାବୁଙ୍କ ଜାୟନ୍ତୀ ସ୍ୱାଭିମାନ ଦିବସକୁ ସରକାରୀ ଭାବେ ଛୁଟି ଘୋଷଣା କରାଯାଉ ବୋଲି 'ସମ୍ବାଦ' ସାହିତ୍ୟ ଘର ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ବ୍ୟକ୍ତବ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ 'ସମ୍ବାଦ' ସାହିତ୍ୟ ଘରର ସଦସ୍ୟ ମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ସଂଯୋଜକ ତୁଷାରକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲବାଣୀ ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ

କନ୍ଧମାଳ, (ହି.ସ.): ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଥମ ଓଡିଆ ଓକିଲ ମଧୁସୂଦନ ଦାସଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଏହା ପ୍ରତିଷ୍ଠା କରାଯାଇଥିଲା । ମଧୁସୂଦନ ଦାସ କଟକ ଜିଲ୍ଲାରେ ୨୮ଏପ୍ରିଲ ୧୮୪୮ ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଜୟନ୍ତୀ ଅବସରରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଓକିଲ ସଙ୍ଘ ପକ୍ଷରୁ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ କମଳ କୁମାର ବେହେରାଙ୍କ ନେତୃତ୍ୱରେ ଆଇନଜୀବି ଦିବସ ମହାସମାରୋହରେ ପାଳିତ ହୋଇଛି । ସର୍ବ ପ୍ରଥମେ ସକାଳ ୭ଟା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାର୍ଲ୍ୟାର୍ପଣ କରାଯାଇ ଥିଲା । ସଭାପତି ମଧୁବାବୁ ଙ୍କ ଆଦର୍ଶ ଆଚରଣ ବୃତ୍ତି ପେଶା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବୀଣାପାଣି ପ୍ରଧାନ, ସହ ସମ୍ପାଦକ ରଞ୍ଜନ ଦାସଙ୍କ ସମେତ ରମେଶ ଚନ୍ଦ୍ର ମହାନ୍ତି,ସତ୍ୟ ନାରାୟଣ ବେହେରା, ହରିଶ୍ଚନ୍ଦ୍ର ମହାରଣା, ଦେବ ବ୍ରତ ପ୍ରଧାନ,ଅସୀମ ପ୍ରହରାଜ,ମନୋଜ ପଟ୍ଟନାୟକ,ଦୁର୍ଗା ପଟ୍ଟନାୟକ, ପ୍ରଦୀପ୍ତ ନାୟକ,ଦିଲ୍ଲିପ ବାନାର୍ଜୀ, ନରେଶ ପାଢୀ, ଆଦିତ୍ୟ ପ୍ରସାଦ ତ୍ରିପାଠୀ,ଜୟନ୍ତୀ ପାଣିଗ୍ରାହୀ,ନିହାରିକା ପାତ୍ର,ବିରେନ୍ଦ୍ର ସୁବୁଦ୍ଧିଙ୍କ ସହ ସମସ୍ତ ବାର ସଦସ୍ୟ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରେ ମଧୁବାବୁ ଜୟନ୍ତୀ ଅବସରରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦୌରା ଜଜ ସତ୍ୟପିର ମିଶ୍ର ଯୋଗ ଦେଇଥିବା ବେଳେ ସଂମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର କୌଣସି ଜରୁରୀ କାଳୀନ କାର୍ଯ୍ୟ ଆସିଯିବା ଯୋଗୁଁ ସଭାରେ ଯୋଗ ଦେଇ ପାରିନଥିଲେ, ହେଲେ ବି ଆଇନ ସଙ୍ଘ ତାଙ୍କର ଅନୁପସ୍ଥିତି ମନେ ପକାଇ ଥିଲା । କାରଣ ଉଭୟ ଅତିଥି ଆଇନ ସହିତ ଜଡିତ ।

# ସୌରଶକ୍ତିଚାଳିତ ପାନୀୟ ଜଳ ପ୍ରକଳ୍ପରୁ ମିଳୁନି ଜଳ, ଗ୍ରାମବାସୀ ହନ୍ତସନ୍ତ



ରାଇରଙ୍ଗପୁର (ହି.ସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକର ଟୋଲକ ଗ୍ରାମର ଡିପାସାହିରେ ପାନୀୟ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି ।। ଟୋଲକ ଗ୍ରାମର ଡିପାସାହିରେ ୧୫ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବସବାସ କରୁଛନ୍ତି । ପୂର୍ବରୁ ଗ୍ରାମବାସୀମାନେ ନଳକୂପରୁ ପାଣି ନେଇ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ । ତେବେ କିଛିବର୍ଷ ପୂର୍ବରୁ ଉକ୍ତ ଗ୍ରାମର ଡିପାସାହିରେ ସୌର ଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିଲା । ତେବେ ଉକ୍ତ ସାହିରେ ଏକ ବର୍ଷରୁ ଅଧିକ ହେଲା ପ୍ରକଳ୍ପର ପାଇପ ଗୁଡିକ ଅଳିଆ ଆର୍ବଜନାରେ ଜାମ ହୋଇଯାଇଥିବାରୁ ସେଥିରୁ ବହୁ କମ ପରିମାଣରେ ପାଣି ବାହାରୁଛି ଫଳରେ ବାଲଟିଏ ପାଣୀ ନେବା ପାଇଁ ୧୫ ରୁ ୨୦ ମିନିଟ୍ ସମୟ ଲାଗୁଛି । ଫଳରେ ଗ୍ରାମବାସୀ ମାନେ ନାହିଁ ନଥିବା ଜଳକଷ୍ଟ ପାଉଛନ୍ତି । ଏହା ବ୍ୟତିତ ସ୍ୱଜଳ ଧାରା ଯୋଜନାରେ ନିର୍ମିତ ପ୍ରଖଣ୍ଡ ମଧ ୧୦ ଦିନରୁ ଅଧିକ ହେଲା ଅଚଳ ହୋଇ ପଡିଥିବାରୁ ସେଥିରୁ ମଧ ପାନୀୟ ଜଳ ମିଳୁନାହିଁ । ଦୁଃଖର ବିଷୟ ଯେ କୁଲେଇଶିଳା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨ କି.ମି ଦୂରତା ଥିଲେ ମଧ ପ୍ରଶାସନର ନଜରରେ ପଡୁନି । ଏନେଇ ପଞ୍ଚାୟତର ସରପଞ୍ଚ, ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକର ବିଡିଓ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ । ସୂଚନାଯୋଗ୍ୟ ଯେ, ଉକ୍ତ ପ୍ରକଳ୍ପ ଗୁଡିକ ଓରେଡା ସଂସ୍ଥା ଦ୍ୱାରା କରାଯାଇଥିଲା ଏବଂ ସେ ଗୁଡିକ ମରାମତି ନିମନ୍ତେ ବାରମ୍ବାର ଉକ୍ତ ସଂସ୍ଥା ନିକଟରେ ଦାବି କଲେ ମଧ କୌଣସି ସୁଫଳ ମିଳୁନଥିବା ଜଣାପଡିଛି । ଏଣୁ ଯଥାଶୀଘ୍ର ଉକ୍ତ ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପକୁ ଯଥାଶୀଘ୍ର ମରାମତି କରାଯାଉ ବୋଲି ଗ୍ରାମବାସୀ ଦାବି କରୁଛନ୍ତି । ତେବେ ଦ୍ୱିପତଳ ଅନ୍ଧାର ପରି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଅଳ୍ପ ଦୂରତାରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କେମିତି ମରାମତି ହୋଇପାରୁନି ବୋଲି ବୁଦ୍ଧିଜିବି ମହଲରେ ଚର୍ଚ୍ଚା ହେଉଛି । ଏହାବ୍ୟତିତ ଉକ୍ତ ସାହିରେ ଥିବା ୪ଟି ନଳକୂପ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ଅନ୍ୟ ୨ଟିରୁ ମଇଳା ଯୁକ୍ତ ଦୁଷିତ ପାଣି ବାହାରୁଛି ଯାହାଫଳରେ ସେହି ପାଣି ପିଇବା ଯୋଗ୍ୟ ହୋଇପାରୁନି । ଏନେଇ ରାଇରଙ୍ଗପୁର ବିଡିଓ ସାଗର ମୁର୍ମୁଙ୍କ ସହିତ ଯୋଗାଯୋଗ କରିବାରୁ ବର୍ତ୍ତମାନ ଗ୍ରୀଷ୍ମ ଦିନ ଥିବାରୁ ଜଳସ୍ତର ତଳକୁ ଖସି ଯାଉଛି । ଫଳରେ ପାନୀୟ ଜଳ ସଂକଟ ଦେଖା ଦେଉଛି । ତେବେ ପାନୀୟ ଜଳ ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି ।

### ଅନ୍ତ ହେଲା ଦୀର୍ଘ ଦିନର ଅପେକ୍ଷା

# ଭିନ୍ନକ୍ଷମ ଝିଅ ପାଇବ ୭୦୦ ଟଙ୍କା ଭତ୍ତା

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନାୟକଗୁଡା ନିବାସୀ ସୁମିତ୍ରା ମାଟାକ୍ ଓ କାର୍ତ୍ତିକ୍ ମାଟାମ୍‌ଙ୍କ ଦୁଇ ଭିନ୍ନକ୍ଷମ ଝିଅ ପଦ୍ମାବତୀ ୨୦ବର୍ଷ ଓ ରଞ୍ଜିତା ୨୨ ବର୍ଷ !ରଞ୍ଜିତା ୬୫% ଭିନ୍ନକ୍ଷମ ହୋଇଥିଲେ ମଧ ଭତା ମାତ୍ର ୫୦୦ ଟଙ୍କା ପାଉଥିଲେ ଆଜି ସମାଜସେବୀ ରାମକୃଷ୍ଣ ଚୌଧୁରୀଙ୍କ ସହ ଦେଖା ହୋଇଥିଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଲକାନଗିରିରେ ତୁରନ୍ତ ସେ ଏ ବିଷୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ରଞ୍ଜିତାଙ୍କ ମାସିକ ଭିନ୍ନକ୍ଷମ ସହାୟତା ରାଶି ୫୦୦ ରୁ ବୃଦ୍ଧି ହୋଇ ୭୦୦ କୁ ହୋଇଥିବା ସେ ପ୍ରକାଶ କରିଛନ୍ତି । ପତ୍ର କ୍ରମାଙ୍କ ୧୫୯୩ ତା ୨୮-୦୪-୨୦୨୩ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ରଞ୍ଜିତାଙ୍କ ଭତା ବୃଦ୍ଧି ହୋଇଥିବା ପ୍ରକାଶ ପାଇଛି । ପଦ୍ମାବତୀ ସାନଝିଅ (୪୦% ଭିନ୍ନକ୍ଷମ) ବର୍ତ୍ତମାନ ଏମ୍ସ ରେ ଗଳାରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାପାଳଙ୍କୁ ସାକ୍ଷାତକରି ଆର୍ଥିକ ସହଯୋଗ ନିମନ୍ତେ ସୁମିତ୍ରା ଅନେକଥର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିଥିବା କହିଥିଲେ ! ବର୍ତମାନ ଜିଲ୍ଲାପାଳ ମାଲକାନଗିରିରେ ନଥିବାରୁ ଏଥିପାଇଁ ମଧ ଅତିଶିଘ୍ର ପୁନଃ ଜିଲ୍ଲାପାଳଙ୍କଦୃଷ୍ଟି ଆକର୍ଷଣ କରିବାନିମନ୍ତେ ରାମକୃଷ୍ଣ ଆଶ୍ୱାସନା ଦେଇଛନ୍ତି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବଲାଙ୍ଗିର, (ପିପିଏସ୍): ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲର ରକ୍ତଭଣ୍ଡାର ଠାରେ ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍) ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସିଡବ୍ଲୁଡିଏସ୍ ର ଅଧକ୍ଷ ମେଜର ଡ. କଳ୍ପନା ଦାଶଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କାର୍ଯ୍ୟକ୍ରମକୁ ଓଡିଶା ସରକାର ଠାରୁ ସଡକ ସୁରକ୍ଷା ପାଇଁ ପୁରସ୍କାରପ୍ରାପ୍ତ ଗୋଲଡେନ ହିରୋ ରାମନାରାୟଣ ଦାଶ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲାର ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ୍ କୁମାର ମାର୍ଣ୍ଡି, ସମ୍ମାନିତ ଅତିଥି ଭାବରେ ଡେପୁଟି କଲେକ୍ଟର ସୁଶ୍ରୀ ଶୁଭସ୍ମିତା ମିଶ୍ର ଓ ସହକାରୀ ଜିଲ୍ଲାପାଳ ଆଦିତ୍ୟ ଦଳବେହେରା ଯୋଗଦାନ ଦେଇଥିଲେ । ବେଳେ ବେଳେ ସଡକ ଦୁର୍ଘଟଣା ଯୋଗୁଁ ହଠାତ୍ ଆହତ ବ୍ୟକ୍ତି ପାଇଁ ରକ୍ତର ଆବଶ୍ୟକତା ପଡିଥାଏ । ରକ୍ତ ଭଣ୍ଡାରରେ ମହଜୁତ ରକ୍ତ ଆହତ ବ୍ୟକ୍ତି ପାଇଁ ଜୀବନ ବଞ୍ଚାଇପାରେ, ତେଣୁ ସମସ୍ତେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ମାର୍ଣ୍ଡି ମତବ୍ୟକ୍ତ କରିଥିଲେ । ସାଧାରଣତଃ ଗ୍ରୀଷ୍ମ ସମୟରେ ସିକିଲିନ ତଥା ଅନ୍ୟ ରୋଗୀ ପାଇଁ ରକ୍ତର ଅଭାବ ଦେଖାଦେଇ ଥାଏ, ତେଣୁ ଯୁବସମାଜ ରକ୍ତର ଅଭାବକୁ ଦୂର କରିବା ପାଇଁ ଆଗେଇ ଆସିବା ପାଇଁ ଡେପୁଟି କଲେକ୍ଟର ଶୁଭସ୍ମିତା ମିଶ୍ର ମତ ରଖିଥିଲେ । ରକ୍ତର କିଛି ବିକଳ୍ପ ନାହିଁ, ଯେତେ ଦାନ ଅଛି ସବୁଠାରୁ ମହାନ ଦାନ ରକ୍ତଦାନ ବୋଲି ସରକାରୀ ଜିଲ୍ଲାପାଳ ଆଦିତ୍ୟ ଦଳବେହେରା କହିବା ସହ ପ୍ରଥମେ ରକ୍ତଦାନ କରିଥିଲେ । ଶିଶୁ ଓ ମହିଳା ବିକାଶ ସୋସାଇଟି ସଭ୍ୟ ତଥା ଅନ୍ୟ ସ୍ୱେଚ୍ଛାସେବୀମାନେ ସ୍ୱଇଚ୍ଛାରେ ୩୧ ଜଣ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମରେ ଦୀପକସେନ ଧରୁଆ, ଅନ୍ତର୍ଯ୍ୟାମି ବରିହା, ରବିଚନ୍ଦ୍ର ପଶାୟତ, ଦୁର୍ଯ୍ୟୋଧନ ପଶାୟତ, ସତ୍ୟନାରାୟଣ ଦାଶ, ରକ୍ତଭଣ୍ଡାର କର୍ମଚାରୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ସୁଜିତ ପୁରୋହିତ, ଅଜିତ ସାହୁ, ସୁଶିଲ ସୁନା, ଜୟଶ୍ରୀ ବେହେରା, ସ୍ୱାଗତିକା ମେହେର, କେଶବ ଷାଣ୍ଢ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଭାକର ଛନ୍ଦ ପରିଚାଳନା କରିଥିବା ବେଳେ ଶିଶୁ ଓ ମହିଳା ବିକାଶ ସୋସାଇଟିର ବଲାଙ୍ଗିର ଜିଲ୍ଲା ସଂଯୋଜକ ଚନ୍ଦ୍ର ଶେଖର ସେଠ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ମଧୁସୂଦନ ଜୟନ୍ତୀ ପାଳିତ




ରାଉରକେଲା, (ପିପିଏସ): ରାଉରକେଲାର ସର୍ବ ପୁରାତନ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧୁବାବୁଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ଆଠ ଘଟିକା ସମୟରେ ଷ୍ଟେସନ ସମ୍ମୁଖସ୍ଥ ମଧୁସୂଦନ ମାର୍ଗରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସଂଘର ସଭାପତି ଇଂ. ଅଜୟ କୁମାର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା । ଏଠାରେ ପ୍ରକାଶ ଥାଉକି, ମଧୁବାବୁଙ୍କ ଏହି ପୂର୍ଣ୍ଣବୟାବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ୧୯୭୬ ମସିହାରେ ପ୍ରଗତି ଉତ୍କଳ ସଂଘ ପ୍ରଚେଷ୍ଟାରେ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ପ୍ରଦୀପ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ଲକ୍ଷ୍ମଣ ଦାସ, ଅରବିନ୍ଦ ପାତ୍ର, ଅର୍ଜୁନ ଭୂୟାଁ, ଘନଶ୍ୟାମ ଧଳ, ପ୍ରଶନ୍ନ ମହାନ୍ତି, ପରୀକ୍ଷିତ ଗୁରୁ, ଇନ୍ଦ୍ରମଣି ମହାପାତ୍ର, ସୁମନ ଦତ୍ତ, ରବୀନ୍ଦ୍ର ପଣ୍ଡା, ଜଗନ୍ନାଥ ରାଉତ, ଦେବେନ୍ଦ୍ର ଆଚାର୍ଯ୍ୟ, ବି.ମହାପାତ୍ର, ହରିହର ଶତପଥୀ, ରତିକାନ୍ତ ମିଶ୍ର, ଅକ୍ଷୟ ଦାସ, ସୁଦାମ ଦାସ ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସଂଧ୍ୟାରେ ସିଭିକ ସେଣ୍ଟର ଠାରେ ଅଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଡାକ୍ତର ସୁଶାନ୍ତ କୁମାର ପାଣି ଏବଂ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଉପସଭାପତି ଡଃ ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ ସହ ମଧୁ ବାବୁଙ୍କ ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ଏବଂ ପ୍ରଗତି ଉତ୍କଳ ସଂଘ ର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଖାରବେଳ ମହାନ୍ତି ଯୋଗ ଦେଇ କହିଲେ ଯେ ମଧୁବାବୁଙ୍କ ନେତୃତ୍ୱରେ ଓଡ଼ିଶାର ଅସ୍ମିତା ଏବଂ ସ୍ୱାଭିମାନ ସହ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

## ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଜୟପୁର,(ହି.ସ.): ଗଞ୍ଜେଇ ବୋଝେଇ କାର ଜବତ କରାଯିବା ସହ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ଲମତାପୁଟ ନିକଟ କନାଗାଁ ଛକରେ ଗଞ୍ଜେଇ ବୋଝେଇ କାର ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ମାଛକୁଣ୍ଡ ପୋଲିସ । ୯୬ କେଜି ୮ ଗ୍ରାମ ଗଞ୍ଜେଇ ସହ କାରକୁ ଜବତ କରିଛି ପୋଲିସ । ଜବତ ଗଞ୍ଜେଇ ପ୍ରାୟ ୧୦ ଲକ୍ଷ ଟଙ୍କାର ହେବ ବୋଲି ପୋଲିସ ସୂଚନା ଦେଇଛି । ଏହି ଗଞ୍ଜେଇ ଗୋଡିହଞ୍ଜର ଗ୍ରାମ ନିକଟରୁ ନେଇ ଜୟପୁର କୋଟା ଛକ ନିକଟକୁ ଗଞ୍ଜେଇ ବିକ୍ରି କରିଥାନ୍ତେ । ସେଠାରୁ ବାହାର ରାଜ୍ୟକୁ ଚୋରା ଚାଲାଣ ହୋଇଥିବା ସ୍ୱୀକାର କରିଥିଲେ ଦୁଇ ଅଭିଯୁକ୍ତ । ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଚାଙ୍ଗୁଡ଼ିପଡା ଗ୍ରାମର ବଂଶୀଧର ବାଘ ହୋଇଥିବା ବେଳେ ଅନ୍ୟ ଜଣେ କାକିରିଗୁମ୍ମା ଗ୍ରାମ ରାମେଶ୍ୱର ଖରା ବୋଲି ଜଣାପଡିଛି ।

# ବିଜେଡ଼ି ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ




କଣ୍ଟାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ହରି ଭବନ ଠାରେ ବିଜୁ ଜନତାଦଳ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଗଣେଶ ବିନାୟକ ଆଖି ହସ୍ପିଟାଲ ରାଇପୁର ଅନୁକୂଲ୍ୟ ରେ ଡାକ୍ତର ଅନିଲ କୁମାର ଗୁପ୍ତାଙ୍କ ଓ ସହଯୋଗୀ ଟିମ ଦ୍ୱାରା ଆସିଥିବା ସମସ୍ତ ରୋଗୀଙ୍କ ଆଖି ଚିକିତ୍ସା କରାଯାଇଥିଲା, ଆଖି ସମ୍ବନ୍ଧିତ ଲକ୍ଷଣ ଯେପରି ଦୂରଦୃଷ୍ଟି ଦୋଷ, ନିକଟ ଦୃଷ୍ଟି ଦୋଷ, ମୋତିଆବିନ୍ଦ ଓ ଆଖି ଏଲର୍ଜି ସମ୍ବନ୍ଧିତ ରୋଗ ଜାଞ୍ଚ କରି ସହ ଆବଶ୍ୟକ ପରାମର୍ଶ ଦେଇଥିଲେ ଡାକ୍ତରୀ ଟିମ, ନିକଟବର୍ତ୍ତୀ ଅଞ୍ଚଳ ର ବୟସ୍କ ଓ ବୃଦ୍ଧ ଏହି ଶିବିର ରୁ ଲାଭାନ୍ୱିତ ହୋଇଥିବା ଦେଖିବାକୁ ମିଳିଥିଲା, ବିଜେଡି ବିଧାୟକ ପ୍ରାର୍ଥୀ ଅଜୟ ଦାଶଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରା, ନଗର ସଭାପତି ଦ୍ୱୋର୍ଜନ ବାରିକ, ଯୁବ ସଭାପତି ବିଶାଳ ବେହେରା, କାର୍ଯ୍ୟକାରୀ ସଭାପତି ମୁନା ମହାନ୍ତି, ଜିଲ୍ଲା ସମ୍ପାଦକ ବିନୟ ଭୂଷଣ ବିଭାର, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ନଗର ସଭାନେତ୍ରୀ ସସ୍ମିତା ଦଣ୍ଡସେନା ମୁଖ୍ୟତଃ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଭିମାନ ଦିବସ ପାଳିତ

ସୁବର୍ଣ୍ଣପୁର, (ହି.ସ.): ଆମ ଓଡ଼ିଶା ଓ ସମ୍ବାଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ସ୍ୱାଭିମାନ ଦିବସ କୋଶଳ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମା ନାଏକଙ୍କ ଅଧକ୍ଷତାରେ ଆୟୋଜିତ ଏକ ବର୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଓକିଲ ସଂଘର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର ତଥା ସମ୍ମାନିତ ବକ୍ତା ଭାବରେ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଉପସ୍ଥିତ ରହିଥିଲେ । ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୀବନାଦର୍ଶ, ବ୍ୟକ୍ତିତ୍ୱ ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀ ମାନେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ସମ୍ବାଦର ଜିଲ୍ଲା ପ୍ରତିନିଧି ରତନ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ଦୟାନିଧି ଦାଶ ଉପସ୍ଥିତ ରହି ସହାୟତା ଯୋଗାଇ ଦେଇଥିଲେ ।

# ଆକାଶବାଣୀ ମୋହନା-୧୦୩.୬ ଏଫ୍‌ଏମ ଭର୍ଚୁଆଲ ମୋଡ'ରେ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ମୋହନା ଠାରେ ଆଜି ସକାଳ ୧୦ ଟା ୩୦ ମିନିଟ ସମୟରେ ଭାରତ'ର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭରଚୁଆଲ ମୋଡ'ରେ ଆକାଶବାଣୀ ପ୍ରସାରଣ କେନ୍ଦ୍ର ୧୦୦ ୱାଟ ବିଶିଷ୍ଟ ଶକ୍ତି ସମ୍ପନ୍ନ ୧୦୩-୬ ଏଫ୍.ଏମ: ର ଶୁଭ ଉଦଘାଟନ କରିଛନ୍ତି । ସାରା ଭାରତ'ର ୯୧ଟି ସ୍ଥାନରେ ଆକାଶବାଣୀ'ର ୧୦୦ ୱାଟ ବିଶିଷ୍ଟ ୧୦୩-୬ ଏଫ୍.ଏମ ପ୍ରସାରଣ କେନ୍ଦ୍ର'ର ଭରଚୁଆଲ ମୋଡ'ରେ ଶୁଭ ଉଦଘାଟନ କରିଥିବା ବେଳେ ସେଥିମଧ୍ୟରୁ ଗଜପତି ଜିଲ୍ଲା'ର ମୋହନା ଅନ୍ୟତମ । ଓଡିଶା'ର ଫୁଲବାଣୀ, ମୋହନା, ବରଗଡ, କେନ୍ଦ୍ରାପଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏଭଳି ୭ଟି ସ୍ଥାନରେ ଆକାଶବାଣୀ'ର ଏଫ୍.ଏମ ପ୍ରସାରଣ କେନ୍ଦ୍ର ଉଦଘାଟନ ହୋଇଛି । ସଂପୃକ୍ତ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ର ପକ୍ଷରୁ ଏହି ଉଦଘାଟନୀ ପ୍ରସାରଣ କାର୍ଯ୍ୟକ୍ରମ ଲୋକମାନଙ୍କ ଦେଖିବା ପାଇଁ ମୋହନା ଠାରେ ବଡ ଏଲ୍‌ଇଡି ଟିଭି ପରଦା'ର ବ୍ୟବସ୍ଥା କରା ଯାଇଥିଲା । ମୋହନା ଭଳି ଆଦିବାସୀ ବହୁଳ ତଥା ଦୁର୍ଗମ ଅଞ୍ଚଳ ଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହିଭଳି ଆକାଶବାଣୀ ଏଫ୍.ଏମ ପ୍ରସାରଣ କେନ୍ଦ୍ରର ସ୍ଥାପନ ଓ ଏହାକୁ ପ୍ରଧାନମନ୍ତ୍ରୀ ଭରଚୁଆଲ ମୋଡରେ ଉଦଘାଟନ କରିଥିବା ଯୋଗୁଁ ଅଞ୍ଚଳବାସୀ ବେଶ ଖୁସି ବ୍ୟକ୍ତ କରି କେନ୍ଦ୍ର ସରକାର'ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏଣିକି ସେମାନେ ରେଡ଼ିଓ ମାଧ୍ୟମରେ ରାଜ୍ୟ ସମେତ ଦେଶ ବିଦେଶ'ର ସମସ୍ତ ବିଷୟ ଉପରେ ଶୁଣି ଅବଗତ ହୋଇପାରିବେ ବୋଲି ଶ୍ରୀ ପଞ୍ଚାନନ ଦାସ, ବର୍ଷାରାଣୀ ମହାଙ୍କୁଡ ଓ ଜିତେନ୍ଦ୍ର କୁମାର ବେହେରା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗଜପତି ଜିଲ୍ଲା ଆଇଟିଡିଏ ର ପ୍ରକଳ୍ପ ପ୍ରଶାସକ ଶ୍ରୀ ଫାଲଗୁନୀ ମାଝୀ ଏହା ଦ୍ୱାରା ମୋହନା ଅଞ୍ଚଳବାସୀ ବେଶ ଉପକୃତ ହୋଇପାରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ'ରେ କାର୍ଯ୍ୟକ୍ରମ ର ନୋଡାଲ ଅଧିକାରୀ ଇଞ୍ଜିନିୟର ଶ୍ରୀ ଅମର ପ୍ରସାଦ ସାହୁ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଇଚ୍ଛା ଓ ସ୍ୱପ୍ନ ଥିଲା ଯେ, କିଭଳି ସମସ୍ତଙ୍କ ଠାରେ ପହଞ୍ଚି ପାରିବେ, ତାହା ଆଜି ସେ ସମସ୍ତଙ୍କ ଠାରେ ପହଞ୍ଚି ପାରିଛନ୍ତି । ଏଠାରେ ଯେଉଁ ପ୍ରସାରଣ କେନ୍ଦ୍ର ସ୍ଥାପନ ହୋଇଛି, ତାହା ୧୦୦ ୱାଟ ଶକ୍ତି ସମ୍ପନ୍ନ ବିଶିଷ୍ଟ । ମୋହନା ବ୍ଲକ ଦୁର୍ଗମ ଅଞ୍ଚଳ'ରେ ଏହା ପ୍ରାୟ ୧୫ କିମି: ଦୁରତା'ରେ ଥିବା ଲୋକେ ରେଡ଼ିଓ ୧୦୩-୬ ଏଫ୍.ଏମ ଟ୍ରାନସମିସନ ଯୋଗେ ଶୁଣି ଉପକୃତ ହୋଇପାରିବେ ବୋଲି କହିଥିଲେ । ପୂର୍ବ'ରୁ ରେଡ଼ିଓ ଯୋଗେ ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀ'ଙ୍କ ମନ କି ବାତ୍ ହେଉ କି କୃଷିଭିତ୍ତିକ, ସାଂସ୍କୃତିକ, ପାଣିପାଗ, ଜରୁରୀକାଳୀନ ଓ ଅନ୍ୟାନ୍ୟ ଉପାଦେୟ ଖବର ହେଉ, କିଛି ଜାଣି ପାରୁ ନଥିଲେ । ଏଣିକି ସବୁ ରେଡ଼ିଓ ମାଧ୍ୟମରେ ଜାଣିପାରିବେ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ'ଙ୍କ ଏହି ଭରଚୁଆଲ ମୋଡ଼ ପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

ଦେଶ ଆଗରେ ପ୍ରଶ୍ନ ନୁହେଁ କିପରି ହିଂସାତ୍ମକ କାର୍ଯ୍ୟ ବନ୍ଦ ହେବ । ପ୍ରଶ୍ନ ହେଉଛି, ଦେଶରେ କିପରି ଉଚ୍ଚ ଆକାଙ୍କ୍ଷା କାର୍ଯ୍ୟ କରିବ ।

**-ଡକ୍ଟର ହରେକୃଷ୍ଣ ମହତାବ**

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୫)

ପ୍ରଜାତନ୍ତ୍ର

ତା ୩୦।୦୪।୨୦୨୩ ■ ରବିବାର

# ହତାଶା ଭରା ହିଂସା

ଛତିଶଗଡ଼ର ଦନ୍ତେୱାଡ଼ାରେ ନକ୍ସଲ ଆକ୍ରମଣ ଏପରି ସମୟରେ ଘଟିଛି ଯେବେ କେନ୍ଦ୍ର ଓ ରାଜ୍ୟ ଉଭୟ ସ୍ତରରେ ଦାବି କରାଯାଉଥିଲା ଯେ ରାଜ୍ୟରେ ମାଓବାଦୀମାନଙ୍କର ପ୍ରଭାବ ବହୁମାତ୍ରାରେ ହ୍ରାସ ପାଇଛି । ସେ ଦୃଷ୍ଟିରୁ ଏ ଆକ୍ରମଣ ମାଓବାଦୀଙ୍କର ହତାଶାପଣର ଏକ ଉଦ୍ୟମ ହୋଇଥାଇପାରେ ଯେ ସେମାନେ ସମାପ୍ତ ହୋଇଯାଇ ନାହାନ୍ତି ଓ ବଡ଼ ଆକ୍ରମଣ ମଧ୍ୟ କରିପାରନ୍ତି । ଅବଶ୍ୟ ଗତ କିଛିମାସର ଯଦି ରେକର୍ଡ ଦେଖାଯିବ ତେବେ ଜଣାପଡ଼ିବ ଯେ ଦେଶର ବିଭିନ୍ନ ଅଞ୍ଚଳରେ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଇଛି । କେବଳ ସେ ଗୋଷ୍ଠୀର କେତେକ ନେତା ପୋଲିସ ଦ୍ୱାରା ଧରାପଡ଼ିଛନ୍ତି ତା' ନୁହେଁ ବରଂ ସେମାନଙ୍କ ଗତିବିଧି ମଧ୍ୟ ଅନେକାଂଶରେ ସୀମିତ ହୋଇଛି । ଏହା ସତ୍ତ୍ୱେ ମାଓବାଦୀଙ୍କ ଦ୍ୱାରା କରାଯାଉଥିବା ଆକ୍ରମଣ ସେପ୍ରକାର ଧାରଣା ଉପରେ ପ୍ରଶ୍ନଚିହ୍ନ ଲଗାଇ ଦେଉଛି ଯେ କିଛି ପରିମାଣରେ ସଫଳତା ଅବଶ୍ୟ ମିଳିଛି, ଯାହା ବିଗତ କିଛି ସମୟର ସ୍ଥିତି ଦର୍ଶାଉଛି । ତେଣୁ ଏଥରର ଆକ୍ରମଣ ନେଇ ଯେତେ ସବୁ ଦିଗ ଅଛି ତା' ଉପରେ ଗମ୍ଭୀର ଭାବେ ବିଚାର କରାଯିବାର ଆବଶ୍ୟକତା ଅଛି ଏବଂ କେଉଁ ସବୁ ବିନ୍ଦୁ ଅଛି, ଯେଉଁଠି ତ୍ରୁଟି ରହିଯାଇଛି ।

ପ୍ରାରମ୍ଭିକ ସୂଚନାରୁ ଏପରି କେତେକ ବିନ୍ଦୁ ସାମ୍ନାକୁ ଆସୁଛି । ଷ୍ଟାଣ୍ଡାର୍ଡ ଅପରେସନ ପ୍ରୋସିଡ୍ୟୁର (ଏସଓପି)ର ଉଲ୍ଲଂଘନରୁ ନେଇ ହ୍ୟୁମାନ ଇଣ୍ଟେଲିଜେନ୍ସର ବିଫଳତା ପର୍ଯ୍ୟନ୍ତ ଏପରି ଅନେକ ଦିଗ ରହିଛି ଯାହା ଠିକ୍ ଭାବେ ତଦନ୍ତ ହେବା ଦରକାର ଯାହା ଦ୍ୱାରା ଭବିଷ୍ୟତ ପାଇଁ ଏକ ଶିକ୍ଷା ମିଳିପାରିବ । ଏ ବିନ୍ଦୁ ଉପରେ ସକାରତ୍ମ ଦିଗ ମଧ୍ୟ ରେଖାଙ୍କିତ କରାଯିବା ଦରକାର । ଆକ୍ରମଣ ଦ୍ୱାରା ଗୋଟିଏ ଗାଡ଼ିକୁ ଉଡ଼ାଇ ଦିଆଯିବା ପରେ ଆହତ ସାଥୀ ଯବାନମାନଙ୍କୁ ଖୁବ୍ ଶୀଘ୍ର ଚିକିତ୍ସା ପ୍ରଦାନ କରାଯିବା ଚିନ୍ତା ଭିତରେ ବି ଯବାନମାନେ ତତ୍କାଳ ସ୍ଥିତିକୁ ସମ୍ଭାଳିବା ସହ ମାଓବାଦୀଙ୍କ ଉପରକୁ ଗୁଳି ଚଳାଇ ସେମାନଙ୍କୁ ନିଜ ଜୀବନ ବଞ୍ଚାଇ ପଳାଇଯିବାକୁ ବାଧ୍ୟ କରିଥିଲେ । ଯବାନମାନେ କେତେମାତ୍ରାରେ ସାହସ ପ୍ରଦର୍ଶନ କଲେ ଓ ସେମାନଙ୍କର ମନୋବଳ କେତେ ମଜବୁତ ତାହା ମଧ୍ୟ ଦେଖିବା ଦରକାର । ଏସବୁ ତତ୍କାଳିକ ଦିଗ ପ୍ରତି ଧ୍ୟାନ ଦେବା ସହିତ ଏକ ଦୀର୍ଘକାଳିକ ପ୍ରସଙ୍ଗ ହେଉଛି ସମାଜରେ ମାଓବାଦୀଙ୍କ ପ୍ରତି କିପ୍ରକାର ଦୃଷ୍ଟିକୋଣ ସୃଷ୍ଟି ହେଉଛି । ଗଣତନ୍ତ୍ରରେ ହିଂସା କି ବନ୍ଧୁକର ଯେ ସ୍ଥାନ ନାହିଁ ଏହାକୁ ସ୍ୱଷ୍ଟ କରାଯିବା ଦରକାର ।

ମାଓବାଦୀମାନେ ଦନ୍ତେୱାଡ଼ା ଜିଲ୍ଲାର ଅରଣପୁର ଥାନାଠାରୁ ଅତିବେଶୀରେ ଦୁଇ କିଲୋମିଟର ଦୂର ଏକ ସଡ଼କରେ ଏତେ ଶକ୍ତିଶାଳୀ ମାଇନ୍ସ ଲଗାଇଲେ କିପରି, ତାହା ହେଉଛି ଏକ ବଡ଼ ପ୍ରଶ୍ନ । ଏହା ଆହୁରି ଚିନ୍ତାର ବିଷୟ ହେଉଛି କାରଣ ଯେଉଁ ସଡ଼କରେ ଏହି ମାଇନ୍ସ ଲଗାଯାଇଥିଲା, ତାହା ଆଦୌ ନିର୍ଜନ ରାସ୍ତା ନଥିଲା । ତେଣୁ, ସୁରକ୍ଷା ଓ ସତର୍କତା ଅବଲମ୍ବନରେ ଯେ ତ୍ରୁଟି ହୋଇଛି, ଏଥିରେ ସନ୍ଦେହ ନାହିଁ । ଅତୀତରେ ଏପ୍ରକାର ତ୍ରୁଟି ଯୋଗୁଁ ଘଟଣାମାନ ଘଟିଛି କିନ୍ତୁ ତହିଁରୁ କିଛି ଶିକ୍ଷାଲାଭ କଲାଭଳି ଜଣାଯାଉ ନାହିଁ । ତେଣୁ, ମାଓବାଦୀ ବିରୋଧୀ ଅଭିଯାନ ଲାଗି ସ୍ଥିରୀକୃତ ହୋଇଥିବା ସୁରକ୍ଷା ଦିଗନିର୍ଦ୍ଦେଶର ପାଳନ ହୋଇଥିଲା କି ନାହିଁ ତାହାକୁ ଭଲଭାବେ ଅନୁଧ୍ୟାନ କରିବା ଦରକାର । ତା' ସହିତ ଖୋଜିବାକୁ ହେବ ମାଓବାଦୀମାନେ ଏତେ ଘାତକ ହତିଆର ଓ ବିସ୍ଫୋରକ ହାସଲ କରିବାକୁ ସମର୍ଥ ହେଉଛନ୍ତି କିପରି ? ସ୍ଥାନୀୟ ସ୍ତରରେ ସେମାନଙ୍କୁ କେଉଁଠାରୁ ସମର୍ଥନ ମିଳୁଛି, ତାହା ମଧ୍ୟ ତଦନ୍ତ ହେବା ଦରକାର । ଏ କାରଣ ସବୁର ନିରାକରଣ କରାନଗଲେ ମାଓବାଦୀଙ୍କୁ ଜବତ କରାଯାଇ ପାରିବ ନାହିଁ । ମାଓବାଦୀଙ୍କ ସମେତ ତାଙ୍କ ପ୍ରତି ଯେଉଁମାନେ ସମର୍ଥନ ଦେଉଛନ୍ତି ଓ ବିଚାରଗତ ଖୋରାକ ପ୍ରଦାନ କରୁଛନ୍ତି ସେମାନଙ୍କ ପ୍ରତି ମଧ୍ୟ କଠୋର ଭାବ ପ୍ରଦର୍ଶନ କରାଯିବା ଆବଶ୍ୟକ ।

ମାଓବାଦୀଙ୍କ ପ୍ରତି କୌଣସି ପ୍ରକାରର ନରମଭାବ ପ୍ରଦର୍ଶନ ଉଚିତ ନୁହେଁ କାରଣ ସେମାନେ ଏପରି ଘାତକ ଶତ୍ରୁ, ଯେଉଁମାନେ ବନ୍ଧୁକ ବଳରେ ନିଜର ପ୍ରଭାବ ବୃଦ୍ଧି କରିବାକୁ ଚାହାନ୍ତି । ❐❐

**—ଭର୍ତ୍ତୃହରି ମହତାବ**

# ପୁରୁଷ ଓ ନାରୀ

ସୃଷ୍ଟି ବିକାଶର ଦୁଇଟି ମୁଖ୍ୟ ସ୍ତମ୍ଭ ହେଉଛନ୍ତି ପୁରୁଷ ଆଉ ନାରୀ। ସେମାନଙ୍କ ମିଳନ ଓ ଉଦ୍ୟମରେ ସୃଷ୍ଟିର ଧାରା ବିସ୍ତାରିତ ହୋଇଛି। ପରମାତ୍ମାଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥିବା ବିଶାଳ ସଂସାର ବୃକ୍ଷର ମୌଳିକ ରୂପ ହେଲେ ପୁରୁଷ ଓ ନାରୀ। ସେମାନେ ପତି ପତ୍ନୀ ରୂପରେ ଗଢ଼ିଲେ ପରିବାର। ପରିବାରର ବିସ୍ତାରରେ ବିସ୍ତାରିତ ହେଲା ସଂସାର। ସନାତନ ସଂସ୍କୃତିରେ ଚତୁର୍ବର୍ଗ ପ୍ରାପ୍ତି ସହିତ ପରିପୂର୍ଣ୍ଣ ଜୀବନ ଯାପନ ବିଷୟରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସୁଖଦ ସୁନ୍ଦର ଶୃଙ୍ଖଳିତ ଜୀବନ ସହିତ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ମାନବର ଜୀବନ କାଳକୁ ଚାରିଗୋଟି ଆଶ୍ରମରେ ବିଭକ୍ତିକରଣ କରାଯାଇଛି। ସେ ସବୁ ହେଲେ - ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ଏକ ପରିପୂର୍ଣ୍ଣ ଜୀବନର କାଳଖଣ୍ଡକୁ ଯଦି ଶହେ ବର୍ଷ କଳନା କରାଯାଏ ତେବେ ପ୍ରଥମ ୨୫ ବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମ। ଏହା ହେଲା ବିଦ୍ୟାର୍ଥୀ ଜୀବନ। ଏହି ଆଶ୍ରମରେ ଜୀବନ ନିର୍ମାଣର ଭିତ୍ତି ସ୍ଥାପନ ହୋଇଥାଏ। ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ସୁଦୃଢ଼ ଗାର୍ହସ୍ଥ୍ୟ ଜୀବନ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ରମ। ଗାର୍ହସ୍ଥ୍ୟ ଧର୍ମ ପାଳନ ଅତ୍ୟନ୍ତ କଠିନ। ଏହି ଆଶ୍ରମରେ ସୃଷ୍ଟି କରିବାର, ପୋଷଣ କରିବାର ଏବଂ ଉତ୍ତର ଦାୟିତ୍ୱ ନିର୍ବାହର କ୍ଷମତା ନ୍ୟସ୍ତ ଥାଏ। ଅନ୍ୟ ତିନିଗୋଟି ଆଶ୍ରମ ସେମାନଙ୍କ ଜୀବନ ନିର୍ବାହ ପାଇଁ ଏହି ଆଶ୍ରମ ଉପରେ ନିର୍ଭରଶୀଳ ଥାଆନ୍ତି। ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ କରିବ, ବାନପ୍ରସ୍ଥ ତୀର୍ଥାଟନ ଓ ଅନୁଭୂତି ଅର୍ଜନରେ ସମୟ ଅତିବାହିତ କରିବ। ସନ୍ୟାସୀ ସବୁର ନ୍ୟାସ କରି ଆତ୍ମ ଚିନ୍ତନରେ ମଗ୍ନ ରହିବ। ହେଲେ ଏହି ସମସ୍ତଙ୍କର ଭରଣ ପୋଷଣ, ଜୀବନ ଧାରଣ, ସେବା ଶୁଶ୍ରୂଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ଆଦି ସବୁ ଦାୟିତ୍ୱ ଗୃହସ୍ଥ ଉପରେ ଥାଏ। କଠୋର ପରିଶ୍ରମ କରି ନିଜେ ଆୟ କରିବ, ତା ଆୟରେ ଅନ୍ୟମାନଙ୍କୁ ପୋଷଣ କରିବ ଏବଂ ନିଜେ ମଧ୍ୟ ତ୍ୟାଗ ଭାବ ନେଇ ଜୀବନ ନିର୍ବାହ କରିବା ଏହା ହେଉଛି ଜଣେ ଗୃହସ୍ଥ ପାଇଁ ଆତ୍ମ କଲ୍ୟାଣର ପ୍ରକୃଷ୍ଟ ମାର୍ଗ।

ପିତାମାତା ପୂଜ୍ୟ ହେଲେ ପତିପତ୍ନୀ ହେଉଛନ୍ତି ଆତ୍ମିକ ଏକତାର ଏକ ଭୂତ ବିଗ୍ରହ। ଜଣେ ପୁରୁଷ ଆଉ ଜଣେ ପ୍ରକୃତି, ଜଣେ ଶିବ ହେଲେ ଆଉ ଜଣେ ଶକ୍ତି। ସେଇଥିପାଇଁ ତ ସବୁ ଦେବତାଙ୍କ ପାଖରେ ତାଙ୍କ ପତ୍ନୀ ଶୋଭା ପାଆନ୍ତି। ଶକ୍ତି ରୂପରେ ପୂଜା ପାଆନ୍ତି। ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛନ୍ତି ଶିବ। ଶିବଙ୍କ ପରିବାର ଏକ ଦିବ୍ୟ ପରିବାର। ପତି ସର୍ବତ୍ୟାଗୀ ଶ୍ମଶାନବାସୀ ପତ୍ନୀ ଐଶ୍ୱର୍ଯ୍ୟ ପଶ୍ୟା ରାଜକନ୍ୟା। ସମସ୍ତ ଐଶ୍ୱର୍ଯ୍ୟକୁ ପାଦରେ ଆଡ଼େଇ ଦେଇ ଲଙ୍ଗଳା ଫକୀରର ସେବା ପାଇଁ କଠୋର ତପସ୍ୟାରତ ସନ୍ତାନମାନେ ମଧ୍ୟ ବିଚିତ୍ର ରୁଚିର। ସମସ୍ତଙ୍କର ବାହାନ ଭିନ୍ନ ଧର୍ମୀ। ଖାଦ୍ୟ ଖାଦକ ସମ୍ପର୍କ। ହେଲେ ସମସ୍ତ ବିଭେଦ ସତ୍ତ୍ୱେ, ଆଦର୍ଶ ବିଭିନ୍ନତା ଭିତରେ ଏକତ୍ୱ ଭାବନାର ମଧୁର ସମନ୍ୱୟ ହେଉଛି ଶିବଙ୍କ ପରିବାର। ତ୍ୟାଗ ଭୋଗର ଅପୂର୍ବ ସମନ୍ୱୟ। ତେଣୁ ଭାରତୀୟ ସନାତନ ସଂସ୍କୃତିରେ ଶିବ ହେଉଛନ୍ତି ସମସ୍ତଙ୍କ ପାଇଁ ପରମ ଆଦର୍ଶ। 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁଥାଏ ନିରନ୍ତର'।

**ହେମନ୍ତ କୁମାର ପରିଡ଼ା**
ସିଡିଏ, କଟକ

# ବିରୋଧୀ ଦଳମାନଙ୍କର ଏକାଠି ହେବାର କଳରବ

**ଧ୍ୱନିପ୍ରତିଧ୍ୱନି**
**ଭର୍ତ୍ତୃହରି ମହତାବ**



ଗତ ସୋମବାର ଦିନ କଲିକତାରେ ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀ ଓ ପୁଣି ଲକ୍ଷ୍ନୌରେ ସମାଜବାଦୀ ପାର୍ଟିର ଅଧକ୍ଷ ଅଖିଳେଶ ଯାଦବଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ(ୟୁ)ର ସର୍ବମାନ୍ୟ ନେତା ନୀତିଶ କୁମାରଙ୍କ ସାକ୍ଷାତ ଆଲୋଚନା ପରେ ମମତା ଓ ଅଖିଳେଶ ଯାହା କିଛି କହିଛନ୍ତି, ତାହାର ଗହନ ନିହିତାର୍ଥ ଅଛି । ମମତା ଯେଉଁଠି ବିପକ୍ଷର ମେଣ୍ଟ ଗଠନ ମାର୍ଗରେ କୌଣସି ପ୍ରକାରର ଅହଂର ସଂଘର୍ଷ ଘଟିବାର ଆଶଙ୍କାକୁ ଅମୂଳକ ବୋଲି କହିଲେ ସିଆଡ଼େ ସପା ମୁଖ୍ୟ ମଧ ଦେଶହିତର ଦ୍ୱାହୀ ଦେଇ ବିରୋଧୀ ଦଳମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠାର ଆବଶ୍ୟକତାକୁ ଜରୁରୀ ବୋଲି କହିଛନ୍ତି । ତେଲେଙ୍ଗାନାର କ୍ଷମତାସୀନ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ମଧ ଅଂଶୀଦାର ଥିବା କୌଣସି ରାଷ୍ଟ୍ରୀୟ ସ୍ତରର ମେଣ୍ଟରେ ସାମିଲ ହେବା ନେଇ ନିଜର ଆଭିମୁଖ୍ୟରେ ନରମ ଭାବ ପ୍ରକଟ କରୁଥିବା ସଂକେତ ଦେଇଛି । ଏଯାଏ ତାହା ଅଣ-ଭାଜପା, ଅଣ-କଂଗ୍ରେସୀ ତୃତୀୟ ମେଣ୍ଟ ଗଠନ ଲାଗି ଓକିଲାତି କରିଆସୁଥିଲା । ଏବେ ଆଞ୍ଚଳିକ ଦଳମାନଙ୍କର ଏପ୍ରକାର ବଦଳିଥିବା ସ୍ୱରରୁ ସ୍ପଷ୍ଟ ଜଣାଯାଉଛି ଯେ କୌଣସି ପ୍ରଭାବଶାଳୀ ତୃତୀୟ ମେଣ୍ଟ ଗଠନର ସମ୍ଭାବନା କ୍ଷୀଣ ହୋଇଯାଇଛି ଓ ଯଦି ଏପରି ଘଟେ ତେବେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି ଓ ଏନଡିଏ ଲାଗି ଏହା ବହୁତ ସୁଖଦ ସ୍ଥିତି ହେବ ନାହିଁ । ତେଣୁ ଏହାକୁ ପ୍ରତିହତ କରିବା ଲାଗି ଭାଜପା ନେତୃତ୍ୱ ସବୁମନ୍ତେ ଉଦ୍ୟମ କରିବ ନିଶ୍ଚୟ ।

ଆଗାମୀ ସାଧାରଣ ନିର୍ବାଚନ ହେବାକୁ ଆଉ ବର୍ଷେ ମଧ ସମୟ ନାହିଁ । ତେଣୁ ରାଜନୈତିକ ଗୋଷ୍ଠୀ ଗଠନ ଏବେଠାରୁ ହେବା ସ୍ୱାଭାବିକ । ବିଶେଷକରି ଆସନ୍ତା ମଇ ୧୩ ତାରିଖରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପରିଣାମ ଆସିବା ପରେ ରାଜନୈତିକ ଦଳମାନଙ୍କର ଆଭିମୁଖ୍ୟ ଅଧିକ ସ୍ପଷ୍ଟ ହୋଇଯିବ । କିନ୍ତୁ ଯେପରି ଗୁରୁତ୍ୱର ସହିତ ନୀତିଶ କୁମାର ବିକଳ୍ପ ଗଢ଼ିବା ପାଇଁ ଉଦ୍ୟମ ଚଳାଇଛନ୍ତି, ତାଙ୍କୁ ଅନେକ କଠିନ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରସ୍ତୁତ କରି ରଖିବାକୁ ହେବ । ଏଯାଏ ସେ ନେତୃତ୍ୱ ପ୍ରସଙ୍ଗକୁ ଟାଳି ଆସିଛନ୍ତି । କହୁଛନ୍ତି ସିଏ ନିଜେ ସେ ଦୌଡ଼ରେ ନାହାନ୍ତି, କିନ୍ତୁ ରାଜନୀତିରେ ଓଲଟବାଜିଙ୍କର ମଧ ନିଜସ୍ୱ ମହତ୍ତ୍ୱ ରହିଛି । ସେ ମଧ ଯୁକ୍ତିଛଳରେ କହିପାରନ୍ତି ଯେ ୨୦୦୪ ମସିହା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମାସ୍କନ୍ଦ ୟୁପିଏରେ କୌଣସି ଚେହେରା ସାମ୍ନାକୁ ଆସିପାରିନଥିଲେ, ତଥାପି ଅନେକ ଦଳମାନଙ୍କୁ ଏକାଠି କରି ମନମୋହନ ସିଂହ ସରକାର ଦଶବର୍ଷ ଧରି ଦେଶକୁ ନେତୃତ୍ୱ ଦେଲା । ତେବେ ଗୋଟିଏ କଥା ଭୁଲିଯିବା ଉଚିତ ହେବ ନାହିଁ । ତାହା ହେଉଛି ଡକ୍ଟର ସିଂହ ତତ୍କାଳୀନ ଲୋକସଭାରେ ସର୍ବବୃହତ ଦଳର ନେତା ଭାବେ ନିର୍ବାଚିତ ହୋଇଥିଲେ ଓ ତାଙ୍କ ପଛରେ ତାଙ୍କ ଦଳ ପୂରା ଦୃଢ଼ ଭାବେ ଛିଡ଼ା ହୋଇଥିଲା ।

ପୁଣି ଗତ ଏକଦଶନ୍ଧି ଧରି ବ୍ୟକ୍ତିକେନ୍ଦ୍ରିତ ରାଜନୀତିର ଚେର ଯେପରି ଭାବେ ମାଡ଼ିଚାଲିଛି, କ'ଣ ନେତୃତ୍ୱର ପ୍ରଶ୍ନ ନେଇ ମତଦାତାମାନଙ୍କ ପ୍ରଶ୍ନକୁ ଅଣଦେଖା କରାଯାଇ ପାରିବ ? ବାଞ୍ଛିତ ପରିଣାମ ହାସଲ କରିବାକୁ ବିପକ୍ଷ ସକ୍ଷମ ହେବ ? ଅବଶ୍ୟ ବିରୋଧୀଦଳମାନଙ୍କ ପାଖରେ କେନ୍ଦ୍ର ସରକାରକୁ ସମାଲୋଚନା କରିବା ପାଇଁ ପ୍ରସଙ୍ଗର ଅଭାବ ନାହିଁ । ମହଙ୍ଗାବସ୍ଥା, ଦରବୃଦ୍ଧି, ବଢ଼ିଚାଲିଥିବା ଆର୍ଥିକ ଅସମାନତା, ସାମାଜିକ ନ୍ୟାୟ ଭଳି ଅନେକ ପ୍ରସଙ୍ଗ ରହିଛି ଯାହାକି ଲୋକଙ୍କୁ ସିଧାସଳଖ ପ୍ରଭାବିତ କରୁଛି ଓ ମତଦାତାଙ୍କର ଏକ ବଡ଼ ସମୂହ ଏଥିପ୍ରତି ଆଗ୍ରହ ମଧ୍ୟ ଦେଖାଉଛନ୍ତି । କିନ୍ତୁ ପ୍ରାୟ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ / ଗହମ ପ୍ରଦାନ କରିବା ଓ ଚାଷୀଙ୍କ ବ୍ୟାଙ୍କ ଖାତାକୁ ନଗଦ ଟଙ୍କା ପହଞ୍ଚାଇବାର ଶ୍ରେୟ ନେବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେମାନେ କିପରି ରୋକିପାରିବେ ? ବିରୋଧୀ ଦଳମାନଙ୍କ ଲାଗି ଏହାର ପ୍ରତିକାର ଖୋଜିବା ସେତେ ସହଜ ହେବ ନାହିଁ ।

ଏ ଅବସ୍ଥାରେ ସେମାନଙ୍କର କୌଣସି ପ୍ରକାର ଏକତା ତେବେ ଯାଇ ମତଦାତାଙ୍କ ଦ୍ୱାରା ଆଶ୍ୱସ୍ତକାରୀ ହୋଇପାରିବ, ଯେବେ ସେମାନେ ଠୋସ ମିଳିତ କାର୍ଯ୍ୟକ୍ରମ ଓ ନିଷ୍କଳଙ୍କ ବିଶ୍ୱସନୀୟ ଚେହେରାକୁ ଆଗରେ ରଖି ଲୋକଙ୍କ ପାଖକୁ ଯିବେ । ଗଣତନ୍ତ୍ରର ସଫଳ ସଂଚାଳନ ସକାଶେ ବିରୋଧୀ ପକ୍ଷ ସୁଦୃଢ଼ ହେବା ଯେ ନିହାତି ଜରୁରୀ, ଏହାକୁ କେହି ଅସ୍ୱୀକାର କରିବେ ନାହିଁ, କିନ୍ତୁ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି କ'ଣ ଦେଶର ବିରୋଧୀଦଳଗୁଡ଼ିକ ବିକଳ୍ପ ଗଢ଼ିବା ନେଇ ପ୍ରତିବଦ୍ଧ ନା କେବଳ ତାତ୍କାଳିକ ବାଧ୍ୟବାଧକତା ପାଇଁ ପରସ୍ପରର ହାତ ଧରିବା ଲାଗି ଉତ୍ସୁକତା ଦେଖାଉଛନ୍ତି ? ❐

# ଗୀତାର ଅମୃତ ଜ୍ଞାନ

**ବିପିନ ବିହାରୀ ରାଉତ**

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

ଶ୍ରୀବିହାର କଲୋନୀ, କଟକ,
ମୋ :୯୪୩୭୬୬୬୪୫୩

## ସଂପାଦକଙ୍କୁ ପତ୍ର

### ପାଣି ପାଇଁ ସବୁଠି ହାହାକାର

ମହାଶୟ,

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାର ଉପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି।ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ।

ରତ୍ନାକର ନାୟକ, ଚୌଦ୍ୱାର

### ଯୌଥ ପରିବାର

ଭାରତରେ ଗ୍ରାମାଞ୍ଚଳଭିତ୍ତିକ ପାରମ୍ପରିକ ଯୌଥ ପରିବାର ବ୍ୟବସ୍ଥା ଧୀରେ ଧୀରେ ଭାଙ୍ଗୁଥିବାରୁ ଓ ସହରଗୁଡ଼ିକରେ ଏକକ ପରିବାର ବଢ଼ୁଥିବା ଯୋଗୁଁ ବରିଷ୍ଠ ନାଗରିକଙ୍କର ସମସ୍ୟା ବଢ଼ି ଯାଉଛି । ଯଦିଓ ଭାରତରେ ମୋଟ ଜନସଂଖ୍ୟାରେ ଯୁବ ବୟସର ଲୋକଙ୍କ ସଂଖ୍ୟା ବେଶୀ ତଥାପି ହାରାହାରି ଆୟୁ ବଢ଼ୁଥିବାରୁ ଆଗାମୀ ଦିନରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଅଧିକ ହେବ । ଏହି ପରିପ୍ରେକ୍ଷୀରେ ଏବେକାର ସରକାରଙ୍କର ଉଦ୍ୟମ ପ୍ରଶଂସାଯୋଗ୍ୟ। ଅର୍ଥାତ୍ ସେମାନଙ୍କୁ ପ୍ରଚଳିତ କୋର୍ଟ ବ୍ୟବସ୍ଥା ଦେଇ ଦୀର୍ଘଦିନ କେସ ପଛରେ ଦୌଡ଼ିବାକୁ ପଡ଼ିବ ନାହିଁ।

ବୈକୁଣ୍ଠ ନାଥ ସାହୁ
ଢେଙ୍କାନାଳ

# ଅମ୍ଳାନ ସ୍ମୃତିରେ ....

**ଅଜୟ କୁମାର ବେହେରା**

ଭାଇ ଦୁଇ ପ୍ରକାର ବୋଲି ଜ୍ୟୋତିଷ ଶାସ୍ତ୍ର କହେ। ଉପର ଜନ୍ମ ଓ ତଳ ଜନ୍ମ ପୁରୁଷ ବଡ଼ଭାଇ ବା ସାନ ଭାଇ ହୋଇପାରନ୍ତି। ଉପର ଜନ୍ମ ତାକଙ୍କୁ ଜାତକରୁ ୧୧ଶ ଭାବରୁ ଓ ତଳ ଜନ୍ମ ଜାତକଙ୍କୁ ୩ୟ ଭାବରୁ ବ୍ୟକ୍ତିକୁ ସହାୟକ ହୋଇପାରିବେ କି ବିଚାର କରାଯାଏ। ପୁନଶ୍ଚ ବୃହସ୍ପତି ବଡ଼ଭାଇର କାରକ ମଙ୍ଗଳ ସାନ ଭାଇର କାରକ। ବଡ଼ଭାଇ ଜ୍ୟେଷ୍ଠଭ୍ରାତ ପିତାମାତାଙ୍କ ପରି ସମ୍ମାନୀୟ ତାଙ୍କ ପାଇଁ ଆମ ରାଜ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଯେ ଜ୍ୟେଷ୍ଠ ସେ ପୋଢ଼ୁଆଁ ହେବେ।

ଆଗରୁ ଜନ୍ମ ହେବା ବ୍ୟକ୍ତି ବଡ଼ଭାଇ, ସବୁ ଶିକ୍ଷକ ନିଶ୍ଚେ ଆଗଜନ୍ମ, ଅଗ୍ର ଶିକ୍ଷିତ, ସେ ପଛରେ ଜନ୍ମ ହେବା ବ୍ୟକ୍ତିକୁ ଶିକ୍ଷା ରଶ୍ମୀ ବିତରଣ କରୁଛନ୍ତି। ବିଦ୍ୟାଦାତ୍ରୀ ଶାରଦା ସରସ୍ୱତୀଙ୍କର ସମସ୍ତେ ପୁତ୍ର ହେଲେ ଶିକ୍ଷକ ବଡ଼ପୁଅ ଛାତ୍ର ସାନପୁଅ ଅତଏବ ଯୁକ୍ତି ଦୃଷ୍ଟିରୁ ଶିକ୍ଷକମାନେ ବଡ଼ଭାଇ ସଦୃଶ। ଶ୍ରୀରାମ ସୀତା ପର୍ଣ୍ଣକୁଟୀରରେ ଶୟନ ବିଶ୍ରାମ ବେଳେ ଭାଇ ଲକ୍ଷ୍ମଣ ଜାଗ୍ରତ ରହି ଶରାସନ ଧରି ପ୍ରହରାରତ ରହୁଥିଲେ। ଏଇତ ଦେଶ ଭିତରେ ଯେ ଯେଉଁଠି ରହନ୍ତୁ, ବର୍ହିଶତୃକୁ ଯବାନ ଜଗିଛନ୍ତି ଆଉ ବିଶ୍ରାମ ବା ଦୁର୍ବଳ ମୁହୂର୍ତ୍ତରେ ଗଡିଥିବା ଲୋକଙ୍କୁ ଜାଗ୍ରତ ପୋଲିସ ସହାୟକ ହେଉଛନ୍ତି। ଏଇ ଧାରାରେ ଏହି ବୃତ୍ତିର ଲୋକ ସାନ ଭାଇରେ ଆସୁଛନ୍ତି। ସାନଭାଇର ଗୁଣ ବାହୁନି ଲୋକେ କାନ୍ଦୁଛନ୍ତି। 'ରାମ ଦୁଆରେ ତୁମ ରଖବାରେ' ଏ ମଲ୍ଲଶ୍ରୀ ହନୁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ରାମ ଦ୍ୱାରା କଣ ବିଶ୍ୱର ରାଜା ସେ ଅବଧ ସିଂହାସନର ଅଧିକାରୀ। ଅବଧମାନେ ଯେଉଁଠି ବାଧ୍ୟ ନାହିଁ। ପ୍ରାଣଦଣ୍ଡ ନାହିଁ। ସଂହାର ନାହିଁ ସଂସ୍କାର ଅଛି। ଏପରି ରାମ ଦ୍ୱାର ହନୁମାନ ଜଗି ରହିଛନ୍ତି। ଏଇ ହନୁମାନ ଭାଇ ରୂପେ ଯୁଗକୁ ଯୁଗ ଅଛନ୍ତି। ରକ୍ଷାକର ବଞ୍ଚାଅ ଶବ୍ଦ ବିକଳ କାତର ଡାକରେ ଯେ ଜବାବ ଦିଏ ରକ୍ଷା କରିବାକୁ ଆଗଭର ହୁଏ ସେ ହିଁ ହନୁମାନ ଶକ୍ତିରେ ଉଦବୁଦ୍ଧ। ସୀତାଙ୍କର ଦୁଃଖ ଅବସ୍ଥା ହନୁମାନ ସହ୍ୟ କରିନାହାଁନ୍ତି। ନିଜ ଅଙ୍ଗରେ ନିଆଁ ଲଗାଇବା ଦଣ୍ଡକୁ ଆପଣେଇବା କଷ୍ଟକୁ ସେ କରିନେଇଛନ୍ତି। ରାମ ରାବଣ ଯୁଦ୍ଧରେ କେତେ ଗଦା ପଥର ତୀର ଆଘାତ ସେ ସହି ନାହାଁନ୍ତି। ସମୟର ମୂଲ୍ୟ ସେ ଠିକ ବୁଝିଥିଲେ ସମୟ ଓ ଦାୟିତ୍ୱ କେମିତି ପରିଚାଳନା ଠିକ କରାଯିବ ଏହା ହନୁମାନଙ୍କ ଠାରୁ ଶିକ୍ଷା କରାଯାଏ। ଏ ଲକ୍ଷ୍ମଣ ଶକ୍ତିଭେଦ ଡାକ୍ତର କବିରାଜ ବା ବୈଦ୍ୟରାଜ ଧରି ନେଇ ଆସିବା ପୁଣି ପାଖରେ ନଥିବା ଜଡ଼ିବୁଟିକୁ କେହି ଦୂର ସ୍ଥାନକୁ ଯାଇ ତାକୁ ସଂଗ୍ରହ କରିବାରେ ଅସୁବିଧା ଜାଣି ଜଡ଼ିବୁଟିଥିବା ସ୍ଥାନକୁ ସ୍ୱଧର୍ମ ଓ ଶରୀର ବଳରେ ତାଡି ମାଧ୍ୟାକର୍ଷଣ ଶକ୍ତିକୁ କାଟି ଦ୍ରୁତ ଚିକିତ୍ସା ସ୍ଥାନରେ ଠିକ ସମୟରେ ପହଞ୍ଚି ଲକ୍ଷ୍ମଣଙ୍କ ପ୍ରାଣରକ୍ଷା କରିଥିଲେ। ଏ ଭାଇ ରକ୍ଷାକର୍ତ୍ତା ଭାଇ। ଲଜ୍ୟା ନିବାରକ, ବିପଦବନ୍ଧୁ ଭାଇ ଅଛନ୍ତି। ଦ୍ରୌପଦୀ ରାଜସଭାରେ ଲାଞ୍ଛିତ, ନିଜର ସ୍ୱାମୀ କାନୁନରେ ବାନ୍ଧି ହୋଇ ରକ୍ଷା କରିପାରୁନାହାଁନ୍ତି। ରାଜା କାନୁନରେ ସେ ଏକ ପ୍ରକାର ଦଣ୍ଡିତା। ସମାଜ ରକ୍ଷା କରିପାରୁନାହିଁ ଅଛି ରାଜଭୟ। ସେବେଳର ସହାୟକ ଶ୍ରୀକୃଷ୍ଣ ହୋଇ ଲଜ୍ୟାରୁ ରକ୍ଷା କରିଛନ୍ତି ଏଇତ ଭାଇର କାର୍ଯ୍ୟ ବିପଦବନ୍ଧୁ।

ଏମିତି ଭାଇ ଅଂଶରେ ଆମର ତିଲୁଭାଇ ଜନ୍ମ। ସ୍ୱଜନ୍ମ ଭୂମି ବଡ଼ମୂଳେଇରୁ ଦିଲ୍ଲୀର ପାର୍ଲାମେଣ୍ଟ। ସେ ଜନତାଙ୍କର ଭାଇ କାମ ଭୂମିକାରେ ବିଭିନ୍ନ କାମ କରିଛନ୍ତି। ସେ ଲୋକପ୍ରିୟ ନେତା, ଜାଗ୍ରତ ନେତା, କଟକ ସହରରେ ଅନେକ ସମସ୍ୟା ତହିଁର ମେୟର ବା ଚେୟାରମ୍ୟାନ ହୋଇ ଏକ ଅଭୁଲା ସ୍ମୃତି ରଖିଯାଇଛନ୍ତି। ଟିପା ଯନ୍ତ୍ରରେ ମଶା ମାରିବା ତେଲ ଗଳି କନ୍ଦିରେ ମଶା ବଂଶ ନିପାତ କରିବା ପାଇଁ ସ୍ପ୍ରେ କରିବା, ଯାହା ପୂର୍ବରୁ ଏପରି ହେବା କେହି ଜାଣିନଥିଲେ। ଆଧୁନିକ ବିଜ୍ଞାନର ସୁଫଳ ମଶା ଦାଉରୁ ତତ୍କାଳ କଟକବାସୀଙ୍କୁ ଅନେକ ଅଂଶରେ ତ୍ରାହି କରିଥିଲା। ତାଙ୍କର ନାମରେ ନୁହଁ ଜଣେ ନାମଯାଦା ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତ ନାମରେ ସେ ଏକ ଉନ୍ନତ ଲାଇବ୍ରେରୀ କରି ଅନେକ ପୁସ୍ତକ ସଂଗ୍ରହ ଓ କ୍ରୟ କରାଇ ପାଠକ ମାନଙ୍କୁ ଜ୍ଞାନ ଆହରଣରେ ସହାୟକ ହୋଇଥିଲେ। ଦୁର୍ଭାଗ୍ୟ ଏଇ ପାଠାଗାରକୁ ପରବର୍ତ୍ତୀ କାଳରେ ଭାଙ୍ଗି ଅନ୍ୟତ୍ର ସଂକୁଚିତରେ ରଖାଯାଇଛି। ତାଙ୍କର କଟକ ମ୍ୟୁନିସିପାଲଟି ଦାୟିତ୍ୱ ନେବା ପୂର୍ବରୁ ଥିବା ପାଣ୍ଠିକୁ ସେ ଅନେକ ଉନ୍ନତି କାମରେ ଖର୍ଚ୍ଚ କରିଲେ ବି ପରେ ତାଙ୍କର ଦାୟିତ୍ୱ ହସ୍ତାନ୍ତର ବେଳକୁ ଅନେକ ଅର୍ଥ ସଞ୍ଚିତ ସରକାରୀ ତହବିଲରେ ରଖାଯାଇଥିଲା। ତାଙ୍କର ଲୋକପ୍ରିୟତାର ପଟ୍ଟାନ୍ତର ନାହିଁ। ସେ ଅତି ଧାର୍ମିକ ସଂସାରୀ ବ୍ୟକ୍ତି ଶ୍ରୀ ସତ୍ୟସାଇ ଅନୁଷ୍ଠାନ ସହିତ ନିବିଡ଼ ଭାବରେ ଜଡ଼ିତ। ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଅଗଷ୍ଟୀ ମହାଶୟା, ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଅଧ୍ୟାପିକା ଥିଲାବେଳେ ମହାଶୟା ଜଗତସିଂହପୁର ସାଇ ବାବାଙ୍କର ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଥିଲେ। ତାଙ୍କ ନିର୍ଦ୍ଦେଶରେ ଭଜନ, ବାଲବିକାଶ, ସେବା କାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ଚାଲୁଥିଲା। ଆମ ତିଲୁଭାଇ ତାଙ୍କ ସହିତ ଏମିତି କେତେ ସଭାସମିତିରେ ଲୋକଙ୍କୁ ସାଇବାବାଙ୍କ ଉପଦେଶ କର୍ମଧାର ବିଷୟରେ ସମ୍ଭାଷଣରେ କହିବା ସମସ୍ତେ ଜାଣନ୍ତି। ସେ ସତ୍ୟସାଇ ସଂଗଠନର ସମସ୍ତଙ୍କର 'ତିଲୁଭାଇ' ସାଇରାମର ସମ୍ମାନୀୟ ଉତ୍ତର ସେ ସର୍ବଦା ଦେଇ ଆସିଛନ୍ତି। ସେ ପୁଟପର୍ତ୍ତୀ ବହୁଥର ଯାଇ ବାବାଙ୍କ ସାନ୍ନିଧ ପାଇଛନ୍ତି। ସେ ପରକୁ ପଥରର ସ୍ପର୍ଶ ସେ ପାଇଛନ୍ତି। ତିଲୁଭାଇଙ୍କ ନାମ ତ୍ରିଲୋଚନ। ଛଅ ପାଖ ଥିବା ବସ୍ତୁତଃ କୌଣସି ବ୍ୟକ୍ତି ୨ ଆକ୍ଷିରିରେ ଦେଖିନପାରେ।

ସେ ଜଣେ ଜ୍ୟୋତିଷୀ ଶାସ୍ତ୍ର ପ୍ରେମିକ। ତାଙ୍କର ଅଧକ୍ଷତାରେ ନିୟତି ଜ୍ୟୋର୍ତିବିଜ୍ଞାନ ପତ୍ରିକାର ରୌପ୍ୟ ଜୁବଲି ତାଙ୍କରି ଦ୍ୱାରା ହିଁ ଦୀନକୃଷ୍ଣ ବପାବୁ ସମ୍ପାଦକଙ୍କ ଅନୁରୋଧରେ ହୋଇପାରିଥିଲା। ଓଡ଼ିଶାର ଜ୍ୟୋତିଶୀ ୪୦୦ ଡେଲିଗେଟ, ଗଜପତି ମହାରାଜ, ଶଙ୍କରାଚାର୍ଯ୍ୟ, ବଳିଆ ବାବା, ମାଧବ ବାବା, କନିକା ବଂଶର ଦାୟଦ ଶ୍ରୀ ରବିନ୍ଦ୍ର ନାରାୟଣ ଭଞ୍ଜଦେଓ। ଏକ ପ୍ରାକୃତିକ ଚିକିତ୍ସା କାମ୍ପ ଓ ଅନେକ ଗଣ୍ୟମାନ୍ୟ ପୁଣି ଜ୍ଞାନୀକୁ ଏକତ୍ର ସମାବେଶ କରିବା ସହିତ ରାଜ୍ୟର ତତ୍କାଳ ମୁଖ୍ୟମନ୍ତ୍ରୀ ଜାନକୀବାବୁ କେନ୍ଦ୍ରର ମନ୍ତ୍ରୀ ଗମାଙ୍ଗ ବାବୁଙ୍କୁ ସେ ଏକତ୍ର କରିବାରେ ନିୟତି କର୍ମକର୍ତ୍ତାଙ୍କୁ ଅକୁଣ୍ଠ ସହାୟତା କରି ରୌପ୍ୟ ଜୁବଲିକୁ ସାଫଲ୍ୟ କରାଇଥିଲେ। ଏ ଅନୁଷ୍ଠାନ ପାଇଁ ତାଙ୍କର ଋଣ ନିୟତିର କର୍ମକର୍ତ୍ତା କେବେ ଭୁଲିପାରିବେ ନାହିଁ ଯହିଁରେ ମୁଁ ବର୍ତ୍ତମାନ ଥିବା ଜଣେ ନଗଣ୍ୟ ନିୟତି କର୍ମକର୍ତ୍ତା। ତାଙ୍କର ସାମୁହିକ ସେବା କଥା କଣ ବସାଯିବା ତାର ଆଦ୍ୟ ଅନ୍ତ ନାହିଁ। ୧୯୯୯ ବାତ୍ୟା ସେତେବେଳେ ସେ ଏମ.ପି. ଥିଲେ। ଜଗତସିଂହପୁର ଏରସମାର ବ୍ୟାପକ କ୍ଷତି ଅଞ୍ଚଳକୁ ବାରମ୍ବାର ଗସ୍ତ କରି ବହୁ ସହାୟ କେମିତି ଲୋକେ ପାଇବେ ତାର ବ୍ୟବସ୍ଥା ସେ କରିଥିଲେ। ବାତ୍ୟାବିଧ୍ୱସ୍ତ ଅଞ୍ଚଳ ଗୁଡ଼ିକୁ ବିଭିନ୍ନ ପ୍ରଦେଶର ପୋଷ୍ୟ ଜିଲ୍ଲା ରୂପେ ହୋଇଥିବା ଉଦ୍ୟମରେ ସେ ଥିଲେ ନିଶ୍ଚେ ଜଣେ ଉଦ୍ୟୋକ୍ତା। ମୋର ବ୍ୟକ୍ତିଗତ ଅନେକ ଦୁଃଖ ଥିଲା ଅଛି, ସେ ଜଗତସିଂହପୁରରେ ଥିଲାବେଳେ ମୋର ଅସହୟତା ଅନୁଭବ କରି ସେ ମନବଳ ବଢ଼ାଇ ଥିଲେ। କଟକ ଆସିଲି ସେ ଛୋଟ ଚେମ୍ବରକୁ ସେ ଅନେକବାର ଆସିଛନ୍ତି ସେ ବହୁ ଉପଦେଶ ଜ୍ୟୋତିଷ ବୟାନ ଉପରେ ଦେଇଛନ୍ତି। ଏପରି ବ୍ୟକ୍ତି ଯେ ଓଡ଼ିଶାରେ ଦିନେ ଏ.ଜି.ରେ ଚାକିରୀ କରିଥିବା ଦିଲ୍ଲୀ ବାସିନ୍ଦା କେ.ଏନ.ରାଓ ବିଖ୍ୟାତ ଜ୍ୟୋତିଷୀଙ୍କୁ ଭେଟି ପରେ ତାଙ୍କର ଏକ ପ୍ରକାର ଆତ୍ମୀୟ ଭାବ ତାଙ୍କ ସମ୍ବନ୍ଧ ହୋଇଯାଇଥିଲା। କେ.ଏନ.ରାଓ ବର୍ତ୍ତମାନ ଅନେକ ଜ୍ୟୋତିଷୀ ପୁସ୍ତକର ଲେଖକ ତାଙ୍କର କଥା ମୋତେ କେତେ ଥର କରିଛନ୍ତି। କର୍ତ୍ତବ୍ୟରେ ସେ କେବେ ହେଳା କରିନାହାଁନ୍ତି। ସୁଖ ଦୁଃଖରେ ସେ ରହିବି ଅନେକ ବ୍ୟକ୍ତିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଆନୁଷ୍ଠାନିକ ସମ୍ପର୍କ ରାଜନେତା ଯେଉଁଦଳର ହୁଅନ୍ତୁ ତାଙ୍କ ସହିତ ସମ୍ପର୍କ ରଖୁଥିଲେ ତାଙ୍କର ପରିଚୟ ସେହି ତିଲୁଭାଇ। ସରକାର ଅନେକ ନୀତିକୁ ସେ ସମାଲୋଚନା କରୁଥିଲେ ଖବରକାଗଜରେ ଲେଖୁଥିଲେ କଲମ କାନ୍ ଖୋଲାକରି ଶୁଣିଲେ ସରକାର ଯହିଁରେ ତତ୍କାଳ ଅନେକ ସମସ୍ୟା ବିଷୟରେ ଦୃଷ୍ଟି ସରକାରୀ କଳକୁ ଦେବାକୁ ପଡୁଥିଲା। ଏ ଦୁନିଅଁ ଦୁଇନିଆଁର ସ୍ଥାନ। ହିନ୍ଦୁଧର୍ମରେ ବିଶ୍ୱାସ। ୧ମ ନିଆଁ ଏନ୍ତୁଡିଶାଳ ଯାହା ଜନ୍ମକାଳ ଉର୍ଦ୍ଧଦାହିକ କ୍ରିୟା ୨ୟ ନିଆଁ। ଛୋଟ ମୋର ଗାଁଟି କବିତା ପ୍ରଦେଶ ବହିରେ ଅନେକ ପଢ଼ିଥିବେ। ଗ୍ରାମର ଶ୍ମଶାନର ପ୍ରଶସ୍ତି ଏଥିରେ ବି ଅଛି। ଆମ ରାଜ୍ୟରେ ବିଶ୍ୱାସ ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ଦାହ ସଂସ୍କାର କରାଗଲେ ବ୍ୟକ୍ତିର ଆତ୍ମାର ସଦଗତି ହୁଏ। ତାଙ୍କର ସ୍ମୃତି ଅମ୍ଳାନ, ତାଙ୍କର ସ୍ୱର୍ଗଯାତ୍ରା ସଫଳପ୍ରଦ ହେଉ ଦେବଲୋକରେ ସେ ରାଜର୍ଷି ଜୀବନ କାଟନ୍ତୁ ଏହା କଟକଚଣ୍ଡୀଙ୍କୁ ଜଣାଇ ରହୁଛି।

ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩



# ସମସ୍ତ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ଅଭିନେତ୍ରୀ ତନ୍ଦ୍ରା ରାୟଙ୍କ ସହ କିଛି ମୁହୂର୍ତ୍ତ

## ସପ୍ତାହର ସାକ୍ଷାତକାର

***ସତୁରି ଅଶୀ ଦଶକରେ ନିଜ ଅଭିନୟରେ ଦର୍ଶକଙ୍କୁ ମତୁଆଲା କରୁଥିବା ନାୟିକା ତନ୍ଦ୍ରା ରାୟ। ତାଙ୍କ ଅଭିନୟ ର ଯଦୁକାରୀ ରେ ସିନେମା ହଲରେ ସମସ୍ତ ବର୍ଗର ଦର୍ଶକ ଆନନ୍ଦିତ ହୋଇଥାନ୍ତି।କେତେକ ସେ ନାୟିକା ତ କେତେବେଳେ ବଡ଼ ଭଉଣୀ ତ କେତେବେଳେ ମା ସମସ୍ତ ଚରିତ୍ର ନିପୁଣ ଭାବେ ଅଭିନୟ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇଥିଲେ। ତନ୍ଦ୍ରା ରାୟ ଅଭିନେତା ବିଜୟ ମହାନ୍ତିଙ୍କୁ ବିବାହ କରିଥିଲେ। ଉଭୟ ଦମ୍ପତ୍ତିଙ୍କର ଏକ କନ୍ୟା ଜସ୍ମିନ୍ ମହାନ୍ତି ଅଛନ୍ତି। ନିକଟରେ ବିଜୟଙ୍କ ତିରୋଧାନ ତନ୍ଦ୍ରାଙ୍କୁ ଭାଙ୍ଗି ଦେଇଛି ସତ ମାତ୍ର ସେ ଛାଡି ଦେଇଥିବା ଛାପ ତାଙ୍କୁ ବଞ୍ଚିବା ପାଇଁ ଖୋରାକ ଯୋଗାଉଛି । ଯୋଗ ଓ ଆଧ୍ୟାତ୍ମିକ ମାର୍ଗ ରେ ଜୀବନ ଅତିବାହିତ କରୁଥିଲେ ବି ଓଡିଆ ଫିଲ୍ମ ପାଇଁ ତାଙ୍କ ଅବଦାନ ଚିର ସ୍ମରଣୀୟ।***



**ପ୍ରଶ୍ନ: ଆପଣ କିପରି ଚଳଚ୍ଚିତ୍ର ରେ ଅଭିନୟ ପ୍ରତି ଆକୃଷ୍ଟ ହେଲେ, ସେ ସମୟରେ ସାଧାରଣତଃ ମହିଳା ଟେ ବାହାରକୁ ଆସି ଅଭିନୟ କରିବା କାଠିକର ପାଠ ଥିଲା ।ଆପଣ କିପରି ଆସିଲେ।**

**ଉତ୍ତର:** ଆମ ଘରେ ସାଧାରଣତଃ କଳା ,ସଂସ୍କୃତି ର ବାତାବରଣ ଥିଲା।ମୋ ମା ଓଡିଶୀ ନାଚ, ଓଡିଶୀ ସଂଗୀତ ରେ ନିପୁଣ ଥିଲା ତାଛଡା ସେ ରେଡ଼ିଓ ଆର୍ଟିଷ୍ଟ ଥିଲା ।ମୋ ବଡ଼ ଭଉଣୀ ଓଡିଶୀ ଡ୍ୟାନ୍ସର ଥିଲା ।ଆମ ଘରେ ସମସ୍ତେ ଓପନ ମାଇଣ୍ଡେଡ଼।ସେ ସମୟରେ ଆମ ଘରକୁ ବହୁ ପ୍ରତିଷ୍ଠିତ କଳାକାର ମାନେ ଆସୁଥିଲେ।ସଂଯୁକ୍ତା ପାଣିଗ୍ରାହୀ, କେଳୁଚରଣ ମହାପାତ୍ର, ଦେବ ପ୍ରସାଦ ରାୟ ଆସନ୍ତି ଓ ଆମ ଘରେ ସଙ୍ଗୀତ ଓ ନୃତ୍ୟ ର ଆସର ଜମେ।ମୋ ମା ଭୁବନେଶ୍ୱର କଳା କେନ୍ଦ୍ର, କସ୍ତୁରିବା ନାରୀ ମହଲ ରେ ସଭ୍ୟ ଥିଲେ ବହୁ କଳା ପଦର୍ଶନ କରୁଥିଲେ।ମା ସେତେବେଳେ ଭୁବନେଶ୍ୱର ରେ କୁମାର ଉତ୍ସବ ରେ ଭାଗ ନେଉଥିଲେ।ମୋଟା ମୋଟି କହିବାକୁ ଗଲେ ଆମ ଘରେ ସବୁ କଳା ପ୍ରୀତି ଥିଲେ।କିନ୍ତୁ ମୁଁ ସମ୍ପୂର୍ଣ୍ଣ ଅଲଗା ଥିଲି ମୁଁ ବହୁତ ଲାଜ ସ୍ୱଭାବ ର ଥିଲି।ମୁଁ ଆମ ଘରେ ହେଉଥିବା ସଙ୍ଗୀତ, ଗୀତ ଓ ନାଚ ର ଆସର ଦେଖେ ମାତ୍ର ମୁଁ ସେଥିରେ ଭାଗିଦାର ହୁଏ ନାହିଁ ମୋର ଆଗ୍ରହ ନଥାଏ।ଏପରିକି ସ୍କୁଲ କଲେଜ ରେ ପଢୁଥିବା ସମେରେ ସାଙ୍ଗ ମାନଙ୍କ ଅନୁରୋଧ ରେ ବିଦ୍ୟାଳୟ ରେ ହେଉଥିବା ଡ୍ରାମା ରେ ଭାଗ ନିଏ ମାତ୍ର ଡ୍ରାମା ଦିନ ଆସେନାହିଁ।ଏଥିପାଇଁ ସାଙ୍ଗ ସାଥି ଓ ଶିକ୍ଷକ ଙ୍କ ଠାରୁ ଢେର ଗାଳି ଖାଏ।ମୁଁ ରମାଦେବୀ ରେ ବିଏ ପଢୁଥିବା ସମୟରେ ଆମ ଘରକୁ ଶାନ୍ତନୁ ମହାପାତ୍ର ଆସିଥିଲେ ସେ ମତେ ଚଳଚ୍ଚିତ୍ର ରେ ଅଭିନୟ ପାଇଁ କହିଥିଲେ।କାଳିଜାଇ ଫିଲ୍ମ ନିର୍ମାଣ ପାଇଁ ସମସ୍ତ ପ୍ରକାର ଚେଷ୍ଟା ଚାଲିଲା ମାତ୍ର କୌଣସି କାରଣ ରୁ ଏହି ଫିଲ୍ମ ର ନିର୍ମାଣ ବନ୍ଦ ହୋଇଗଲା।ତେଣୁ ଏହି ଚଳଚ୍ଚିତ୍ର ଆଉ ହେଲାନି ତାହାର କିଛିଦିନ ପରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ମାତା ବିପ୍ଳବ ରାୟ ଚୌଧୁରୀ ଆମ ଘରକୁ ଆସିଥାନ୍ତି ସେ ସମ୍ପର୍କରେ ମୋ ମାମୁଁ ହେବେ ମତେ ଦେଖିକି କହିଲେ କାଳିଜାଇ ଫିଲ୍ମ ନିର୍ମାଣ ବନ୍ଦ ହେଇଗଲା ସେ ଫିଲ୍ମର ସବୁ ଲୋକ ଆମର ଗୋଟେ ଫିଲ୍ମ ନିର୍ମାଣ କରିବୁ 'ଚିଲିକା ତୀରେ' ସେଥିରେ ଯୋଗ ଦେବେ । ତୁ ସେଥିରେ ଅଭିନୟ କରେ। ଘରେ ବି କହିଲେ ମାମୁଁ ତ ଅଛି ତୁ ଅଭିନୟ କରେ।ଏଇ ଗୋଟିଏ ଫିଲ୍ମ କରେ।ଓଡ଼ିଆ ଚଳଚ୍ଚିତ୍ର 'ଚିଲିକା ତୀରେ' ରେ ଅଭିନୟ କଲି ମାତ୍ର ସେ ସମୟରେ ଚିଲିକା ତୀରେ ଚଳଚ୍ଚିତ୍ର ନିର୍ମାଣ ଚାଲୁଥାଏ ଏହି ଚଳଚ୍ଚିତ୍ର ନିର୍ମାଣ ସାରିନଥିଲା କିଛି ବରିଷ୍ଠ ପ୍ରଯୋଜକ ଓ କର୍ମକର୍ତ୍ତା ମତେ 'ପୁନଃ ମିଳନ 'ଫିଲ୍ମ ରେ ଅଭିନୟ ପାଇଁ ଅନୁରୋଧ କଲେ।ମୁଁ କଲି ଉକ୍ତ ଫିଲ୍ମ ରେ ଅଧିକାଂଶ ତାମିଲ ଲୋକ ମୁଁ ଅଭିନୟ କଲି ପ୍ରଥମେ ପୁନଃମିଳନ ରିଲିଜ ହେଲା ଉକ୍ତ ଫିଲ୍ମ କମେଡି ଫିଲ୍ମ ଥିଲା।ତାହାପରେ ଚିଲିକା ତୀରେ ରିଲିଜ ହେଲା।ମୋ ସାଙ୍ଗ ସାଥି ମୋର ଅଭିନୟ ଦେଖି ଆଚର୍ଯ୍ୟ ହେଲେ।ସେମାନେ କହିଲେ ଅଭିନୟ ନକରିବ ବୋଲି ଯିଏ କଲେଜ ଡ୍ରାମା ରେ ଭାଗ ନେଇ ଯିଏ ନଆସେ ଆମେ ବହୁ କଷ୍ଟରେ ଅନ୍ୟ କଳାକାର ଙ୍କୁ ଯୋଗାଡ଼ କରି ଡ୍ରାମ କରିଥାଉ ସେ ଆଜି ଭ ଚଳଚ୍ଚିତ୍ର ରେ ଅଭିନୟ କରୁଛି ସେ 'ଠିଆ ଠାକୁର' ବୋଲି ସାଙ୍ଗ ମାନେ ଆଲୋଚନା କରିଥାନ୍ତି।ବାସ୍ତବ ରେ କହିବାକୁ ଗଲେ ଚିଲିକା ତୀରେ ମତେ ଫିଲ୍ମ ଦୁନିଆ କୁ ଆଣିଛି ।କଳାକାର ପରିବାରରେ ଜନ୍ମ ହୋଇଥିଲେ ବି ଅଭିନୟର 'ଅ,ଅ' ଜାଣି ନଥିଲା ବେଳେ ଚିଲିକା ତୀରେ ମତେ ତିଆରି କଲା।ଚିଲିକା ତୀରେ ବହୁତ ସିରିୟସ ପିକ୍ଚର ଏଥିରେ ସବୁ ଚରିତ୍ର ର ଭାବ ଗାମ୍ଭିର୍ଯ୍ୟ। ସେତେବେଳେ ସମାଜ ରେ ବିଶେଷ କରି ମହିଳା ମାନେ ଚଳଚ୍ଚିତ୍ର ରେ ଅଭିନୟ କରିବାକୁ ଆସୁନଥିଲେ।ଯେହେତୁ ଆମ ଘର କଳାକାର ଙ୍କ ଘର ମୋ ମା ବି କଳାକାର ଏବଂ ମୋ ବଡ଼ ଭଉଣୀ ଓଡିଶୀ ଡ୍ୟାନ୍ସର ତେଣୁ ମତେ ଚଳଚ୍ଚିତ୍ର ରେ କାମ କରିବା ରେ କିଛି ଅସୁବିଧା ହେଲାନି।ତାଛଡା ସେତେବେଳେ ଚଳଚ୍ଚିତ୍ର ନିର୍ମାତା ଙ୍କ ଠାରୁ ଆରମ୍ଭ କରି ସବୁ କଳାକାର ମିଉଜିକ ମ୍ୟାନ ସବୁ ସଂସ୍କାର ଯୁକ୍ତ ଅଧିକାଂଶ ଆମ ପରିବାର ସହ ପରିଚିତ ତେଣୁ ମୋର କିଛି ଅସୁବିଧା ହୋଇନାହିଁ ମହିଳା କଳାକାର ଭାବେ କାର୍ଯ୍ୟ କରିବା।



**ପ୍ରଶ୍ନ: ଆପଣ ଙ୍କ ପଢା ପଢି କେଉଁଠି କେଉଁ ଯାଏଁ ପଢିଛନ୍ତି।ଅଭିନୟ କଲା ପରେ ପାଠ ପଢା ଉପରେ ପ୍ରଭାବ ପଡିଲା କି ?**

**ଉତ୍ତର:** ମୋର ପିଲାଦିନ ଭୁବନେଶ୍ୱରରେ । ପିଲା ବେଳୁ ଆମେ ଘରେ ପାଠ ପଢୁ।ଯେହେତୁ ଆମ ଘର କଳାକାର ଘର ସେଥିରେ ବି ଆମ ପାଠ ପଢା କୁ ମା ଓ ବାପା ଗଭୀର ଧ୍ୟାନ ଦେଉଥିଲେ।ଘରେ ନାଚ ଗୀତ ଦେଖେ ତାହାରି ଭିତରେ ବହୁତ ଆନନ୍ଦ ରେ ପାଠ ପଢୁ ମୁଁ ପାଠ ପଢୁଥିବା ସମୟରେ ଭାରତ ର ବହୁ କଳାକାର ଙ୍କ ଭାଉଲେଣ୍ଟ,ସିତାରା ଓ ସଙ୍ଗୀତ ,ନୃତ୍ୟ ଦେଖେ।ଆମେ କେହି ଫିଲ୍ମ ହଲ କୁ ଯାଇନାହୁଁ ଯେତେବେଳେ କଟକ ଆସୁ ସେବେ ଫିଲ୍ମ ଦେଖୁ।ମୋର ମନେ ଅଛି ସେତେବେଳେ 'ଜଞ୍ଜିର 'ଫିଲ୍ମ ସୁପରହିଟ ହୋଇଥିଲା ମାତ୍ର ଆମେ ଦେଖିପାରିଲୁ ନାହିଁ ପରବର୍ତ୍ତୀ ଅବସ୍ଥାରେ ରେ ଦେଖିଲି।କହିବାକୁ ଗଲେ ପିଲାଦିନୁ ପାଠ ପଢା ପ୍ରତି ମୋର ଧ୍ୟାନ ବହୁତ ଥିଲା ।ମୁଁ ରମାଦେବୀ ରେ ପାଠ ସାରି ବାଣୀବିହାର ରେ ଇଂରାଜୀ ରେ ଏମେ ପାଇଁ ନାମ ଲେଖେଇଲି ସେତେବେଳେ ମୁଁ ଫିଲ୍ମ ରେ ଅଭିନୟ କରି ସାରିଲିଣି ମତେ କିଛି ଯୁବକ କମେଣ୍ଟ ମାରିବାରୁ ମୁଁ ସମୁଦାୟ ୪ରୁ ୫ ଦିନ ବାଣୀବିହାର ଯାଇ କ୍ଲାସ କରି ଆଉ ଗଲିନି ସେଥି ମୋର ପାଠରେ ଡୋରି ପଡିଲା।



**ପ୍ରଶ୍ନ: ଆପଣଙ୍କ ବିବାହ କେମିତି ହେଲା ବିବାହ ପରେ ଆପଣଙ୍କ ଅଭିନୟ ଉପରେ କିଛି ପ୍ରବାହ ପଡିଲା କି ?**

**ଉତ୍ତର:** ମୁଁ ଲାଜୁକୁଳା ସ୍ୱଭାବ ର ଥିଲି ମୁଁ ଯେତେବେଳେ ବିଏ ପଢୁଥିଲି ସେତେବେଳେ ମୋର ବହୁ ପ୍ରସ୍ତାବ ଆସେ ମୋ ମା ଓ ପରିବାର ଲୋକ ବାଧ କରନ୍ତି ବିବାହ ପାଇଁ ମୁଁ ମନା କରେ।କିଛିଦିନ ପରେ ଯେତେବେଳେ ଚିଲିକା ତୀରେ ରେ ମୁଁ ଅଭିନୟ କଲି ସେତେବେଳେ ମୋର ବିଜୟ ମହାନ୍ତି ଙ୍କ ସହ ଦେଖା ଏକାଠି ଉକ୍ତ ଫିଲ୍ମରେ ଅଭିନୟ କରିଥିଲୁ ।ଉଭୟ ଉଭୟ ଙ୍କୁ ପସନ୍ଦ କଲୁ ବିଜୟ ଙ୍କ ଘର ଲୋକ ଆମ ଘରକୁ ପ୍ରସ୍ତାବ ଆଣିଲେ ମା ମୋ ମତ ଲୋଡିଲେ ମୁଁ ନିରବ ହୋଇ ଠିଆ ହୋଇଥାଏ କୌଣସି ପ୍ରତିକ୍ରିୟା ଦେଇନଥିଲି ଏହାପରେ ଘର ଲୋକ କହିଲେ ମୌନତି ସଂମ୍ମତି ଲକ୍ଷଣ ।ତାହାପରେ ଆମର ବିବାହ ହେଲା।ବିବାହ ପରେ କିଛି ବର୍ଷ ଫିଲ୍ମ କରିନଥିଲି।ଝିଅ ଟିକିଏ ବଡ଼ ହେଲା ପରେ ପୁନଃ ଅଭିନୟ କଲି।ଇଏ ବହୁତ କୋପଟିଭ ବହୁତ କେୟାରିଙ୍ଗ।ବହୁତ ସୁନ୍ଦର ମଣିଷ କେବେ କିଛି ବିରୋଧ କରିନାହାନ୍ତି।ସେ ଜାଣିଛନ୍ତି ମୁଁ ଯାହା ବି କରିବି କେବେ ଭୂଲ କରିବିନି। ମତେ ସେ ବହୁତ ଭଲ ପାଉଥିଲେ। ଓଃ.......(ଆଖି ଛଳ ଛଳ ହୋଇଗଲା)

**ପ୍ରଶ୍ନ: ଆପଣ ୨୦୧୩ ମସିହା ଠାରୁ ଆଉ ଫିଲ୍ମ କରିଲେ ନାହିଁ । ଏହାର କାରଣ କଣ ?**

**ଉତ୍ତର:** ୨୦୧୨ଶେଷ ଆଡକୁ ମୁଁ ମୋ ଝିଅ ପାଖକୁ ହାଇଦ୍ରାବାଦ ଯାଇଥିଲି।ସେଠାରେ ତାକୁ ସହଯୋଗ କରେ ସେ ତାର ପିଲା ମାନଙ୍କୁ ଯତ୍ନ କିପରି ନେବ ସେଥିପାଇଁ ସେଠାରେ ଥାଏ।ତାହାପରେ ଝିଅ ପାଖରେ ରହିଲେ ଟିକିଏ ଶାନ୍ତି ମିଳେ ସେଠାରେ ରହିଲି।ମଝିରେ ମଝିରେ ଓଡିଶା ଆସେ ସେ ବି (ବିଜୟ ମହାନ୍ତି)ଯିବା ଆସିବା କରନ୍ତି।ମୁଁ ୨୦୧୩ ରେ ତିନୋଟି ଫିଲ୍ମ ଓ ଗୋଟିଏ ଇ ଟିଭି ରେ'ଅପା' ସିରିଏଲ କରିଲି ।ସେ ସମୟରେ ମୋ ସାନ ଭାଇ ହଠାତ ଚାଲି ଗଲା ତାହାପରେ ବାପା ଶଯ୍ୟାସାୟୀ ହୋଇ ଚାଲି ଗଲେ ତାହାର କିଛି ବର୍ଷ ଭିତରେ ମା ଚାଲିଗଲା ଯାହା ମତେ ମାନସିକ ସ୍ତରରେ ବହୁତ ଭାଙ୍ଗି ଦେଲା ମୁଁ ମୋ ଝିଅ ପାଖକୁ ହାଇଦ୍ରାବାଦ ପଳେଇଲି।ତାହା ପରେ ଆଙ୍କର ବିୟୋଗ ମତେ ପୁରା ଭାଙ୍ଗି ଦେଲା (କୋହ ଭରା କଣ୍ଠ ରେ)।ଆଉ ଅଭିନୟ ଦୁନିଆ କୁ ଫେରିନି କି ଫେରିବିନି।



**ପ୍ରଶ୍ନ: ବିଜୟ ବାବୁଙ୍କ ସହ ଆପଣଙ୍କ ସବୁଠାରୁ ଅଭୁଲା ମୁହୂର୍ତ୍ତ ?**

**ଉତ୍ତର:** କଣ କହିବି ସେ ହିଁ ମୋର ସବୁ କିଛି ଥିଲେ ।ବହୁ ଚଳଚ୍ଚିତ୍ର ରେ ସେ ଭାଇ, ଖଳନାୟକ, ନାୟକ ଭୂମିକା ରେ ମୋ ସହ ଅଭିନୟ କରିଛନ୍ତି।ତାଙ୍କର ସମସ୍ତ ଙ୍କ ପ୍ରତି ସଦଭାବନା ଥିଲା।ଓଡ଼ିଆ ଭାଷା ଉପରେ ତାଙ୍କର ବେଶ ଦକ୍ଷତା ଥିଲା।ବହୁତ ଓଡ଼ିଆ ନାଟକ ରଚନା କରିଥିଲେ।ତାଙ୍କ ଦ୍ୱାରା ସୃଷ୍ଟି 'ଅଜାତି'ନାଟକ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତି ହୋଇଥିଲା।ସେ ମୋର ଓଡ଼ିଆ ଜ୍ଞାନ ବଢ଼େଇ ଥିଲେ।ତାଙ୍କ ଠାରୁ ମୁଁ ସବୁ ସମୟରେ ଗାଇଡ଼ ଓ ଭଲପାଇବା ପାଉଥିଲି ଯାହା ଈଶ୍ୱର ଦଉ।ଆଗୁଆ ଚାଲି ଗଲେ ଆଉ କଣ କହିବି।ଶେଷ ସମୟ ରେ ବି ମୋର ସେବା କରିଛନ୍ତି।ମୋ ବେକ ରେ କିଛି ଇଂନଫେନ୍ସ ହୋଇଥିଲା ତାକୁ ସେ ପ୍ରତ୍ୟେକ ଦିନ ଔଷଧ ଲଗାଇ ଭଲ କରେଇ ଥିଲେ।ସେ ବହୁତ କେୟାରିଙ୍ଗ ସ୍ନେହୀ ମଣିଷ ଥିଲେ।

**ପ୍ରଶ୍ନ: ବର୍ତ୍ତମାନ ସମୟରେ ଓଡ଼ିଆ ଫିଲ୍ମ କାହିଁକି ଉଠି ପାରୁନାହିଁ ।**

**ଉତ୍ତର:** ଆମ ବେଳ ଏବେକାର ବେଳ ବହୁତ ଫରକ ଲୋକେ ଆଧୁନିକ ଆଡକୁ ଗଲେଣି ।ଆମ ବେଳେ ସେତେବେଳ ର ଘଟଣା , ଗ୍ରାମ୍ୟ ପରିବେଶ ଓ ପରବର୍ତ୍ତୀ ଅବସ୍ଥାରେ ସମାଜ ଧର୍ମୀ ଚଳଚ୍ଚିତ୍ର ବାହାରୁ ଥିଲା।ସେତେବେଳେ ଅଭିନୟ ରେ ସଂସ୍କାର ଥିଲା ମୁଁ କେବଳ ସାଗର ଫିଲ୍ମ ରେ ସାମ୍ବାଦିକ ଚରିତ୍ର ରେ ଫୁଲ ପ୍ୟାଣ୍ଟ ସାର୍ଟ ପିନ୍ଧି ଲୁନା ଚଲେଇ ବୁଲିବାର ଅଭିନୟ କରିବା ଛଡା 'ସତ କେବେ ଲୁଚିରହେନା'ରେ ପୋଲିସ ଭୂମିକା ରେ ପୋଲିସ ଡ୍ରେସ ପିନ୍ଧି ଅଭିନୟ କରିଥିଲି।ନହଲେ ଅନ୍ୟ ସବୁ ଫିଲ୍ମ ରେ ଶାଢ଼ୀ ପନ୍ଧି ଅଭିନୟ କରୁଥିଲି।ଆଜିର ଚଳଚ୍ଚିତ୍ର ରେ ଆଧୁନିକତା ସ୍ପର୍ଶ କରିଛି ଚଳଚ୍ଚିତ୍ର ରେ ଅଶ୍ଳିଳତା ପରିଦର୍ଶନ ହେଉଛି।ଫିଲ୍ମ ରେ ଓଡ଼ିଆ ଭାଷା ସାହିତ୍ୟ ଉପରେ ଗୁରୁତ୍ୱ ଦିଆ ଯାଉ ନାହିଁ। ଅନ୍ୟ ଭାଷା ର ଚଳଚ୍ଚିତ୍ର କୁ ଓଡ଼ିଆ ରେ ଡ଼ବିଙ୍ଗ ହେଉଛି।କପି ଫିଲ୍ମ ହେଉଛି।ଓଡ଼ିଆ ସଂସ୍କୃତି ର ଗନ୍ଧ ଚଳଚ୍ଚିତ୍ର ରେ ଦେଖାଯାଉ ନାହିଁ । ବର୍ତ୍ତମାନ ୧୯୯୯ମହାବାତ୍ୟା ପର ଠାରୁ ସିନେମା ହଲ ସବୁ ଭାଙ୍ଗି ଗଲା ତ କେଉଁଠି ବନ୍ଦ ହୋଇଗଲା ଯାହା ଫଳରେ ସିନେମା ଶିଳ୍ପ ନଷ୍ଟ ହେବାରେ ଲାଗିଲା।ଆମ ବେଳେ ରଙ୍ଗ ମଞ୍ଚ ଥିଲା ଅର୍ଣ୍ଣପୂର୍ଣା ଥେଟର କଟକ ଓ ପୁରୀ ରେ ଲୋକ ଟିକଟ କାଟି ଦେଖୁଥିଲେ।ତାହା ଏବେ ବି ସୁପ୍ତ।ଏହାପରେ ଯାତ୍ରା ଆରମ୍ଭ ହେଲା ଯାତ୍ରା ରହିଛି ରହିବ କାରଣ ଏହା ଲୋକଙ୍କ ପାଖକୁ ଗଲା ଲୋକେ ଟିକଟ କାଟି ଯାତ୍ରା ରାତି ଅନିଦ୍ରା ହୋଇ ଦେଖିଲେ।ଲୋକ ସିନେମା ହଲ ସଙ୍କଟ ଓ ଉଚ୍ଚ ଟିକେଟ ଦେଇ ଓଡ଼ିଆ ଫିଲ୍ମ ଦେଖିବାକୁ ଏତେଟା ପସନ୍ଦକରୁନାହାନ୍ତି। ତାହାର ଅନ୍ୟ କାରଣ ଅଧିକାଂଶ ପିଲା ମାନେ ଇଂରାଜୀ ମିଡିୟମ ରେ ପାଠ ପଢିଲେ ଘରେ ବି ଓଡ଼ିଆ ଶିଖିଲେଣି ତେଣୁ ଓଡ଼ିଆ ଫିଲ୍ମ ଦେଖିବାକୁ ଅଗ୍ରହ ଦେଖା ଯାଉନାହିଁ।ଆମ ଭାଷା କୁ ଆମକୁ ସୃଦୃଢ଼ କରିବାକୁ ପଡିବ ଓଡ଼ିଆ ଭାଷା ପ୍ରତି ସମସ୍ତ ଙ୍କ ଆଗ୍ରହ ବଢିଲେ ସେମାନେ ଓଡ଼ିଆ ଫିଲ୍ମ ଦେଖିବେ।ଏବେ ତ ଯୁବ ବର୍ଗ ମୋବାଇଲ ଫୋନ ରେ ଫିଲ୍ମ ଦେଖୁଛନ୍ତି ସିନେମା ହଲ କୁ ଖୁବ କମ ମାତ୍ରା ରେ ଦର୍ଶକ ଯାଉଛନ୍ତି।

**ପ୍ରଶ୍ନ: ଫିଲ୍ମ ଛାଡି ଦେଇଛନ୍ତି ଆପଣଙ୍କୁ ଆଉ ଦେଖିବାକୁ ମିଳୁନି ଟିଭି କି ଫିଲ୍ମ ପର୍ଦାରେ ଆପଣ ଜଣେ ପ୍ରମୁଖ କଳାକାର ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଥିଲେ ଏବେ କିପରି ଜୀବନ କାଟୁଛନ୍ତି ?**

**ଉତ୍ତର:** ମୁଁ ଏବେ ବହୁତ ସମୟ ମୋ ନାତି ନାତୁଣୀ ସହ ସମୟ କଟେଇବା ସହ ଆଧ୍ୟାତ୍ମିକ ପ୍ରବଚନ ଶୁଣେ ।ଆଧ୍ୟାତ୍ମିକତା ଭାବେ ଭଗବାନ ଙ୍କ ସାନିଧ୍ୟ ପାଇଁ ଚେଷ୍ଟା କରୁଛି । ବହୁତ ସମୟ ଧ୍ୟାନ ଓ ଯୋଗ କରେ।ଭାଗବତ ଭାବନା ରେ ବାକି ଜୀବନ କାଟିଦେବି।





## ଅଭିନୟ କରିଥିବା ଚଳଚ୍ଚିତ୍ର ନାମ

ଉତ୍ତର:ଚିଲିକା ତୀରେ (୧୯୭୭),ସମର୍ପଣ (୧୯୭୮),ପତିପତ୍ନୀ (୧୯୭୮),ପିପାସା (୧୯୭୮),ସଉତୁଣୀ (୧୯୭୯),ରାମ ବଳରାମ (୧୯୮୦),ଅଲିଭା ଦାଗ (୧୯୮୦),ଆରତି (୧୯୮୧),ବାସନ୍ତି ଅପା (୧୯୮୨),ମମତା ମୂଲ (୧୯୮୫),ନଳ ଦମୟନ୍ତୀ (୧୯୮୫),ପଳାତକ (୧୯୮୫),ସତ କେବେ ଲୁଚି ରହେନା (୧୯୮୫),ପର ଝିଅ ଘର ଭାଙ୍ଗେନା (୧୯୮୫),ଏଇ ଆମ ସଂସାର (୧୯୮୬),ମାଣିକ (୧୯୮୬),ସଂସାର (୧୯୮୬) ,ମିଛ ମାୟାର ସଂସାର(୧୯୮୭),ପାପ ପୁଣ୍ୟ (୧୯୮୮),ପୁଅ ମୋର କଳା ଠାକୁର (୧୯୮୮),ମମତାର ଡୋରି (୧୯୮୯),ସାଗର (୧୯୮୯),ଟୋପାଏ ସିନ୍ଦୂର ଦିପଟ ଶଙ୍ଖା (୧୯୮୯),ଆମ ଘର(୧୯୯୦) , ମା ମୋତେ ଶକ୍ତି ଦେ (୧୯୯୦),ଆମ ଘର ଆମ ସଂସାର (୧୯୯୧), କୋଟିଏ ମଣିଷ ଗୋଟିଏ ଜଗା (୧୯୯୧),ଘର ମୋର ସ୍ୱର୍ଗ (୧୯୯୨),ପଞ୍ଜୁରି ଭିତରେ ଶାରୀ (୧୯୯୨),ମୋ ଭାଇ ଜଗା (୧୯୯୩),ଭାଗ୍ୟ ହାତେ ଡୋରି (୧୯୯୩), ଭାଇ ହେଲା ଭଗାରୀ (୧୯୯୪ ),ବସୁଧା (୧୯୯୬),ରାମ ଲକ୍ଷ୍ମଣ (୧୯୯୭),ରଘୁ ଅରକ୍ଷିତ (୧୯୯୭),ସହର ଜଳୁଚି (୧୯୯୮),ଜୟ ଶ୍ରୀରାମ (୧୯୯୯),ବାବୁ ପର୍ଶୁରାମ (୨୦୦୦),ଧର୍ମ ଦେବତା (୨୦୦୧),ସାକ୍ଷୀ ରହିଲା ଏ ସିଂହ ଦୁ ଆର (୨୦୦୫),ଆଇ ଲଭ୍ ୟୁ (୨୦୦୫),ଲାଲ୍ ଟୁକୁ ଟୁକୁ ସାଧବ ବୋହୂ (୨୦୦୭),ମହାନାୟକ (୨୦୦୭),ମୁଁ ତତେ ଲଭ୍ କରୁଚି (୨୦୦୭),ଲଭ୍ ଡଟ୍ କମ୍ (୨୦୦୯),ଶୁଭ ବିବାହ (୨୦୧୦),ଦିଲ୍ ତତେ ଦେଇଛି (୨୦୧୦),ଶଶୁର ଘର ଜିନ୍ଦାବାଦ୍ (୨୦୧୦),କଟକ- ଦ ସିଲଭର୍ ସିଟି (୨୦୧୧),ଜଗୁ ଅଟୋବାଲା (୨୦୧୨),ବ୍ୟାଚେଲର୍ (୨୦୧୩),ହାତଧରି ଚାଲୁଥା (୨୦୧୩),ଡାହା ବାଲୁଙ୍ଗା (୨୦୧୩)।ଏହା ଛଡା ତରଙ୍ଗ ସିନେ ଧାରାବାହିକ ଉତ୍ତର ଦାୟୀ ଓ ଇ ଟିଭି ରେ ଅପା ଧାରାବାହିକ ରେ କାର୍ଯ୍ୟ କରିଥିଲି।ମୋର ମଝିରେ ଖଳନାୟିକା ରୋଲ ଅଭିନୟ ପତି ଇଚ୍ଛା ଥିଲା ଏବେ ଆଉ କିଛି ନାହିଁ।

# ମଧୁବାବୁଙ୍କ ୧୭୬ତମ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ




ପାରଳାଖେମୁଣ୍ଡି(ପିପିଏସ୍): ଗୁରାଣ୍ଡିସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଆମ ଓଡ଼ିଶା ତରଫରୁ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆପନ୍ନା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ପତିତପାବନ ପରିଡ଼ା,ମୁଖ୍ୟବକ୍ତା ଭାବେ ବରିଷ୍ଠ ହିସାବ ଶିକ୍ଷାବିତ୍ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଭାପତି ପିତବାସ ସାମଲ ଯୋଗଦେଇ ମଧୁବାବୁ ସ୍ୱାଭୀମାନ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀର ପୁରୋଧା ଥାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସମସ୍ତ ଓଡ଼ିଆଙ୍କୁ ଏକଜୁଟ୍ କରାଇବାରେ ମଧୁବାବୁ ସଫଳ ହୋଇପାରିଥିଲେ। ପାରଳା ମହାରାଜାଙ୍କୁ ଅତ୍ୟନ୍ତ ସ୍ନେହ ଦେଇ ଓଡ଼ିଶାର ଭବିଷ୍ୟତକୁ ମହାରାଜଙ୍କ ହାତରେ ଟେକି ଦେବା ପାଇଁ ମଧୁବାବୁ ଇଛା ପ୍ରକାଶ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସସ୍ମିତା ଜେନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଶିକ୍ଷକ ପୀତବାସ ସାମଲ ଧନ୍ୟବାଦ ଦେଇଥିଲେ।

# ମଧୁସୂଦନ ଶିକ୍ଷା ନିବାସରେ ମଧୁବାବୁଙ୍କ ଜୟନ୍ତୀ ପାଳନ



ରାଉରକେଲା(ପିପିଏସ): ସେକ୍ଟର-୧୭ ମଧୁସୂଦନ ଶିକ୍ଷା ନିବାସ ଠାରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗିନୀ ମୁଦାଲିଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ନାୟକଙ୍କ ସଂଯୋଜନାରେ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ?ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ଜୀବନାଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ଶ୍ରୀରାଉତ ତାଙ୍କ ବକ୍ତବ୍ୟ ରେ କହିଲେ ଯେ ମଧୁବାବୁ ଥିଲେ ଚିନ୍ତା ଓ ଚେତନାରେ ଖାଣ୍ଟି ଉତ୍କଳୀୟ । ସେ ଉତ୍କଳ ବାସୀଙ୍କୁ ଜାତିପ୍ରେମରେ ଉଦବୁଦ୍ଧ କରାଇ ଏକତ୍ର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ସେ ମଧୁସୂଦନଙ୍କ ସଂପର୍କରେ ଏକ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ପାଢୀ, ଶରତ ପାତ୍ର, ନିରୁପମା ନାୟକ, ସଂଯୁକ୍ତା ମହାନ୍ତି, ଝିଲିମା ମହାନ୍ତି, କଳ୍ପିତା ସରଣ , ସତ୍ୟଭାମା ଖୁଣ୍ଟିଆ, ନିବେଦିତା ବେହେରା, ଅଜୟ ରାୟ,ଜିତେନ୍ଦ୍ର ପଣ୍ଡା, ନିରାକାର ଜେନା, ନୀଳମ ସିଂହ ପ୍ରମୁଖ ମଧୁସୂଦନଙ୍କ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଶିକ୍ଷାନୁଷ୍ଠାନର ଛାତ୍ରୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ସତ୍ୟବତୀ ନନ୍ଦ, ଝରଣା ନାୟକ, ମୁକୁଳ ଆଚାର୍ଯ୍ୟ, କଳିକା ନାୟକ, ମାଧବୀ ଦେବୀ, ଅଜିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଜୟପୁର, (ହି.ସ.)- ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ଡଙ୍ଗରଛିଂଚି ଗ୍ରାମପଂଚାୟତର ଭଟାଛିଂଚି ଗ୍ରାମରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ବୁଝାଯାଇଥିଲା ଯେ, ସମସ୍ତଙ୍କୁ ବା ଯୋଗ୍ୟ ହିତାଧିକାରୀ ମାନେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ, ଏବଂ ନିଜ ନିଜର ଆଇନଗତ ଅଧିକାର ପାଇଁ ନିଜେ ଲଢ଼େଇ କରିବେ ଏବଂ କିପରି ଲଢ଼େଇ କରିପାରିବେ ଓ କାହାଦ୍ୱାରା ଲଢ଼େଇ କରିବେ ଯଦି ଏଥିରେ ବିଫଳ ହେଲେ କାହାର ସାହାଯ୍ୟ ଦରକାର କରିବେ ତାହା ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତିତ ସିଆରପିସି, ଏଫଆଇଆର, ବେଲ, ସମନ, ୱାରେଣ୍ଟ, ଅପିଲ ଇତ୍ୟାଦି ଉପରେ ମଧ ଆଲୋଚ୍ନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ସୁମନ ଜେନା ସଚିବ ତଥା ବିଚାରପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର। ଅନ୍ୟମାନଙ୍କ ମଧ୍ୟରେ ପ୍ରବେସନର ମାଜିଷ୍ଟ୍ରେଟ୍ ଅନିମେଶ ତ୍ରିପାଠୀ, ପ୍ୟାନେଲ ଓକିଲ୍ କେ.ଦିବାକର ରାଓ, ହରିଶ୍ ଚନ୍ଦ୍ର ମୁଦୁଲି ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ ରେଣୁକା ମହାନ୍ତି ଏବଂ ମୀନତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଜୟପୁର, (ହି.ସ.) : ବିଭିନ୍ନ ସଂଗଠନ ତରଫରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି ।ଜୟପୁର ରଜାନହର ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଛି। ଉତ୍କଳ ସମ୍ମିଳନି କୋରାପୁଟ ଜିଲା ଶାଖା ତରଫରୁ ମଧୁବାବୁ ଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚି ପୁଷ୍ପମାଲ୍ୟ ଅର୍ପଣ ଓ ଭାବପୁର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନିର ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ସୁରେଶ ଦାସ, ବାଲା ରାୟ, ଦେବେନ୍ଦ୍ର ବାହିନିପତି, ନବୀନ ମାଦଳା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲା ଓକିଲ ସଂଘ ତରଫରୁ ମଧୁବାବୁଙ୍କ ଜୟନ୍ତି ଓ ଓକିଲ ଦିବସ ପାଳିତ ହୋଇଛି । କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତି ନିକଟରେ ପାଳିତ ହୋଇଛି । ଏହି ଅବସରରେ କୋର୍ଟ ପରିସରରେ ସେମିନାର ଆୟୋଜନ କରାଯାଇଥିଲା ।ଏଠାରେ ମୁଖ୍ୟ ଅତିଥି ଜିଲା ଜଜ ସତ୍ୟ ନାରାୟଣ ମିଶ୍ର ସମ୍ମାନିତ ଭିଜିଲାନ୍ସ ଜଜ ରାଜେଶ ଏକ୍କା, ଏଡିଜେ ବି ବିଘ୍ନେଶ୍ୱର ରାଓ, ଏଡିଜେ (ପକ୍ସୋ କୋର୍ଟ )ସି.ଏଏଚ ବାସୁଦେବ ପାତ୍ର, ସିଭିଲ ଜଜ ମୁସାରାଫ ଜାହିନ, ମହିଳା କୋର୍ଟ ଜଜ ଅଞ୍ଜଳି ମାଛଖାଣ୍ଡ, ରେଜିଷ୍ଟାର ସରୋଜ କୁମାର ଜେନା , ସରକାରି ଓକିଲ ବି ଗାୟୀତ୍ରୀ ଦେବୀ ମାଞ୍ଜାସିନ ଥିଲେ ।ଫୌଜଦାର ଓ ଦିଓାନି ମାମଲାର କିପରି ସାକ୍ଷ୍ୟ ଗ୍ରହଣ କରାଯିବ ତାହା ଉପରେ ଓ ପାରିବାରିକ ଆଇନ ଉପରେ ସେମିନାର ଅନୁଷ୍ଠିତ ହୋଇଛି । ଜିଲା ଓକିଲ ସଂଘର ଦ୍ୱାରା ଆୟୋଜିତ ଏହି କାଯ୍ୟକ୍ରମ ରେ ସଂଘର ସଭାପତି ବିରେଶ ପଟ୍ଟନାୟକ ଉପ ସଭାପତି ସହଦେବ ପଟ୍ଟନୟକ, ସମ୍ପାଦକ ସରତ ମାଝୀ, ସହ ସମ୍ପାଦକ ପି ସନ୍ୟାସି ରାଓ , କୋଷାଧ୍ୟକ୍ଷ ଗିରଧର ଖରା, ହରିଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଉତ୍କଳ ଗୌରବ ମଦୁସୁଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି ।

# ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ବଲାଙ୍ଗିର କରାଟେ ଦଳର ଜୟପୁର ଗସ୍ତ



ବଲାଙ୍ଗିର: ଆସନ୍ତା ୨୯ ଓ ୩୦ ତାରିଖ ରାଜସ୍ଥାନ ଜୟପୁର ର ସାଇ ମାନସିଂ ଷ୍ଟଡିୟମ ଠାରେ ସର୍ବ ଭାରତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ୯ ଜଣିଆ ଦଳ ଏଥିରେ ଭାଗ ନେବା ପାଇଁ ଆଜି ଜୟପୁର ଅଭିମୁଖେ ଯାତ୍ରା କରିଛନ୍ତି । ଏଥିରେ ବାଳିକା କୁମିତେ (ଫାଇଟ) ଓ କାତା ବିଭାଗରେ ସମିକ୍ଷା ସମୃଦ୍ଧି ଷଡଙ୍ଗି, ସାଇ ଶ୍ରିୟା ମହାକୁର, ପ୍ରାଚି ବେହେରା, ସୁହାନି ପଣ୍ଡା ଭାଗ ନେଉଥିବା ବେଳେ ବାଳକ ବିଭାଗରେ ଶେଖ୍ ମହମ୍ମଦ ଅର୍ଫିସ ରାଜା, ମିଥିଲେଶ ବେହେରା, ସ୍ୱସ୍ତିକ ମହାରଣା, ଆୟୁଷ୍ମାନ ଓମ୍କାର ସାହୁ ଓ ଜୟମ ସାହୁ ଭୋଗ ନେବେ ବୋଲି ଶ୍ରୀ ଭୋଇ ସୁଚନା ଦେଇଛନ୍ତି । ଏଥିରେ ଅସୀମ ଭୋଇ ଓଡିଶାରୁ ରେଫରୀ ଦାୟିତ୍ୱ ତୁଳାଇବେ ବୋଲି ସୂଚନା ମିଳିଛି ।

# ହାତୀ ଆକ୍ରମଣରେ ବର୍ଷକର ଶିଶୁକନ୍ୟାର ମୃତ୍ୟୁ

କେନ୍ଦୁଝର , (ହି . ସ) -କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ମେଣ୍ଢାମୁଣ୍ଡି ସାହିରେ ହାତୀ ଆକ୍ରମଣର ଜଣେ ବର୍ଷକର ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ବେଳେ ତା' ବାପା ମା' ଓ ଭଉଣୀ ମଧ୍ୟ ଗୁରୁତର ହୋଇଛନ୍ତି । ପ୍ରାପ୍ତ ସୂଚନା ନୁସାରେ ମେଣ୍ଢାମୁଣ୍ଡା ସାହିର ଡାକ ମୁଣ୍ଡା ତାଙ୍କର ପତ୍ନୀ ରଶ୍ମିତା ମୁଣ୍ଡା ଓ ଦୁଇ ଶିଶୁ କନ୍ୟାଙ୍କ ସହ ଘରେ ଶୋଇଥିବା ବେଳ ବିଳମ୍ବିତ ରାତିରେ ଗୋଟିଏ ଦନ୍ତା ହାତୀ ଆସି ତାଙ୍କ ଘର ଭାଙ୍ଗି ଦେଇଥିଲା । ଫଳେର ଘରର କାନ୍ଥ ପଡି ଯିବାରୁ ଡାକ ମୁଣ୍ଡାର ପରିବାର ସମସ୍ତେ ତାର ତେଳ ଚାପି ହୋଇଯାଇଥିଲେ। ଗ୍ରାମ ଲୋକମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିବାରବର୍ଗଙ୍କୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କମଚାରୀମାନେ ପହଂଚି ସମସ୍ତ ଆହତଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ ମୁଣ୍ଡାଙ୍କର ଏକ ବର୍ଷର ଶିଶୁ କନ୍ୟା ମାନସୀ ର ମୃତ୍ୟୁ ହୋଇଥିଲା । ଅନ୍ୟ ଏକ ଘଟଣାରେ ସେହି ଘଟଗାଁ ବନାଂଚଳ ସାନ୍ତରାପୁର ପଂଚାୟତର ରଘୁବେଡା ବୈଠାଟାଙ୍ଗର ଡ୍ୟାମ ଠାରେ ଥିବା ଅଲେଖ ମହିମା ମଠେର ମଧ୍ୟ ବିଳମ୍ବିତ ରାତିରେ ସେହି ଗୋଠଛଡା ଦନ୍ତା ହାତୀଟି ପଶି ଘର ଭାଙ୍ଗିବା ସହ କେତେକ ରୁମର ଗ୍ରାଲ ଓ ଝରକା ଆଦି ତାଡି ଭାଙ୍ଗି ଦେବା ସହ ମଠ ପରିସରରେ ଅନେକ କ୍ଷତି ଘଟାଇଥିଲା । ଏପରିକି ମଠ ପରିସରେର ଦୀର୍ଘ ତିନି ଘଣ୍ଟା ଧରି ଉତ୍ପାତ କରିବା ସହ ବଗିଚାରେ ପଶି ଆମ୍ବ , ପଣସ , ଧାନ ଚାଉଳ ଆଦି ଖାଇ ଅନେକ ନଷ୍ଟ କରିଥିଲା । ମଠର ମହାନ୍ତ ଘଣ୍ଟା, ଟିଣ ଆଦି ବଜାଇ ଦନ୍ତାକୁ ତଡିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ପରେ ଗାଁ ଲୋକମାନେ ପହଂଚି ଦନ୍ତାଟିକୁ ତଡି ଦେଇଥିଲେ । ଦନ୍ତା ହାତୀଟି ଦିନ ରାତି ବୁଲି ବ୍ୟାପକ କ୍ଷୟ କ୍ଷତି କରୁଥିବାରୁ ତୁରନ୍ତ ତାକୁ ସେହି ଅଂଚଳରୁ ତଡିବାକୁ ଅଂଚଳବାସୀ ଦାବି କରିଛନ୍ତି । କିନ୍ତୁ ଦୁଖଃର କଥା ହେଉଛି ଯେ ବନ ବିଭାଗ ଲୋକମାନଙ୍କୁ କେବଳ ହାତୀର ଉପସ୍ଥିତି ସଂପର୍କରେ ସୂଚନା ଦେଇ ଚୁପ ବସି ଯାଉଥିବା ବେଳ ହାତୀକୁ ସବୁଦିନ ପାଇଁ ତଡିବାକୁ ବ୍ୟବସ୍ଥା କରୁ ନଥିବା ଲୋକମାନେ କହିଛନ୍ତି ।

# ବାରିପଦାରେ ସର୍ବାଧିକ ୬୫.୬ ମି.ମି. ବର୍ଷା ରେକର୍ଡ଼

ବାରିପଦା (ହି.ସ.)- ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରୀ ରହିଛି । ଯାହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି । ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସର୍ବାଧିକ ୬୫.୬ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

ସେହିପରି ବାଲେଶ୍ୱରରେ ୪୫.୫ ମି.ମି., ବାଲେଶ୍ୱର ଜିଲ୍ଲାର ସୋରୋରେ ୪୫.୦, ବାଲେଶ୍ୱର ଜିଲ୍ଲାର ରାଜଘାଟରେ ୩୫.୪, ମୟୂରଭଞ୍ଜ ଜିଲ୍ଲାର ଶାମାଖୁଂଟାରେ ୩୫.୦, ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ୩୦.୦, ମୟୂରଭଞ୍ଜ ଜିଲ୍ଲାର ନଓ୍ୱାନାରେ ୨୩.୨, ବାଲେଶ୍ୱର ଜିଲ୍ଲାର ବାହାନଗାରେ ୨୨.୦, ବାଲେଶ୍ୱର ଜିଲ୍ଲାର ଔପଦାରେ ୨୨.୦, ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରରେ ସର୍ବନିମ୍ନ ୨୧.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

# ଶିକ୍ଷକ ପ୍ରହଲ୍ଲାଦ ଖୋସଲାଙ୍କ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପରୀକ୍ଷାରେ କୃତିତ୍ୱ ହାସଲ

ମାଲକାନଗିରି, (ହି.ସ.)- ଅଧବସାୟ ଓ ନିଷ୍ଠାର ସହିତ ସାଧନା କଲେ ସିଦ୍ଧି ଅବଶ୍ୟ ପ୍ରାପ୍ତ ହୁଏ। ଏହି କଥାକୁ ପ୍ରମାଣିତ କରିଛନ୍ତି କୁଡୁମୁଲୁଗୁମ୍ମା ଠାରେ ରହୁଥିବା ପରକନମାଲା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରହଲ୍ଲାଦ ଖୋସଲା। କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିକଟରେ ଏକ ଛୋଟ ଆଦିବାସୀ ଗାଁ ଡୋଲିଆମ୍ବର ସୁନା ପୁଅ ଶ୍ରୀ ଖୋସଲା ପ୍ରାଥମିକ ଶିକ୍ଷକ ଭାବରେ ମାଲକାନଗିରି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଆଶ୍ରମ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ । ସବୁବେଳେ କିଛି ସ୍ୱତନ୍ତ୍ର କରି ଦେଖାଇବାର ମନୋବୃତି ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଭବିଷ୍ୟତ ଗଢ଼ିବାକୁ ଅଦମ୍ୟ ଉପାସନା କରିଥିଲେ । ବିଦ୍ୟାଳୟରେ ଶିକ୍ଷାଦାନ ସମୟ ପରେ ବଳକା ସମୟକୁ ବିନିଯୋଗ କରି ଜଣେ ଅଫିସର ହେବାର ସାଧନା ଜାରି ରଖିଥିଲେ । ନିଜ ଉଦ୍ୟମରେ ସେ ବିଇଡି ପାଠ୍ୟକ୍ରମ ସଫଳତାର ସହ ଶେଷ କରି ଓଏଏସ୍ ଅଧିକାରୀ ହେବା ପାଇଁ ନିଜସ୍ୱ ଢଙ୍ଗରେ ପ୍ରଚେଷ୍ଟା ଜାରି ରଖିଥିଲେ । ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଘୋଷିତ ଅଧିସୂଚନା ଅନୁଯାୟୀ, ଶ୍ରୀ ଖୋସଲା ସଫଳତାର ସହ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବରେ ନିଯୋଜିତ ହେବା ପାଇଁ ଓପିଏସି ଦ୍ୱାରା ଆୟୋଜିତ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ନିମନ୍ତେ କୁଡୁମୁଲୁଗୁମ୍ମାର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷକ ସଂଘ କର୍ମକର୍ତା, ସାମ୍ବାଦିକ ସଂଘ ପକ୍ଷରୁ ଖୁସି ବ୍ୟକ୍ତ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ଖୋସଲାଙ୍କ ନିଜ ଗ୍ରାମ ଲକ୍ଷ୍ମୀପୁରର ସମସ୍ତ ବନ୍ଧୁ ମାନେ ଏହି ଅବସରରେ ଆଶୀର୍ବାଦ ପ୍ରଦାନ କରିଛନ୍ତି ।ଛୋଟ ଛୋଟ ପିଲା ମାନେ ସାଧନା ବଳରେ ସିଦ୍ଧି ପ୍ରାପ୍ତ ହୁଅନ୍ତୁ ବୋଲି ଶ୍ରୀ ଖୋସଲା ମତବ୍ୟକ୍ତ କରିଛନ୍ତି।

# ଜିଲ୍ଲା ପୋଲିସ ପକ୍ଷରୁ ଅଣ୍ଡେଇପଦର ଗ୍ରାମରେ ଜନ ସମ୍ପର୍କ ଶିବିର

ମାଲକାନଗିରି, (ହି. ସ.): ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡରାହାଲ୍ ପଂଚାୟତର ଅଣ୍ଡେଇପଦର୍ ଗ୍ରାମରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଖ ପାଖ ଅଂଚଳ ଗ୍ରାମ ତଥା ଅଣ୍ଡେଇପଦ୍, ଖାଲଗୁଡ଼ା, ଭାଲିଆପଦର୍ ଓ ସିଦ୍ଧିଗୁଡ଼ା ଗ୍ରାମର ୫୦୦ରୁ ଉର୍ଦ୍ଧ ଗ୍ରାମର ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନଙ୍କୁ ଟ୍ରଚ୍ ଲାଇଟ୍, କମଳ, ସାଲ, ଛତା, କ୍ରୀଡା ସାମଗ୍ରୀ , ପାଠ ପଢ଼ା ସାମଗ୍ରୀ, ବାଜା, ହାରମନିଅମ୍, ଘର ଉପକରଣ ସାମଗ୍ରୀ, କୃଷି ସାମଗ୍ରୀ ଭଳି ବିଭିନ୍ନ ପ୍ରକାରର ଜିନିଷ ଗ୍ରାମବାସୀ ମାନଙ୍କୁ ଦିଆ ଯାଇଥିଲା। ଏହି ଅବସରରେ ଏକ ଭଲିବଲ୍ ମ୍ୟାଚ୍ ର ମଧ କରାଯାଇଥିଲା ବିଜୟ ହାସଲ କରିଥିବା ଦଳ ସହିତ ସମସ୍ତ ଦଳକୁ ବଲ ଓ ନେଟ୍ ପ୍ରଦାନ କରାଯାଇଥିଲା। ତା ସହିତ ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ମଧ ଦିଆ ଯାଇଥିଲା। ଏହି ଅବସରରେ ଅପରେସନ ଏସପି ମନୋଜ ସିଂ, ଚିତ୍ରକୋଣ୍ଡା ଏସଡିପିଓ ଆଲେକ୍ସିଅସ କିଷ୍ପୋଟ୍ଟା, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି , ମୁଦୁଲିପଡ଼ା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ସହ ପୋଲିସ କର୍ମଚାରୀ ଏବଂ ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟରଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୋଲିସର ଏପରି କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରଶଂସା କରିଛନ୍ତି।

# ରାଉରକେଲା ଇସ୍ପାତ କାରଖାନାର ଟିଆର୍ଏମ୍ ବିଭାଗରେ ନବୀକୃତ ଡିଜେଲ ଇଲେକ୍ଟ୍ରିକ ଲୋକୋମୋଟିଭର କମିଶନିଙ୍ଗ ସମ୍ପନ୍ନ




ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ ଓ କଞ୍ଚାମାଲ ବିଭାଗରେ ଅପ୍ରେଲ ୨୫ ତାରିଖରେ ଏକ ନବୀକୃତ ଡିଜେଲ ଇଲେକ୍ଟ୍ରିକ ଲୋକୋମୋଟିଭର କମିଶନିଙ୍ଗ ସମ୍ପନ୍ନ ହୋଇଛି। କମିଶନିଙ୍ଗ ଉପଲକ୍ଷେ ଆୟୋଜିତ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ଆର୍ ସୂର୍ଯ୍ୟବଂଶୀ ନବୀକୃତ ଲୋକୋମୋଟିଭ କଲ୍ ନମ୍ବର-୧୪୦୮ ର ଉଦ୍ଘାଟନ କରିଥିଲେ । ଏହି ଅବସରରେ ସେବା ବିଭାଗର ସିଜିଏମ ଇନଚାର୍ଜ ଦେବବ୍ରତ ଦତ୍ତ, ଡିଜାଇନ ଓ ସସ୍ପ ବିଭାଗର ସିଜିଏମ୍ ରବି ରଞ୍ଜନ, ଇଲେକ୍ଟ୍ରିକଲ ବିଭାଗର ସିଜିଏମ ଏମକେ ମହାନ୍ତି, ଟ୍ରାଫିକ ଓ କଞ୍ଚାମାଲ ବିଭାଗର ସିଜିଏମ, ଅରୁଣ କୁମାର ବେହେରାଙ୍କ ସମେତ ଟି ଆଣ୍ଡ ଆରଏମ ବିଭାଗର ବିଭିନ୍ନ ସେକ୍ସନ ମୁଖ୍ୟ, ବହୁ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ସୂର୍ଯ୍ୟବଂଶୀ ନବୀକୃତ ଲୋକୋମୋଟିଭକୁ ନିରୀକ୍ଷଣ କରିବା ସହିତ ଉକ୍ତ ଇଞ୍ଜିନକୁ କିଛି ଦୂର ଚଳାଇଥିଲେ। ସେ ସମସ୍ତଙ୍କୁ ସାମଗ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ପିଓଏଚ ଏକ ବ୍ୟାପକ ପ୍ରତିଷେଦ୍ଧାତ୍ମକ ମରାମତି ବ୍ୟବସ୍ଥା ଏବଂ ଆରଏସପି ତିରୁଚିରାପଲ୍ଲୀ ସ୍ଥିତ ଗୋଲଡେନ ରକ ଭାରତୀୟ ରେଳବାଇ ୱାର୍କସପରେ ଏହା ସମ୍ପନ୍ନ କରିଥାଏ । ଏହି ଅଭିଯାନ ଅନ୍ତର୍ଗତ ସଂପୂର୍ଣ୍ଣ ଇଲେକ୍ଟ୍ରିକଲ, ମେକାନିକାଲ ଓ ନ୍ୟୁମେଟିକ ଆସେମ୍ବ୍ଲି ଓ ସବ ଆସେମ୍ବ୍ଲି ନବୀକରଣ , ପୁନଃ ୱାଇରିଙ୍ଗ, ଡେଣ୍ଟିଙ୍ଗ, ପେଣ୍ଟିଙ୍ଗ କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ। ଲୋକୋମୋଟିଭ କଲ ନମ୍ବର-୧୪୦୮ ଲୋକୋମୋଟିଭକୁ ଭାରତୀୟ ରେଳବାଇର ମେଷର୍ସ ବନାରସ ଲୋକୋମୋଟିଭ ୱାର୍କ୍ସ ବାରାଣସୀ ପ୍ରସ୍ତୁତ କରିଥିଲା। ଏହାକୁ ୧୯୮୨ ମସିହାରେ କ୍ରୟ କରାଯିବା ସହିତ କମିଶନିଙ୍ଗ କରାଯାଇଥିଲା। ୨୦୨୨ ଅକ୍ଟୋବର ୨୯ ତାରିଖରେ ଉକ୍ତ ଲୋକୋମୋଟିଭକୁ ନବୀକରଣ ନିମନ୍ତେ ତିରୁଚିରାପଲ୍ଲୀ ସ୍ଥିତ ଗୋଲଡେନ ରକ ଭାରତୀୟ ରେଳବାଇ ୱାର୍କସପକୁ ପଠାଯାଇଥିଲା । ପିଓଏଚ ପରେ ନବୀକୃତ ଲୋକୋମୋଟିଭ ଗତ ଅପ୍ରେଲ ୧୩ ତାରିଖରେ ଆରଏସପିରେ ପହଞ୍ଚିଥିଲା। ଉକ୍ତ ଲୋକୋମୋଟିଭକୁ ନିଜସ୍ୱ ତଥା ରେଳବାଇ ୱାଗନ ମାଧ୍ୟମରେ କଞ୍ଚାମାଲ, ଫିନିସଡ ଓ ସେମି ଫିନିସଡ ସାମଗ୍ରୀ ପରିବହନ ନିମନ୍ତେ ବ୍ୟବହାର କରାଯିବ । ନବୀକରଣ ପରେ ଉକ୍ତ ଲୋକୋମୋଟିଭର ଅପରେସନାଲ ଦକ୍ଷତାରେ ବୃଦ୍ଧି ଘଟିଛି ଏବଂ ଉପଲବ୍ଧତା ଓ ହର୍ସପାୱାରରେ ଉନ୍ନତି ସାଧନ ହୋଇଛି ଯାହା ସାମଗ୍ରୀ ପରିବହନକୁ ଅଧିକ ନିପୁଣ ଗଢିବ । ଏହି ପିଓଏଚ ପାଇଁ କମ୍ପାନୀ ୨.୫୦ କୋଟି ଟଙ୍କା ଖର୍ଚ୍ଚ କରିଛି । ଏକ ନୂତନ ଲୋକୋମୋଟିଭ କ୍ରୟ କରିବା ନିମନ୍ତେ କମ୍ପାନୀକୁ ୧୦.୪୨ କୋଟି ଟଙ୍କା ବ୍ୟୟ କରିବାକୁ ହୁଅନ୍ତା। ଲୋକୋମୋଟିଭର ନବୀକରଣ ଏହାର ନିର୍ଭରଶୀଳତା, ଉପଲବ୍ଧତା ଓ ହର୍ଷ ପାୱାରରେ ଉନ୍ନତି ଆଣିଛି ଯାହା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ରୋଲିଙ୍ଗ ଷ୍ଟକ ସ୍ଥାନାନ୍ତରଣରେ ସହାୟକ ହେବ।

# ପାରଳାରେ ଆଇନଜୀବୀ ଦିବସ ପାଳିତ




ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଜିଲ୍ଲା ନ୍ୟାୟାଳୟ ପରିସରରେ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ବା ଆଇନଜୀବି ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ର ସଭାପତି ସିଦ୍ଧେଶ୍ୱର ମିଶ୍ର ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନ୍ୟାୟଧିସ ଓ ନ୍ୟାୟିକ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଥିଲେ, ସେହିପରି ମୁଖ୍ୟବକ୍ତା ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ମଧୁ ବାବୁ ଙ୍କ ଓଡ଼ିଶା ପାଇଁ ତ୍ୟାଗ ଓ ସଂଘର୍ଷ ଗାଥା କହିବା ସହ ଆଧୁନିକ ନ୍ୟାୟିକ ବ୍ୟବସ୍ଥା ରେ ନୂତନ ଚିନ୍ତାଧାରା ନେଇ ମହକିଲ ଙ୍କୁ କିପରି ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ସେ ବିଷୟ ଆଲୋଚନା ହୋଇଥିଲା। ଓକିଲ ସଂଘ ସଂପାଦକ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପ ସଭାପତି ବାବୁ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ସମସ୍ତ ଓକିଲ ସଂଘ ର ସଦସ୍ୟ ମାନେ ଯୋଗ ଦେବା ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଗଜପତିରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



ପାରଳାଖେମୁଣ୍ଡି,(ପିପିଏସ୍): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୩ ପାଳିତ ହୋଇଯାଇଛି। ଏନେଇ ଶନିବାର ସକାଳ ୭ଟା ସମୟରେ ପ୍ରାଣୀଧନଙ୍କ ସୁରକ୍ଷା ଓ ବିଭିନ୍ନ ଜନ ସଚେତନତା ପାଇଁ ଏକ ପଦଯାତ୍ରା ପାରଳା ରାଜ ପ୍ରାସାଦଠାରୁ ଆରମ୍ଭ କରି କଲେଜ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ପରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କାର୍ଯ୍ୟକ୍ରମର ସିଧା ପ୍ରସାରଣର ଗଜପତି ଜିଲ୍ଲାର ପଦାଧିକାରୀ ଯୋଗ ଦେଇଥିଲେ। ଗଜପତି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା.ଗିରିଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନର ଉଦେଶ୍ୟ ଉପରେ ଆଲୋକପାତ କରିବା ସହ ପ୍ରାଣୀଧନଙ୍କ ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସା ବିଭାଗୀୟ କର୍ମକର୍ତ୍ତାମାନେ ଚାଷୀ ଓ ହିତାଧିକାରୀମାନଙ୍କୁ ସମସ୍ତ ପ୍ରକାର ସଚେତନ କରିବା ସହ ଓ ଗୋ ସମ୍ପଦର ସୁରକ୍ଷା ପାଇଁ ପ୍ରତେକ ବ୍ୟକ୍ତି ଯତ୍ନବାନ ହେବାକୁ ଆହ୍ୱାନ କରିଥିଲେ।

# ଗାନ୍ଧୀ ପବ୍ଲିକ ସ୍କୁଲରେ ସ୍ୱାଭିମାନ ଦିବସ



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଗାନ୍ଧି ପବ୍ଲିକ ସ୍କୁଲ ଠାରେ ମହାନ ଜନ ନାୟକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟ'ୀକୁ ସ୍ୱାଭିମାନ ଦିବସ ରୂପେ ମହାଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଥ ପାଠୀ ମଧୁସୂଦନ ଦାସଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି କହିଥିଲେ ଆମ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିପାରିଲେ ତାହାହିଁ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳୀ ହେବ । ପ୍ରଧାନ ଶିକ୍ଷୟିତ୍ରୀ ଟି ଶ୍ରୀଦେବୀ କହିଲେ ମଧୁସୂଦନ ଦାସ ଓଡ଼ିଆ ଜାତି ପାଇଁ ଆଲୋକର ଦୀପ ଶିଖା ସଦୃଶ, ଏହି ଦୀପ ଶିଖା ଚୀରକାଳ ପାଇଁ ଓଡ଼ିଆ ଜାତିକୁ ଆଲୋକିତ କରୁଥିବ । ଏହି ପରିପ୍ରେକ୍ଷୀରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନୀ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ପ୍ରତ୍ୟେକ ଓଡିଆଙ୍କ ପାଇଁ ଚୀର ନମସ୍ୟ । ଉତ୍କଳ ଜନନୀଙ୍କ ପାଇଁ ତାଙ୍କର ଭକ୍ତିପୂତ କର୍ତ୍ତବ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ଉକ୍ତ ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିବା ସହିତ ଉତ୍କଳ ପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସ୍ୱାଭିମାନି ମଧୁବାବୁଙ୍କ ଅବଦାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଏଭଳି ପୂଜ୍ୟପୂଜା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

# ଅଧିକାରୀ-ଜନପ୍ରତିନିଧି ବିବାଦ ମଧ୍ୟରେ କର୍ପୋରେସନ ବୈଠକ

ଭୁବନେଶ୍ୱର (ପିପିଏସ୍): ଅଧିକାରୀ ଓ ଜନପ୍ରତିନିଧି ବିବାଦ ମଧ୍ୟରେ ଅନୁଷ୍ଠିତ ହୋଇଛି କର୍ପୋରେସନ ବୈଠକ। ବିଏମ୍‌ସିରେ ଅଧିକାରୀ-ଲୋକପ୍ରତିନିଧି ବିବାଦ ଏଭଳି ହୋଇଛି ଯେ ଅଧିକାରୀଙ୍କୁ ସମ୍ପୃକ୍ତ ପଦରୁ ହଟାଇବା ପାଇଁ ଅଡ଼ି ବସିଥିବା ଷ୍ଟାଣ୍ଡିଂ କମିଟି ଅଧକ୍ଷଙ୍କୁ ଗତକାଲି ସନ୍ଧ୍ୟା ସୁଦ୍ଧା ବୁଝାସୁଝା କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ଫଳ ଶୂନ ହୋଇଛି। ଏଷ୍ଟାବ୍ଲିସ୍‌ମେଣ୍ଟ ଦାୟିତ୍ୱରେ ଥିବା ଡେପୁଟି କମିସନର ସେ ଜାଗାରୁ ନ ହଟିଲେ ମୁଁ କର୍ପୋରେସନ ବୈଠକ ଯିବି ନାହିଁ ବୋଲି ସଫା ସଫା ଶୁଣାଇ ଦେଇଥିଲେ ଷ୍ଟାଣ୍ଡିଂ କମିଟି ଅଧକ୍ଷ କୁମାରେନ୍ଦ୍ର ମହାପାତ୍ର। ଏହି ବିବାଦ ଯୋଗୁ କର୍ପୋରେସନ ବୈଠକ ପୂର୍ବରୁ ବସିବାକୁ ଥିବା ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ମଧ୍ୟ ବସି ପାରିନାହିଁ। ତାଙ୍କର ଏହି ଚେତାବନୀକୁ ଉପେକ୍ଷା କରି ତଥା ଏହି ଉପବିଭାଗର କୌଣସି ପ୍ରସ୍ତାବ ବିନା ବିଏମ୍‌ସି ମାସିକ ବୈଠକ ଆଜି ବସିଛି। ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଏକାମ୍ର ହଲ୍‌ରେ ଆୟୋଜିତ ଏହି ବୈଠକରେ ବହୁ ଅଧିକାରୀ ଅନୁପସ୍ଥିତ ଥିବା ଜାଣିବାକୁ ମିଳିଛି।



ଷ୍ଟାଣ୍ଡିଂ କମିଟି ଅଧକ୍ଷଙ୍କ ଏଭଳି ଚରମ ନିଷ୍ପତ୍ତିକୁ ନେଇ ଝଡ଼ ଉଠିଛି। ଏଷ୍ଟାବ୍ଲିସ୍‌ମେଣ୍ଟ ଉପବିଭାଗ ଦାୟିତ୍ୱରେ ଅଛନ୍ତି ଡେପୁଟି କମିସନର ଗାୟତ୍ରୀ ସାମନ୍ତରାୟ। ତାଙ୍କର ବିଏମ୍‌ସିରୁ ଦୁଇ ଦୁଇ ଥର ବଦଳି ହୋଇଛି। ଆଦର୍ଶ ବିଦ୍ୟାଳୟର ସଂଗଠନ ଉପଦେଷ୍ଟାଙ୍କ ଓଏସ୍‌ଡି ଭାବରେ ତାଙ୍କୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କୁ କମିସନର ରିଲିଭ୍ କରୁନାହାନ୍ତି। ଏଷ୍ଟାବ୍ଲିସ୍‌ମେଣ୍ଟ ଉପବିଭାଗର ଦାୟିତ୍ୱ ତାଙ୍କ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଦିଆଯାଇଛି। ଏବେ ଏହି ଉପବିଭାଗର ଷ୍ଟାଣ୍ଡିଂ କମିଟି ଅଧକ୍ଷ ତାଙ୍କ ବଦଳି ଦାବି କରି ବୈଠକ ବର୍ଜନ କରିଛନ୍ତି। ମେୟରଙ୍କ ଠାରୁ ଆରମ୍ଭ କରି କମିସନରଙ୍କ ପର୍ଯ୍ୟନ୍ତ ସେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ଫଳ ହୋଇ ନାହିଁ। କମିସନର କେବଳ ଗୋଟିଏ ଚିଠି ଲେଖି ଜନପ୍ରତିନିଧିମାନଙ୍କୁ ସମ୍ମାନ ଦେବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ଏହି ବିବାଦ ସମାଧାନ କରିବାକୁ ଚାହିଁନାହାନ୍ତି। ବରଂ ଅଧକ୍ଷଙ୍କ ଦାବିକୁ ଉପେକ୍ଷା କରିଛନ୍ତି, ଏଷ୍ଟାବ୍ଲିସ୍‌ମେଣ୍ଟ ଉପବିଭାଗର କୌଣସି ପ୍ରସ୍ତାବ ବିନା କର୍ପୋରେସନ ବୈଠକ ବସିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ୯ଟି ଯାକ ଷ୍ଟାଣ୍ଡିଂ କମିଟି ବୈଠକ ବସି ପ୍ରସ୍ତାବ ଆସିବା ପରେ କର୍ପୋରେସନ ବୈଠକ ବସିଥାଏ। କିନ୍ତୁ ଜଣେ ଅଧିକାରୀଙ୍କ ପାଇଁ ଏଭଳି ଏକ ଅଲୋଡ଼ା ରେକର୍ଡ ସୃଷ୍ଟି ହେବାକୁ ଯାଉଛି। ଡେପୁଟି କମିସନରଙ୍କର ଦୁଇ ଦୁଇ ଥର ବଦଳି ହୋଇଛି। ଯଦି ଭଲ କାମ କରୁଥିବା ଯୋଗୁ ତାଙ୍କୁ ରଖାଯାଇଛି, ତେବେ ତାଙ୍କୁ ନେଇ ଏତେ ବିବାଦ କାହିଁକି ଷ୍ଟାଣ୍ଡିଂ କମିଟି ଅଧକ୍ଷଙ୍କ ସହ ତାଙ୍କ ବିବାଦ ବିଏମ୍‌ସିକୁ ନିନ୍ଦିତ କରିଛି। ସମ୍ପୃକ୍ତ ଅଧିକାରୀଙ୍କ ପ୍ରତି ଏତେ ଅନୁକମ୍ପା କାହିଁକି କାହା ଚାପରେ କମିସନର ଚେପା ହୋଇଯାଇଛନ୍ତି ସରକାରୀ ଆଦେଶ ଦୁଇ ଦୁଇ ଥର ଅବଜ୍ଞା ହୋଇଥିଲେ ମଧ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏ ସଂକ୍ରାନ୍ତରେ ନିରବ କାହିଁକି କଣ ଏହି ଅଦୃଶ୍ୟ ଚାପ ଯାହା ପାଇଁ ଜଣେ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଛି ଏଭଳି ଅନେକ ପ୍ରଶ୍ନ ଏବେ କିମସନରଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବିବାଦକୁ ଟାଣିଛି। କମିଟି ଅଧକ୍ଷ ଶ୍ରୀ ମହାପାତ୍ର କହିଛନ୍ତି, ସେ କାହା କଥା ଶୁଣୁ ନାହାନ୍ତି। ମନଇଚ୍ଛା କାମ କରୁଛନ୍ତି। ବର୍ଷ ବର୍ଷ ଧରି ଲୋକମାନେ ପେନ୍‌ସନ୍ ପାଉ ନାହାନ୍ତି। ସେମାନେ ମୋ ପାଖକୁ ଆସୁଛନ୍ତି। ମୁଁ ଅଭିଯୋଗ କଲେ କାମ ହେଉ ନାହିଁ। ମୋର କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। କିନ୍ତୁ ଲୋକଙ୍କ କାମ ନ ହେଲେ ଆମେ ଆଉ କାହିଁକି ରହିବୁ। ତାଙ୍କର ବଦଳି ହୋଇଛି, ଯଦି ବିଏମ୍‌ସି ତାଙ୍କୁ ରଖିବାର ଅଛି ରଖୁ, ହେଲେ ବିଭାଗ ବଦଳାଇ ଦେଉ। ନାଇଁ ତ' ଏଥିରେ ବି ଯଦି ବିଏମ୍‌ସି ରାଜି ନାହିଁ ତେବେ ମୋତେ ଏ କମିଟି ଅଧକ୍ଷ ପଦରୁ ଅବ୍ୟାହତି ଦେଉ। ଏ ନେଇ ମୁଁ ମେୟରଙ୍କୁ ଅବଗତ କରାଇଥିଲି। ସେ କମିସନରଙ୍କୁ ମୋ ଦାବି ସମ୍ପର୍କରେ କହିଛନ୍ତି। କମିସନର ଡାକି ଆଲୋଚନା କଲେ। କିନ୍ତୁ ତାଙ୍କୁ ସେ ପଦରୁ ହଟାଇ ନଥିବାରୁ ମୁଁ ମାସିକ ବୈଠକ ନଯିବାକୁ ନିଷ୍ପତ୍ତି ନେଇଛି ବୋଲି କହିଥିଲେ।

## ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜଣେ ମହିଳାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜଗତସିଂହପୁର, ଏରସମା ଅଞ୍ଚଳର ରଶ୍ମୀ ରଞ୍ଜନ ସାଇଁ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମହିଳା ଜଣକ ତାଙ୍କ ମା, ଭାଇ ଏବଂ ସାନ ଭଉଣୀ ସହିତ ଜଣେ ମହିଳାଙ୍କ ଘରେ ଭଡ଼ାରେ ରହୁଛନ୍ତି। ରଶ୍ମୀରଞ୍ଜନ ଉକ୍ତ ଘର ମାଲିକଙ୍କ ଘରକୁ ନିୟମିତ ଭାବେ ଯିବା ଆସିବା କରିବା ସହିତ ସମ୍ପୃକ୍ତ ପୀଡ଼ିତାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଥିଲେ। ତାଙ୍କ ମା ଅଭିଯୁକ୍ତଙ୍କୁ ଏନେଇ ପଚାରିବାରୁ ସେ ଗାଳିମନ୍ଦ କରିଥିଲେ। ଘଟଣା ଦିନ ପୀଡ଼ିତା ଜଣକ ଘର ନିକଟରେ ଶୌଚ ହେଉଥିବା ସମୟରେ ଅଭିଯୁକ୍ତ ତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲା। ପୀଡ଼ିତାଙ୍କ ପାଟିଶୁଣି ଘଟଣା ସ୍ଥଳକୁ ତାଙ୍କ ଭାଇ ଆସି ରଶ୍ମୀରଞ୍ଜନଙ୍କୁ ଘଟଣା ସମ୍ପର୍କରେ ପଚାରି ଥିଲେ। ଏଥିରେ ଅଭିଯୁକ୍ତ ଜଣକ ଉତକ୍ଷିପ୍ତ ହୋଇ ଭାଇଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ବିଜେବି ଛାତ୍ରଙ୍କୁ ଅଣଛାତ୍ର ଆକ୍ରମଣ ମାମଲା
## ପୁଣି ୨ଜଣଙ୍କୁ ରିମାଣ୍ଡରେ ନେଲା ପୁଲିସ



**ଭୁବନେଶ୍ୱର (ପିପିଏସ୍) :** ଅଣଛାତ୍ରମାନେ ବିଜେବି କଲେଜ ଛାତ୍ରଙ୍କୁ ଆକ୍ରମଣ କରିବା ମାମଲାରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତ ବିକି ନାୟକ ଓ ଦୀପୁ ପ୍ରଧାନଙ୍କୁ ବଡ଼ଗଡ଼ ଥାନା ପୁଲିସ ରିମାଣ୍ଡରେ ଆଣିଛି। ଦୁଇ ଦିନ ରିମାଣ୍ଡ ପାଇଁ ପୁଲିସ ଆବେଦନ କରିଥିଲେ ବି କୋର୍ଟ ଗୋଟିଏ ଦିନ ପାଇଁ ଅନୁମତି ଦେଇଥିଲେ। ଆଜି ସେମାନଙ୍କୁ ଝାରପଡ଼ା ଜେଲ୍‌ରୁ ଆଣି ପୁଲିସ ସେମାନଙ୍କ ଘରକୁ ନେଇଥିଲା। ଘର ସର୍ଚ୍ଚ ବେଳେ ବିଜେବିନଗର ମହିଷାଖାଲ ବସ୍ତିସ୍ଥିତ ବିକି ନାୟକ ଘରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ସେହିଭଳି କେଦରପଲ୍ଲୀ ବସ୍ତିସ୍ଥିତ ଦୀପୁ ପ୍ରଧାନ ଘରୁ ଗୋଟିଏ ଖଣ୍ଡା ଓ ଗଣ୍ଡଗୋଳ ଦିନ ବ୍ୟବହୃତ ହୋଇଥିବା ଗୋଟିଏ ପଲ୍‌ସର ବାଇକ୍ ଜବତ କରାଯାଇଛି। ଏହି ଗଣ୍ଡଗୋଳରେ ୯ ଜଣ ଗିରଫ ହୋଇଥିବା ବେଳେ ଆଉ କେଉଁମାନେ ସମ୍ପୃକ୍ତ ସେମାନଙ୍କ ବାବଦରେ ପଚରାଉଚରା ଚାଲିଛି। ପୁଲିସକୁ ସେମାନେ ଆଉ ୬ଜଣଙ୍କ ନାଁ କହିଥିବା ଜଣାପଡ଼ିଛି। ସେମାନେ ବିଭିନ୍ନ ବସ୍ତିରେ ଭାଇଗିରି କରୁଥିବା ମାନିଛନ୍ତି। ପୁଲିସ ସୂଚନାନୁସାରେ ଦୀପୁ ଓ ବିକି ନାଁରେ କ୍ୟାପିଟାଲ ଥାନା ଓ ବଡ଼ଗଡ଼ ଥାନାରେ ବହୁ ଗଣ୍ଡଗୋଳ ମାମଲା ରହିଛି। ସୂଚନାଯୋଗ୍ୟ ଯେ ଏହି ମାମଲାରେ ପୁଲିସ ଗତକାଲି ମହିଷାଖାଲ ବସ୍ତିର ମହେଶ୍ୱର ସାହୁ ଓରଫ୍ ଗେଣ୍ଡୁ(୨୦)କୁ କୋର୍ଟ ଚାଲାଣ କରିଥିଲା। ତା' ନିକଟରୁ ପୁଲିସ୍ ଆକ୍ରମଣରେ ବ୍ୟବହୃତ ଏକ ଷ୍ଟମ୍ପ୍ ଜବତ କରିଥିଲା।

## ସର୍ଗଦ୍ୱାର ଭଳି ସତ୍ୟନଗର ଶ୍ମଶାନର ଉନ୍ନତିକରଣ ଖୁବ୍‌ଶୀଘ୍ର



**ଭୁବନେଶ୍ୱର (ପିପିଏସ୍) :** ନୂଆ ରୂପ ନେବାକୁ ଯାଉଛି ସତ୍ୟନଗର ଶ୍ମଶାନ। ପୁରୀ ସର୍ଗଦ୍ୱାର ଭଳି ଅନୁରୂପ ଢଙ୍ଗରେ ନିର୍ମାଣ ହେବ। ସର୍ଗଦ୍ୱାର ଡିଜାଇନ୍ କରିଥିବା ହାଇଦ୍ରାବାଦ୍ ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ବିଏମ୍‌ସିର ଏକ ସତନ୍ତ୍ର ଟିମ୍ ଏଥିପାଇଁ ହାଇଦ୍ରାବାଦ୍ ଯାଇଥିବା ବେଳେ ମେୟର ସୁଲୋଚନା ଦାସ ଆଜି ଘଟଣାସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଠାରେ ଚାପ ବଢୁଥିବାରୁ ପ୍ରତ୍ୟେକ ଜୋନ୍‌ରେ ଏକାଧିକ ଶ୍ମଶାନ ପ୍ରସ୍ତୁତ କରିବା ପାଇଁ ଜାଗା ଚିହ୍ନଟ ହେଉଥିବା ସେ ସୂଚନା ଦେଇଛନ୍ତି। ସହର ଛାତି ଉପରେ ଥିବା ଏହି ଶ୍ମଶାନରେ ଚାପ ବଢ଼ିଛି। କରୋନା ସମୟରେ ଏହି ମଶାଣି ଉପରେ ପ୍ରବଳ ଚାପ ପଡ଼ିଥିଲା। ୫୦ରୁ ଅଧିକ ଶବ ଦିନକୁ ଆସୁଥିଲା। ଶବ ଗାଡ଼ି ସବୁ ଧାଡ଼ି ବାନ୍ଧି ରାସ୍ତା କଡ଼ରେ ଛିଡ଼ା ହେଉଥିଲା। ଏଠାରୁ ଏହି ମଶାଣି ହଟାଇବାକୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ସେତେବେଳେ ଏହାର ଉନ୍ନତୀକରଣ ପାଇଁ ଯୋଜନା ହୋଇଥିଲା। ତେବେ ନିର୍ବାଚିତ ଜନପ୍ରତିନିଧି ନଥିବାରୁ ଏହି ଯୋଜନା ଧିମେଇ ଯାଇଥିଲା। ଏବେ ମେୟର ଘଟଣାସ୍ଥଳ ଯାଞ୍ଚ କରିବା ପରେ ଏହାର ଉନ୍ନତୀକରଣ ଯୋଜନା ହୋଇଛି। ସର୍ଗଦ୍ୱାର ଭଳି ଏଠାରେ ଶବଦାହ ବ୍ୟବସ୍ଥା ହେବ। ପରିବେଶ ପ୍ରଦୂଷଣ କମ୍ କରିବାକୁ ହାଇଦ୍ରାବାଦ୍ ସଂସ୍ଥାକୁ ଡିଜାଇନ୍ ପ୍ରସ୍ତୁତ କରିବାକୁ ଦିଆଯିବ। ଏଠାରେ ରହିଥିବା ମଶାଣି ଓ କବରସ୍ତାନ ନୂଆ ରୂପ ନେବ। ଏହାଛଡ଼ା ଭରତପୁର ମଶାଣିରେ ମଧ୍ୟ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବା ସହ ପଟିଆ ମଶାଣିରେ ମଧ୍ୟ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏହା ବାଦ୍ ତିନିଟି ଜୋନ୍‌ରେ ଏକାଧିକ ଶ୍ମଶାନ ନିର୍ମାଣ କରିବାକୁ ମଧ୍ୟ ଯୋଜନା ହେଉଛି। ଯାହା ଫଳରେ ସତ୍ୟ ନଗରରେ ଚାପ କମିବା ସହ ପରିଜନମାନେ ହଇରାଣ ହେବେ ନାହିଁ।

## ୧୪ଜଣଙ୍କୁ ସିନେକ୍ରିଟିକ୍ ସମ୍ମାନ ପ୍ରଦାନ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବୁଦ୍ଧମନ୍ଦିରରେ 'ସୀତା ବିବାହ ଦିବସ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଯୋଜିକା ତଥା କାଦମ୍ବିନୀର ସମ୍ପାଦିକା ଡଃ ଇତି ସାମନ୍ତ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଚଳଚ୍ଚିତ୍ରର ପ୍ରସାର ନିମନ୍ତେ ପ୍ରତି ଜିଲ୍ଲାରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଓ ଗୁଣାତ୍ମକ ମାନର ଚଳଚ୍ଚିତ୍ର ପ୍ରସ୍ତୁତ କରିବାକୁ ସରକାର ପ୍ରୋତ୍ସାହନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ୧୪ଜଣଙ୍କୁ ସିନେକ୍ରିଟିକ୍ ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଡଃ ମାଧବ ବେଉରା, ଅନୁରାଧା ବାରିକ, ଶର୍ମିଷ୍ଠା ପାଣିଗ୍ରାହୀ, କବିତା ସ୍ୱାଇଁ, କସ୍ତୁରୀ ରାୟ, ସ୍ୱାତୀ ଜେନା। ଏଥିରେ ବିଚିତ୍ରାନନ୍ଦ ଦେଓ, ପ୍ରୀତିନନ୍ଦା ରାଉତରାୟ ଓ ପ୍ରତିଭା ପ୍ରଧାନ ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରଯୋଜକ ଲୁଟୁ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ରବୀନ୍ଦ୍ର ବିଶ୍ୱାଳ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ରବୀନ୍ଦ୍ରନାଥ ପଣ୍ଡା, ପ୍ରଶାନ୍ତ ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସିନେକ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ଉତ୍କଳ ମଣ୍ଡପ ପରିସରରେ ସ୍ଥାପିତ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ବାକି ନଦେବାରୁ ଦୋକାନୀଙ୍କୁ ପିଟିଲେ ଦୁର୍ବୃତ୍ତ

ଭୁବନେଶ୍ୱର (ପିପିଏସ୍): ବାକି ଦେବାକୁ ମନା କରିବାରୁ ଜଣେ ପାନଦୋକାନୀଙ୍କୁ ଲୁହା ଛଡ଼ରେ ଆକ୍ରମଣ କରିବା ଘଟଣାରେ ଲିଙ୍ଗରାଜ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଇନ୍‌ଫୋଭାଲିର ଶ୍ରୀନିବାସ ସାଇଁ। ତାଙ୍କ ନିକଟରୁ ପୁଲିସ ଏକ ଆଇରନ୍ ରଡ ଜବତ କରିଛି। ସୂଚନାଯୋଗ୍ୟ ଯେ, ମହତାବ ରୋଡରେ ଥିବା ହାଡିପୋଖରୀ ନିକଟରେ ପ୍ରକାଶ ଚନ୍ଦ୍ର ବେହେରା ଏକ ପାନ ଦୋକାନ ରହିଛି। ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ନିଶାସକ୍ତ ଅବସ୍ଥାରେ ତାଙ୍କ ଦୋକାନଙ୍କୁ ଯାଇ ବାକିରେ କିଛି ସାମଗ୍ରୀ ମାଗିଥିଲେ। ପୂର୍ବରୁ ଅଭିଯୁକ୍ତ ଶ୍ରୀନିବାସଙ୍କ ଉପରେ ୫୦୦ଟଙ୍କା ବାକି ଥିବାରୁ ତାଙ୍କୁ ଆଉ ସେ ବାକି ଦେବେ ନାହିଁ ବୋଲି ମନା କରିଦେଇଥିଲେ। ଏଥିରେ ଉତକ୍ଷିପ୍ତହୋଇ ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ପାନ ଦୋକାନ ଭିତରୁ ବାହାରକୁ ଘୋଷାଡି ଆଣି ଏକ ଲୁହା ଛଡ ସାହାଯ୍ୟରେ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାର ଅଭିଯୋଗ ପରେ ଲିଙ୍ଗରାଜ ଥାନା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ସୋଲାର ପ୍ୟାନେଲ୍ ବ୍ୟବସାୟ ଆଳରେ ୨ ଲକ୍ଷ ଚଳୁ

ଭୁବନେଶ୍ୱର (ପିପିଏସ୍): କାହିଁକି ଚାକିରି ଖୋଜୁଛନ୍ତି ସୋଲାର ଶକ୍ତି ବ୍ୟବସାୟ କରନ୍ତୁ। ଘରେ ବସି ମାସକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ। ମାତ୍ର ଲକ୍ଷେ ଦୁଇ ଲକ୍ଷ ଟଙ୍କା ନିବେଶ କଲେ ମାସିକ ୧୧ଲକ୍ଷ ଟଙ୍କା ରୋଜଗାର କରିବେ।' ଜଣେ ମହିଳା ଇଞ୍ଜିନିୟରଙ୍କୁ ଏମିତି ଲୋଭ ଦେଖାଇ ସାଇବର ଠକ ଲୁଟିନେଲା ୨ଲକ୍ଷ ଟଙ୍କା। ଠକାମିର ଶିକାର ହେବା ନେଇ ନିଶ୍ଚିତ ହେବା ପରେ ମହିଳା ଇଞ୍ଜିନିୟର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ଖଣ୍ଡଗିରି ଜାଗମରା ଅଞ୍ଚଳର ଏହି ଯୁବତୀଜଣଙ୍କ ଆନ୍ଧ୍ରପ୍ରଦେଶର ଏକ ବିଶ୍ୱବିଦ୍ୟାଳୟରୁ ଏଗ୍ରି ଇଂଜିନିୟରିଂ କରିଛନ୍ତି। ଗତ କିଛି ଦିନ ହେଲା ସେ ଅନ୍‌ଲାଇନ୍‌ରେ ଚାକିରି ଖୋଜାଖୋଜି କରୁଥିଲେ। ଏକଦା ସେ ୟୁଟ୍ୟୁବ୍‌ରେ ସୋଲାର ବ୍ୟବସାୟ ନେଇ ଏକ ବିଜ୍ଞାପନ ଦେଖିଥିଲେ। ଦିଆଯାଇଥିବା ନମ୍ବରରେ ସମ୍ପୃକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଯୋଗାଯୋଗର ଦୁଇ ଦିନ ପରେ ଆଉ ଏକ ନମ୍ବରରୁ ତାଙ୍କୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ସୋଲାର ସଂସ୍ଥାର ମୁଖ୍ୟ ବୋଲି ପରିଚୟ ଦେଇ ଉକ୍ତ ବ୍ୟବସାୟର ବିଭିନ୍ନ ସ୍କିମ୍ ବିଷୟରେ ବୁଝାଇଥିଲା। କିନ୍ତୁ ସେ ଯେ ସାଇବର ଠକ ବୋଲି ଯୁବତୀଜଣଙ୍କ ଜାଣିପାରିନଥିଲେ। କେତେ କିଲୋୱାଟ୍‌ରେ ସୋଲାର ପ୍ୟାନେଲ୍ ବସାଇଲେ, କେତେ ଲୋକଙ୍କୁ ସଂଯୋଗ ଦେଇହେବ, କେତେ ଟଙ୍କା ରୋଜଗାର କରିହେବ, କେତେ ପୁଞ୍ଜି ନିବେଶ କରିବାରକୁ ହେବ, ଏସବୁ ବିଷୟରେ ସେ ଟିକିନିକି କରି ବୁଝାଇଥିଲା। ପ୍ରତି କନେକ୍ସନରୁ ଦିନକୁ ଅତି କମ୍‌ରେ ୭ଶହ ଅର୍ଥାତ୍ ମାସକୁ ୨୧ହଜାର ଟଙ୍କା ମିଳିବ ବୋଲି କହିଥିଲା। ଏହାପରେ ୩ଶହ ଟଙ୍କା ଦେଇ ରେଜିଷ୍ଟ୍ରେସନ୍ କରିବାକୁ କହିଥିଲା। ଯୁବତୀଜଣଙ୍କ ରେଜିଷ୍ଟ୍ରସନ୍ କରିଥିଲେ। ୫୦ ଜଣିଆ କନେକ୍ସନ ପାଇଁ ଡିଲ୍ ହୋଇଥିଲା। ଟଙ୍କା ଜମା କରିବା ପରେ ସଂସ୍ଥାର ଇଂଜିନିୟର ଯାଇ ଘର ପାଖରେ ପ୍ୟାନେଲ୍ ଇନ୍‌ଷ୍ଟଲ କରିବା ସହ ନିୟମିତ ବ୍ୟବଧାନରେ ତାଲିମ୍ ଦେବେ ବୋଲି ସେ କହିଥିଲା। ଏଥିପାଇଁ ସେ ୧୦ଟି କିସ୍ତିରେ ୮ଟି ଆକାଉଣ୍ଟରେ ୨ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ହାତେଇବା ପରେ ସାଇବର ଠକ ସବୁ ଫୋନ୍ ନମ୍ବରକୁ ବନ୍ଦ କରିଦେଇଥିଲା। ମାସ ମାସ ବିତିଯିବା ପରେ ଯୁବତୀଜଣଙ୍କ ବୁଝିଥିଲେ ଯେ ସେ ଠକାମିର ଶିକାର ହୋଇଛନ୍ତି।

## ସ୍ମାର୍ଟସିଟି ସମ୍ମିଳନୀରେ ବିଏସ୍‌ସିଏଲ ପୁରସ୍କୃତ

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସସିଏଲ)କୁ ପୁଣି ଏକ ପୁରସ୍କାର ମିଳିଛି। ଭାରତ ସହରୀ ଡାଟା ଏକ୍ସଚେଞ୍ଜ (ଆଇୟୁଡିଏକ୍ସ) ମାଧ୍ୟମରେ ସହରଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ ଏବଂ ଅନ୍ୟାନ୍ୟ ପ୍ରୟୋଗ ଲାଗି ବିଏସ୍‌ସିଏଲ୍‌କୁ ଏହି ପୁରସ୍କାର ମିଳିଛି। ସହରାଞ୍ଚଳର ସାମାଜିକ ଅର୍ଥନୈତିକ କଲ୍ୟାଣ ଲାଗି ତଥ୍ୟ ବିନିମୟକୁ ସମର୍ଥନ କରିବାରେ ଭୁବନେଶ୍ୱର ଦେଶର ଅନ୍ୟତମ ସହର ଭାବେ କାର୍ଯ୍ୟ କରୁଛି। ଏହିକ୍ରମରେ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଥିବାରୁ ଚଣ୍ଡିଗଡ଼ରେ ଆୟୋଜିତ ସ୍ମାର୍ଟସିଟି ସମ୍ମିଳନୀରେ ବିଏସ୍‌ସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## କିନ୍ନରଙ୍କ ପାଇଁ ଆରମ୍ଭ ହେଲା 'ପ୍ରାଇଡ୍ ଆଣ୍ଡ୍ ପ୍ରିଭିଲେଜ୍' କାର୍ଡ

**ଭୁବନେଶ୍ୱର (ପିପିଏସ୍) :** ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ କିନ୍ନରମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଓ କ୍ୟାନସର୍ ଯତ୍ନ ସେବା ପହଞ୍ଚାଇବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ହସ୍ପିଟାଲ ପକ୍ଷରୁ ଏଚ୍‌ସିଜି ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍ କାର୍ଡ କଟକରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସଭାରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, କିନ୍ନର ତଥା ସମାଜସେବୀ ମୀରା ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଏଚ୍‌ସିଜି ହସ୍ପିଟାଲର ଆଞ୍ଚଳିକ ମୁଖ୍ୟ ପ୍ରତୀକ ଜୈନ କହିଛନ୍ତି ଯେ, ଏହି ହସ୍ପିଟାଲ ଜରିଆରେ କଟକରେ ଏଚ୍‌ସିଜି ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍ କାର୍ଡ ଉନ୍ମୋଚନ କରି ଆମେ ବେଶ୍ ଖୁସି ବ୍ୟକ୍ତ କରୁଛୁ। କିନ୍ନରମାନେ ସାମ୍ନା କରୁଥିବା



ସମସ୍ୟାର ମୁକାବିଲା କରିବା ଏବଂ କ୍ୟାନସର୍ ସେବାକୁ ନିରବଚ୍ଛିନ୍ନ କରିବା ପାଇଁ ସତନ୍ତ୍ର ଭାବେ ଏହି କାର୍ଡକୁ ପ୍ରସ୍ତୁତ କରାଯାଇଛି। ଏଥିରେ ବିଭିନ୍ନ ପ୍ରକାର ସୁବିଧା ସହିତ ସ୍ୱାସ୍ଥ୍ୟ ପରୀକ୍ଷା, ନିଦାନ ଓ ଚିକିତ୍ସା କରାଯାଇପାରିବ। ଉଚ୍ଚମାନର ଚିକିତ୍ସା ସେବା ମସସ୍ତଙ୍କ ଅଧିକାର ହୋଇଥିବାବେଳେ ଏହି ପଦକ୍ଷେପ ଜରିଆରେ କିନ୍ନରମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରାଯିବ। ମୀରା ପରିଡ଼ା କହିଛନ୍ତି ଯେ, ଓଡ଼ିଶାର କିନ୍ନର ଗୋଷ୍ଠୀଙ୍କୁ ସେବା ପ୍ରଦାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରୟାସ ବେଶ୍ ପ୍ରଶଂସାଯୋଗ୍ୟ। ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍ କାର୍ଡ ସମସ୍ତ କିନ୍ନରଙ୍କ ପାଖରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ସହ କିନ୍ନରମାନଙ୍କୁ ସମାଜ ସହ ଯୋଡ଼ିବ ବୋଲି କହିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ହସ୍ପିଟାଲରର ନିର୍ଦ୍ଦେଶକ ଡ. କୃପାସିନ୍ଧୁ ପଣ୍ଡା, ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅମିତ ମଲ୍ଲିକଙ୍କ ସମେତ ଓଟିଡିସି ଅଧକ୍ଷ ଲେନିନ୍ ମହାନ୍ତି, ଚଳଚ୍ଚିତ୍ର ଅଭିନେତ୍ରୀ ସପ୍ନା ପତି, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ବିଭିନ୍ନ ଘରୋଇ ସଂସ୍ଥାରେ କାର୍ଯ୍ୟରତ କିନ୍ନର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟାଙ୍ଗିବନ୍ତ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ପଞ୍ଚାୟତ ଟାଙ୍ଗିବନ୍ତ ଗ୍ରାମରେ ଓଁଶ୍ରୀଶ୍ରୀ ବାବା ବାଞ୍ଛାମଣି ଦେବଃ ଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ଉପାଧକ୍ଷ ଅଜିତ ଶ୍ରୀଚନ୍ଦନ, ନିର୍ମଳ ରାଉତ, ସନ୍ତୋଷ ନାଥ, ସରପଞ୍ଚ ଦେବରାଜ ଭୋଇ, ବିଜୟ ମଲ୍ଲିକ, ସମିତି ସଭ୍ୟ ସସ୍ମିତା ବରାଳ, ଭୁବନ ମୋହନ ଦାସ, ବ୍ରଜବନ୍ଧୁ ଭୋଇ, ନିହାରକାନ୍ତ ପଢ଼ିଆରୀ, ସୁବ୍ରତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ପବିତ୍ର ମୋହନ ସ୍ୱାଇଁ, ଗ୍ରାମ ସଭାପତି ଶ୍ରୀଧର ସ୍ୱାଇଁ, ବସନ୍ତ ପରିଡା, ଚନ୍ଦ୍ରଶେଖର ଜେନା, ଗୋବିନ୍ଦ ବେହେରା, ସଚିକାନ୍ତ ଜେନା,ସୁବ୍ରତ ମହାପାତ୍ର, ସଞ୍ଜୟ ସାମଲ, ୱାର୍ଡ ସଭ୍ୟା ସସ୍ମିତା ପ୍ରଧାନ, ଟିକିନା ଭୋଇ ଯାତ୍ରା ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ଜେନା ପରିଚାଳନା କରିଥିଲେ।

## ମଧୁବାବୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ

**ଭୁବନେଶ୍ୱର (ପିପିଏସ୍):** ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ଓଡ଼ିଆ ଜାତି ପାଇଁ ତାଙ୍କ ତ୍ୟାଗ ଓ ତପସ୍ୟା ଅତୁଳନୀୟ। ଏହି ଦୃଷ୍ଟିରୁ ତାଙ୍କୁ 'ସହସ୍ରାବ୍ଦର ସୂର୍ଯ୍ୟ' କହିଲେ ବି ଅତ୍ୟୁକ୍ତି ହେବ ନାହିଁ ବୋଲି ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ଶତପଥୀ ମଧୁବାବୁଙ୍କୁ ଆଧୁନିକ ଓଡ଼ିଶାର ରାଜନୈତିକ ଇତିହାସରେ ଅନ୍ୟତମ ପ୍ରମୁଖ ବିଦ୍ଧାଣୀ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଟ୍ୟାନେରୀ କେବଳ ଏକ ଶିଳ୍ପ ଅନୁଷ୍ଠାନ ନଥିଲା। ଏହା ଥିଲା ସ୍ୱଦେଶୀ ଆନ୍ଦୋଳନର ଏକ ବଳିଷ୍ଠ ମାଧ୍ୟମ। ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକ ଡଃ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁ ବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଏବଂ ଯଥାର୍ଥରେ ଉତ୍କଳ ଗୌରବ, ପୁଣି କୁଳବୃଦ୍ଧ, ଉତ୍କଳ ମାତାର ଯୋଗ୍ୟତମ ସନ୍ତାନ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ମଧୁସୂଦନ ଦାସ ଓଡ଼ିଶା ଇତିହାସର ଜଣେ ଦୁର୍ଲଭ ପୁରୁଷ ଏବଂ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ବୋଲି କହିଥିଲେ।

## ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ନୃତ୍ୟ କରିଡର୍

**ଭୁବନେଶ୍ୱର (ପିପିଏସ୍) :** ଲୋକନୃତ୍ୟରେ ଓଡ଼ିଶା ବହୁତ ଆଗରେ। ଅବସର ବିନୋଦନର ମାଧ୍ୟମ ଥିଲା ଲୋକନୃତ୍ୟ। ଗାଁ ଗହଳିଠାରୁ ଆରମ୍ଭରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ କଥା କୁହେ ଲୋକନୃତ୍ୟ। ଓଡ଼ିଶାର କଳା ଓ ସଂସ୍କୃତିର ପରିଚାୟକ ହେଉଛି ଲୋକନୃତ୍ୟ। ସମୟ ପରିବର୍ତ୍ତନ ଓ ଆଧୁନିକତାର ଛାପରେ ଧୀରେ ଧୀରେ ହଜିଯାଉଥିବା ଲୋକନୃତ୍ୟର ହୋଇପାରୁନି ଲୋକାଦୃତି। ଓଡ଼ିଶାର ଲୋକ ନୃତ୍ୟ ଜନମାନସର ପରିବର୍ତ୍ତନ ସହ ତାଳ ଦେଇ ଏହାର ରୂପରେ ବହୁ ପରିବର୍ତ୍ତନ ହୋଇଛି। ଗ୍ରାମାଞ୍ଚଳରେ ଦୈନନ୍ଦିନ ଜୀବନ ଶୈଳୀ ସହିତ ସଂଶ୍ଳିଷ୍ଟ ହୋଇଥିଲା ଲୋକନୃତ୍ୟ। ଓଡ଼ିଆ ଜୀବନଶୈଳୀ ଓ ପ୍ରଥା ସହିତ ମଧ୍ୟ ଜଡ଼ିତ। ଓଡ଼ିଶାର ପ୍ରତ୍ୟେକ ପର୍ବପର୍ବାଣି ସହ ବିଭିନ୍ନ ଲୋକନୃତ୍ୟର ପ୍ରଚଳନ ରହିଛି। ପ୍ରତ୍ୟେକ ଲୋକନୃତ୍ୟରେ ଓଡ଼ିଶାର ପାରମ୍ପରିକ ସଙ୍ଗୀତ ଓ ଲୋକପ୍ରିୟ ଢଗଢମାଳି ଆଦିର ବ୍ୟବହାର ହୋଇଥାଏ। ଏହାସହିତ ପାରମ୍ପରିକ ବାଦ୍ୟର ମଧ୍ୟ ବ୍ୟବହାର କରାଯାଉଥିଲା। ଲୋକନୃତ୍ୟର ପୁନରୁଦ୍ଧାର ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଛଉର ବିକାଶ ପାଇଁ ପ୍ରତିଦିନ ତଥା ପ୍ରତିମାସରେ ଚାଲିଛି ପ୍ରଶିକ୍ଷଣ। ଏଥିପାଇଁ ନିର୍ମାଣ କରାଯାଇଛି ଛଉ ପ୍ରତିଷ୍ଠାନ। ଏଥିପାଇଁ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହାସହିତ ଆଉ ୪ଟି ଲୋକନୃତ୍ୟ ପ୍ରହଲ୍ଲାଦ ନାଟକ, ଘୁମୁରା ନୃତ୍ୟ, ଘୋଡ଼ା ନାଚ ଆଦିକୁ ପୁନରୁଦ୍ଧାର କରାଯାଇ ଛଉ ନୃତ୍ୟ ଢଙ୍ଗରେ ପ୍ରତିଷ୍ଠା କରାଯିବାର ଯୋଜନା ରଖାଯାଇଛି। ଖୁବ୍‌ଶୀଘ୍ର ଚଳିତ ଆର୍ଥିକ ବର୍ଷ ମାସରେ ଏହାକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ଲୋକନୃତ୍ୟ ଶୈଳୀ ରହିଛି। ବିଗତ ୨ଶହ-୩ଶହ ବର୍ଷ ଧରି ଲୋକନୃତ୍ୟ ଶୈଳୀ ପରିବେଷଣ ହେଉଥିଲା। ମାତ୍ର ସମୟ ବଦଳିବା ସହ ଲୋକନୃତ୍ୟ ହଜିଯାଉଛି। ପ୍ରତ୍ୟେକ ଲୋକ ନୃତ୍ୟ ପଛରେ ରହିଛି ବିଭିନ୍ନ ଓଡ଼ିଶାର ପରମ୍ପରା। ରାଜ୍ୟରେ ବିଭିନ୍ନ ଏକାଡେମୀ ପରି ଲୋକକଳାର ଏକାଡେମୀର ଆବଶ୍ୟକତା ରହିଥିବା ବିଭିନ୍ନ ସମୟରେ ଦାବି ହୋଇଆସୁଛି। ପାଲା, ଦାସକାଠିଆ, ଘୋଡ଼ା ନାଚ, ସଖୀ କଣ୍ଢେଇ ନୃତ୍ୟ, ଦଣ୍ଡ ନାଚ, କରମା ନାଚ, ରସରକେଳି ଆଦି ପାରମ୍ପରିକ ଲୋକନୃତ୍ୟ ପାଶୋରି ଗଲାଣି। ନାଗା ନାଚ, ଶୁଆ ନାଚ, ଡାଲଖାଇ, ମୁଣ୍ଡପୋତା, ଖରିଆ, ବାଉଁଶରାଣୀ ଆଦି ଲୋକନୃତ୍ୟ ଏବେ ପ୍ରାୟ ଲୁପ୍ତପ୍ରାୟ। ରାଜ୍ୟସ୍ତରରେ ସଂସ୍କୃତି ବିଭାଗ ଦ୍ୱାରା ୧୧ ବର୍ଷ ହେଲା ଲୋକନୃତ୍ୟ ମହୋତ୍ସବ ବି ଆୟୋଜନ ହୋଇଆସୁଛି। ବିଶେଷ କରି ବିଦେଶରେ ଗଞ୍ଜାମର ଯୋଡ଼ିଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, ମୟୂରଭଞ୍ଜର ଛଉ, ସମ୍ବଲପୁରର ସମ୍ବଲପୁରୀ, ଜଗତସିଂହପୁରର ଘଣ୍ଟ ପାଟୁଆ, ନୟାଗଡ଼ର ସିଂହ ବାଦ୍ୟ, କେନ୍ଦୁଝରର ଚାଙ୍ଗୁ ନୃତ୍ୟ, ଗଜପତିର ସଉରା ନାଚ, ବାଲେଶ୍ୱରର ଚଢ଼େୟା-ଚଢ଼େୟାଣୀ, ଦେଓଗଡ଼ର କରମାନାଚ, ନୂଆପଡ଼ାର ଗନାବାଜା, ଝାରସୁଗୁଡ଼ାର ଡାଲଖାଇ ନୃତ୍ୟ ବିଶେଷ ଲୋକପ୍ରିୟତା ହାସଲ କରିଛି।


E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK

GOVERNMENT OF ODISHA

Auction Sale Notice No.01 of 2023-24

| | | | |
|---|---|---|---|
| 1. | Name of the work | :- | i) Demolition of existing Girder Bridge over Taladanda Canal D/S) at Ch.3/550Km & Disposal of dismantled materials of Girder Bridge over Taladanda Canal U/S) at Ch. 3/550Km. |
| 2. | Reserve Price | :- | Rs. 12,00,000.00 |
| 3. | EMD to be deposited | :- | Rs 3,00,000.00 |
| 4. | Period of completion | :- | 15(Fifteen) days from the date of issue of work order. |
| 5. | Last date / time of receipt of Quotation | :- | 10.05.2023 Up to 5.00P.M |
| 6. | Date & time of Opening of Quotation | :- | 11.05.2023 at.11.00A.M |
| 7. | Name and address of the Officer Inviting Quotation. | :- | Superintending Engineer, Cuttack (R&B) Division No.I, Cuttack |

Further details can be seen from the State Govt. portal "www.tendersodisha.gov.in

Er P.K.Majhi
Superintending Engineer,
Cuttack (R&B) Division No.I

B-129 OIPR - 34091/11/0002/2324




"ସମସ୍ତେ ଡାକନ୍ତି ଆହା, ମେଘ ତୁମେ ଆସ
ଦରପୋଡ଼ା ଖାଣ୍ଡବରେ, ଆମେ ବାସ୍ତୁହରା
ନିରିମାଖୀ ପୃଥିବୀର, ଫୁଙ୍ଗୁଳା ପିଠିରେ
ଶତାବ୍ଦୀର ଶିବଶୂଳ, ବଉଶାଖୀ ଖରା।"
– ଶରତ ଚନ୍ଦ୍ର ପ୍ରଧାନ

## ଚଢ଼େଇ



**ଡକ୍ଟର ନିରଞ୍ଜନ ବାରିକ**

ଟିକ ଚଢ଼େଇ ତୁ
ସୁନା ଚଢ଼େଇ ନା ରୁପା ଚଢ଼େଇ ?
ମଥାରେ ବିନ୍ଦି ଆଖିରେ କଜଳ
ସଜବାଜ ହୋଇ ଦେଉ ତୁ ଡାକ
ଇଆଡ଼େ ଚାହିଁ ଟିକିଏ ଦେଖ ?

ଚାରିଆଡ଼େ ଶୂନଶାନ ରାସ୍ତାଘାଟ
ନାହିଁ ଗାଡ଼ି ଘୋଡ଼ା କୁହାଟ
ଏକା ଏକା ଲାଗେ ଘର
ଲୁହ ଏଠି ବାଷ୍ପ ହୋଇ ଛାତିରେ ଜମାଟ।

ଏତିକିବେଳେ ତୁ ଚିଂ ଚିଂ ଗୀତ ଗାଇ
ମୋ' ଘରସାମ୍ନାରେ ଚକ୍କର କାଟି ଉଡ଼ିଲୁ
ଆଉ କହିଲୁ ମତେ ନିମିଷେ ଦେଖ
ସବୁବେଳେ ଯେଉଁ ମାଟିକୁ ଆବୋରି ବସିଛୁ
ତାକୁ ଛାଡ଼, ଉପରକୁ ମୁହଁ କର
ମୋ' ଡେଣା, ଆକାଶରେ ମୋ ଉଡ଼ାଣକୁ ଦେଖ୍



ଆନନ୍ଦ କ'ଣ, ସୁଖ କ'ଣ ମୋଠୁଁ ଶିଖ୍
ତୋ ସୌନ୍ଦର୍ଯ୍ୟରେ ମୁଁ ବିଭୋର
ମୋ ବାଲକୋନିରେ ଜାଗା ଜମାଇ
ମଧୁର ସ୍ୱନର କି ପ୍ରୟୋଜନ ?
ସ୍ୱାର୍ଥନ୍ୱେଷୀ ମୁଁ ପ୍ରଶ୍ନ କଲି ତୋ' ଆଗମନକୁ
ଦୁଇ ହାତର ତାଳିରେ ତତେ
ହୁରୁଡ଼େଇ ଦେଲି, ତୁ ଉଡ଼ିଗଲୁ ଦୂରକୁ
ଆଉ ଏକ ଚଢ଼େଇର ପ୍ରତି ନିବେଦନ
ସୁନା ଚଢ଼େଇ ଓ ରୁପା ଚଢ଼େଇ
କର ଦୁହେଁ ପ୍ରତ୍ୟାବର୍ତ୍ତନ
ସହଧର୍ମିଣୀ କଲେଣି ପଶ୍ଚାତାପ
ଆସ ଆସ ଆମ ବାଲକୋନିରେ ବସ
ଟୁଆଁଟୁଇଁ ପରି ଜମାଅ ତମେ ଆସ୍ଥାନ
ମୋ ବାଲକୋନିରେ ଦିଶିବ
କି ଶୋଭାବନ ! !

**୬ସି/୧୫୭୯, ସେକ୍ଟର-୧୦, ସିଡ଼ିଏ, କଟକ**
**ମୋ-୯୦୭୮୪୧୮୯୫୬**

## ସହସ୍ରାଂଶୁ



**ବିଜୟଲକ୍ଷ୍ମୀ ଆଚାର୍ଯ୍ୟ(ବିଜୁ)**

ଘନ କାଳିମାର ଅନ୍ଧକାର ଚିରି
ଆଗେଇ ଆସୁଛି ନୂତନକୁ ଧରି
ସହସ୍ରାଂଶୁ ନବ କିରଣକୁ ବରି
ସେ ଚିରନ୍ତନ ସତ୍ୟର ପୂଜାରୀ
ସମୟର ଧୂପ ଧାରୀ--
ଜାଳି ଦେବ ପାପର ଦୁନିଆ
ସତ୍ୟକୁ ଦୁନିଆରେ କରିଦେବ ଠିଆ
ରାଜନୀତି ଦେବନୀତି କି କୂଟନୀତି
କିଛି ହେଲେ ବରିବନି ବାରେ,
ସମୟର ଯାଦୁରେ ସେ



ବଶିଭୂତ କରିବ ଦୁନିଆ।
ସତ୍ୟର ସହସ୍ର ନୃସିଂହକୁ ଦେଖି
ପାପର ସମ୍ରାଟ ମାନେ
ଛତ୍ରଭଙ୍ଗ ଦେବେ ହୋଇଣ ଛାନିଆ ।
ଆଖିରେ ତା ଜଳୁଥିବ
ସହସ୍ର ଯୁଗର ନିଆଁ।
ପତଙ୍ଗ ସଦୃଶ୍ୟ ସ୍ୱୟଂ ଝାସ ଦେବେ ସବୁ
ପାଉଁଶକୁ ଫୁଙ୍କି ଦେଇ
ପୃଥିବୀକୁ ଗଙ୍ଗାରେ ବୁଡାଇ
ପୁନର୍ବାର ନବ ସୃଷ୍ଟିର କଳ୍ପନାରେ
ଉନ୍ମେଳିତ ମନର ନିଭୃତ ଇଲାକାରେ
ନବ ସୂର୍ଯ୍ୟର ଶୁଭ୍ରାଂଶୁ କିରଣରେ
ଶିଶିର ବିନ୍ଦୁ ଶୋଭିତ ଘାସ ଫୁଲର
ହୀରକ ଅଭାରେ,
ଜଗତକୁ ମହାକାଇ ଦେବ ସେ
ସୂର୍ଯ୍ୟର କୋଟି କିରଣର ପ୍ରଭାରେ।
ପୁଷ୍ପ ଗୁଚ୍ଛ ସଂଗେ ଅନ୍ତରର
କୋଟି କାମନାକୁ ଧରି
ଆବାହନ କରେ ବାର ବାର
ଆସ ସୂର୍ଯ୍ୟ ସହସ୍ରାଂଶୁ
ନବ ସୃଷ୍ଟିର ପରି କଳ୍ପନାରେ
ମଜ୍ଜି ଯାଅ ହଜି ଯାଅ ତୁମେ।

**'ଶୃତି କୁଟୀର'**
**ମହୀରା, କୋର୍ତ୍ତଲ, ଦେବୀଦୋଳ, ଜଗତସିଂହପୁର**
**ମୋ-୭୮୭୩୦୪୧୭୫୦**

## ଗୀତି କବିତା

### ଆଉ ଇଚ୍ଛା ନାହିଁ ବଞ୍ଚିବାର



**ଗୌର ପଟ୍ଟନାୟକ**

ମୁଁ ଉଡ଼ା ଚଢ଼େଇ ଥିଲି
ଦୂର ନୀଳ ଆକାଶର
ଅଦିନେ ମିଳେଇ ଗଲା
ଯେତେ ଥିଲା ସପ୍ନ ମୋର ॥୦॥

ଭାଗ୍ୟ ମତେ କରିଦେଲା
ଲକ୍ଷ୍ୟହୀନ ଯାଯାବର
ଲୁହର ନଈରେ ଭିଜି
ଦେହ ଓଦା ସରସର।

କେହି କେବେ ରଖିନାହିଁ
ଭଲ ମନ୍ଦ ମୋ ଖବର
ନିତିନିତି ସହିବାର
ହୋଇଗଲା ସୀମାପାର ॥୧॥

ଜୀବନଟା ହେଲା ମୋର
ଅଭିଶପ୍ତ ଜଉଘର
ଶକୁନୀର ଇସାରାରେ
ହଜି ହେଲା ଛାରଖାର।

କେଉଁ ଅପରାଧ ମୋର
ଜାଣେନା କାରଣ ତା'ର
ଅଧା ମରି ସାରିଲେଣି
(ଆଉ) ଇଚ୍ଛା ନାହିଁ ବଞ୍ଚିବାର ॥୨॥

**ସି/୧୨୪୬, ସେକ୍ଟର - ୬**
**ସିଡ଼ିଏ, କଟକ-୧୪**
**ମୋ-୯୪୩୮୫୧୧୧୮୫**

## ଅଫେରା ଅତୀତ



**ଆଶୁତୋଷ ଦାଶ**

ଅଫେରା ଅତୀତ ସ୍ମୃତି ସବୁ ଯେବେ
ଉଙ୍କି ମାରେ ମନ ଆଇନାରେ
ବିଗତ ଦିନର ସୁନ୍ଦର ମୁହୂର୍ତ୍ତ
ମନରୁ ଫେରେନା ଥରେ ॥



ବୟସର ଅନ୍ତେ ନିଶିଥ ଅନ୍ଧାରେ
ଆଖି ଯେବେ ମାଡ଼ି ପଡ଼େ
ଗହଳ ନିଦରେ ସ୍ମୃତି ବିଜଡ଼ିତ
ସ୍ୱପ୍ନ ସବୁ କଡ଼ ମୋଡେ ॥

ସ୍ମୃତିର ସେ ଯାଦୁ କାଉଁରୀ ପରଶ
ଲିଭିନି ମନରୁ ଆଜି
ମନ ଗହନରେ ବସା ବାନ୍ଧିଅଛି
ଅଲୋଡ଼ା ଅତୀତ ରାଶି ॥

ପିଲା ଦିନ ସ୍ମୃତି ଯୌବନ ପ୍ରବାହ
ଅଚିରେ ଉଭେଇ ଗଲା
ମଧ୍ୟ ବୟସରେ କାର୍ଯ୍ୟବ୍ୟସ୍ତତାରେ
ସ୍ମୃତି ମନେ ନ ପଡ଼ିଲା ॥

ବୟସ ବଢ଼ିଲେ ସ୍ମୃତି ଖିଅ ସବୁ
ଅଡୁଆ ଅଡୁଆ ଲାଗେ
ଭଙ୍ଗା ଭଙ୍ଗା ସ୍ମୃତି ଲଲାଟ ପଟରେ
ଅଲୋଡ଼ା ଲହଡ଼ି ଭାଙ୍ଗେ ॥

ମନ ଉପବନେ ସ୍ମୃତିର ମହକ
ଚଉହଦୀ ବାସୁଥାଏ
ତାର ମହକରେ ଉଲ୍ଲସିତ ମନ
ଯେବେ ଜୀବନେ ଜୀବନ ଥାଏ ॥

**ଏଚଆଇଜି-୧୦, ମାରୁତି ଭିଲ୍ଲା କିଟ୍, ପଟିଆ, ଭୁବନେଶ୍ୱର**
**ମୋ-୯୭୭୭୦୯୪୯୨୪**

## ବହିର ବାସ୍ନା



**ଗୋପଯାତ୍ରା**
କବି :
ସେନାପତି ପ୍ରଦ୍ୟୁମ୍ନ କେଶରୀ
ପ୍ରକାଶକ :
ବ୍ଲାକ ଇଗଲ ବୁକ୍ସ
ଡବ୍ଲିନ, ୟୁଏସ୍ଏ ଶାଖା କାର୍ଯ୍ୟାଳୟ, ଭୁବନେଶ୍ୱର
ମୂଲ୍ୟ : ଟ. ୧୮୦.୦୦
ପୃଷ୍ଠା : ୧୩୮

ପିଠିର କ୍ଷତକୁ ବାରମ୍ବାର ଚାଟି ନିଜକୁ ରକ୍ତାକ୍ତ କରି ଗୋରୁମାନେ ଯେମିତି ଗୋଟେ ଅଲଗା ପ୍ରକାର ଆନନ୍ଦ ପାଆନ୍ତି, କବିଟିଏ ସେମିତି ଜୀବନର ଯାବତୀୟ ଦୁଃଖ ଯନ୍ତ୍ରଣାକୁ ଉଖାରି ତହିଁରୁ ଖୋଜିପାଏ ନୂଆ ନୂଆ କବିତାର ପଦପଂକ୍ତି। ବସୁଦେବଙ୍କ ପିତୃପଣ ନିର୍ଦ୍ଦୟ କଂସ ହାତରେ ବାରମ୍ବାର ତିରସ୍କୃତ ହେବା ସତ୍ତ୍ୱେ ସେ ନିଜର ଅଷ୍ଟମ ସନ୍ତାନକୁ ମଥାରେ ଧରି ମେଘ ମେଦୂରିତ ଝଡ଼ରାତିରେ ଗୋପଯାତ୍ରାରେ ବାହାରି ପଡ଼ିଥିଲେ। ବାଟରେ ଆସୁଥିବା ଶତ ବାଧା ବିପତ୍ତିକୁ ଭ୍ରୂକ୍ଷେପ ନକରି ଗୋପଯାତ୍ରାକୁ ସଫଳ କରିପାରିଥିଲେ। ମାନବ ଜୀବନକୁ ସେମିତି ସଫଳ ଓ ସାକାର କରିବାକୁ ହେଲେ ଅମାପ ଦୁଃଖ, ଘାତ ପ୍ରତିଘାତ ଓ ଯାବତୀୟ ବିଫଳତାକୁ ଅତିକ୍ରମିବା ହିଁ ପୁରୁଷାର୍ଥର ପରିଚୟ। ଏହାହିଁ ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ଗୋପଯାତ୍ରା'ର ସାଂକେତିକ ଭାବାର୍ଥ। 'ଗୋପଯାତ୍ରା' ପାଠକୀୟ ଆଦୃତି ଲାଭ କରିବ ବୋଲି ଆମର ଆଶା ଓ ବିଶ୍ୱାସ।

**ବିଭକ୍ତ ସମୟର ସ୍ୱର**
ଲେଖକ :
ଡକ୍ଟର କିଶୋର ମହାନ୍ତି
ପ୍ରକାଶକ :
ଶ୍ରୀମତୀ ମନୋରମା ଦାସ
ଯୁବପ୍ରଭା ପବ୍ଲିକେଶନ, କଟକ
ମୂଲ୍ୟ : ଟ. ୩୦.୦୦
ପୃଷ୍ଠା : ୪୮




ଆକାଶବାଣୀର ଡକ୍ଟର କିଶୋର ମହାନ୍ତି ଜଣେ ନାଟ୍ୟକାର ଓ ସ୍ତମ୍ଭକାର ଭାବେ ବେଶ୍ ପରିଚିତ। ତାଙ୍କର ବିଭକ୍ତ 'ସମୟର ସ୍ୱର' ଏକ ଜୀବନ ଓ ଚେତନା ଧର୍ମୀ ନାଟକ। ଏଥିରେ ସୂତ୍ରଧର, ଅତୀତ, ବର୍ତ୍ତମାନ, ଭବିଷ୍ୟତ, ମୁକ୍ତିପାଦ, ବିଶ୍ୱନାଥ, ମାଧବ, ମଧୁବ୍ରତା ପ୍ରଭୃତିକୁ ଚରିତ୍ର ରୂପେ ନିଆଯାଇଛି। ମୁକ୍ତିପାଦର ଏକ ସଂଳାପରେ କୁହାଯାଇଛି – 'ପୁଣି ଏକ ମାୟାର ପାଚେରୀ ତୋଳି ମତେ ବାନ୍ଧି ରଖିବାକୁ ଚେଷ୍ଟା କରନା। ମୁଁ ମୁକ୍ତି ଚାହେଁ ଅତୀତରୁ ବର୍ତ୍ତମାନକୁ... ବର୍ତ୍ତମାନରୁ ଭବିଷ୍ୟତକୁ... ଭବିଷ୍ୟତରୁ ଏକ ଅଜଣା ସମୟର ସ୍ରୋତରେ ମୁଁ ମିଶିଯିବାକୁ ଚାହେଁ। ନାଟକର ଭାଷା, ଭାବ, ସଂଳାପ ଓ ମଞ୍ଚମୂଲ୍ୟ ଅତ୍ୟନ୍ତ ଉଚ୍ଚକୋଟୀର।




**କାହ୍ନୁ ଖରା**
କବୀ
ରଞ୍ଜିତା ନାୟକ
ପ୍ରକାଶକ :
ବିଦ୍ୟାପୁରୀ
ବାଲୁବଜାର, କଟକ
ମୂଲ୍ୟ : ଟ. ୮୦.୦୦
ପୃଷ୍ଠା : ୭୪

ଡକ୍ଟର ରଞ୍ଜିତା ନାୟକ ବୃତ୍ତିରେ ଜଣେ ଅବସରପ୍ରାପ୍ତ ପ୍ରାଧାପିକା ହେଲେବି ପ୍ରବୃତ୍ତିରେ ଜଣେ ସାରସ୍ୱତ ସାଧିକା। ଏଥିପୂର୍ବରୁ ତାଙ୍କର 'ଅଶାନ୍ତ ଅପରାହ୍ଣ', 'ଦୃଶ୍ୟ ଦୃଶ୍ୟାନ୍ତର', 'ଝଡ଼ର ଆକାଶ', 'ପବନର ଛନ୍ଦ', 'ନିଜ ଝର୍କାରୁ ଆକାଶ', 'ଯେ ଗୀତ ଗାଏ ପକ୍ଷୀ' ପ୍ରଭୃତି ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଭାଜନ ହୋଇଛି। 'କାହ୍ନୁ ଖରା' ୩୧ଟି ମନନଧର୍ମୀ କବିତାର ଏକ ମନ୍ମୟ ସଂକଳନ। ଏଥିରେ 'କାହ୍ନୁଖରା'ଠାରୁ ଆରମ୍ଭ କରି 'ପଥଚାରୀ', 'ଅନୁରମନ', 'ବ୍ୟାସକୂଟ', 'ଟାପୁ', 'ବିପର୍ଣ୍ଣବୃହନ୍ନଳା', 'ମାଟିର ମଣିଷ', 'ଛେଳି' ପ୍ରଭୃତି କବିତାରେ ଆମ ସାଂପ୍ରତିକ ଜୀବନର ଯାବତୀୟ ଦୁଃଖ, ଯନ୍ତ୍ରଣା, ଆଶା ନିରାଶାର ଚିତ୍ର ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି। ଏହି ବହିଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମର ଆଶା ଓ ବିଶ୍ୱାସ।

**ଲାଲ ଲୁହ ଓ ଅନ୍ୟାନ୍ୟ ଗଳ୍ପ**
ଅନୁବାଦକ :
ଡକ୍ଟର ସୌରୀବନ୍ଧୁ କର
ପ୍ରକାଶକ :
ସୌରୀବନ୍ଧୁ ସ୍ମୃତିଘର
ଗଜପତି ନଗର, ଭୁବନେଶ୍ୱର
ମୂଲ୍ୟ : ଟ. ୫୦.୦୦
ପୃଷ୍ଠା : ୧୨୦




ସାମ୍ୟବାଦୀ ଚେତନାର ବାର୍ତ୍ତାବହ ସୌରୀବନ୍ଧୁ କରଙ୍କ 'ଲାଲ ଲୁହ ଓ ଅନ୍ୟାନ୍ୟ ଗଳ୍ପ' ୧୬ଟି ଅନୁବାଦ ଗଳ୍ପର ଏକ ସାଇତି ରଖିବା ପରି ବହିଟିଏ। ଏଥିରେ 'ରକ୍ଷକ', 'ସେହି ସ୍ୱର', 'ଡରିଯାଇଥିବା ଝିଅଟି', 'ଲାଲ ଲୁହ', 'ଯାଦୁକର', 'ଘୋଡ଼ାଗାଡ଼ିବାଲା' ପ୍ରଭୃତି ପାକିସ୍ତାନୀ, ସିଂହଳୀ, ମାଳଦ୍ୱୀପ, ଆଫଗାନିସ୍ତାନ, ଆମେରିକା, ଭାରତ ପରି ବିଭିନ୍ନ ଦେଶର କାହାଣୀକୁ ଅତି ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ଲେଖକ। ଏଥିରେ ଆମ ଜୀବନରେ ବହୁ ଘଟଣା, ଦୁର୍ଘଟଣାର ଚିତ୍ର ପ୍ରକଟିତ ହୋଇଛି।




**ସ୍ୱପ୍ନ ବିଳାସ**
ଲେଖକ :
ନିର୍ମଳ କୁମାର ଗିରି
ପ୍ରକାଶକ :
କୀର୍ତ୍ତିକାନ୍ତି ପ୍ରକାଶନ
ବାଲିବିଲ, ବରୀ, ଯାଜପୁର
ମୂଲ୍ୟ : ଟ. ୧୦୧.୦୦
ପୃଷ୍ଠା : ୧୨୦

କବି ନିର୍ମଳ କୁମାର ଗିରି ଚାକିରିରୁ ଅବସର ପରେ ସାରସ୍ୱତ ସାଧନାରେ ମନୋନିବେଶ କରିଛନ୍ତି। ତାଙ୍କର 'ସ୍ୱପ୍ନ ବିଳାସ' ୬୯ଟି କବିତାରେ ଏକ ମନ୍ମୟ ପରିପ୍ରକାଶ। ଏଥିରେ ପରିବେଶ ସଚେତନତା, ନିଃସ୍ୱାର୍ଥ ସେବା, ଶ୍ରେଣୀହୀନ ସମାଜ ଗଠନର ସ୍ୱପ୍ନ, କବିର ଅନୁଚିନ୍ତା ସମାଜର ନିଃସ୍ୱ ଦଳିତମାନଙ୍କ ଅସହାୟତା, ଆଧ୍ୟାତ୍ମିକ ଅନୁଚିନ୍ତା ପ୍ରଭୃତି ବହୁବିଧ ଗଠନମୂଳକ ଚିନ୍ତା ଓ ଚେତନାରେ କବିତା ଗୁଡ଼ିକ ଋଦ୍ଧିମନ୍ତ। ବହିଟି ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ପାଇବ ବୋଲି ଆଶା।

## ସମର କ୍ୟାମ୍ପ



**ସୁପ୍ତି କର**

ଗ୍ରୀଷ୍ମ ଛୁଟି। ଅରିନର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବଡ଼ ସମର କ୍ୟାମ୍ପ ଲାଗିଛି। ଗୀତ, ନାଚ, ବାଜା, ପହଁରା, ଡ୍ରଇଁ ଛୋଟଛୋଟ ମଡ଼େଲ ତିଆରି ଇତ୍ୟାଦି ଶିଖାଇବା ପାଇଁ ନାମୀ ଦାମୀ ବିଦ୍ୟାଳୟଟି ଅଭିଭାବକଙ୍କଠାରୁ ମୋଟା ଅଙ୍କର ଫି' ନେଇଛି। ଶିକ୍ଷାଦାନ ପାଇଁ ବଡ଼ବଡ଼ ଶିକ୍ଷକ ଯାହାକୁ ସେମାନଙ୍କ ଭାଷାରେ ଏକ୍ସପର୍ଟ ବୋଲି କୁହାଯାଏ ସେମାନଙ୍କୁ ଡକାଯାଇଛି ଏଇ ଛୋଟ ଛୋଟ ପାଞ୍ଚ ବର୍ଷରୁ ଆରମ୍ଭ କରି ଏଗାର ବର୍ଷର ପିଲାଙ୍କୁ ଗ୍ରୀଷ୍ମ ଛୁଟିରେ ପାଠ୍ୟପୁସ୍ତକ ଛଡ଼ା କିଛି ଅଲଗା ଶିକ୍ଷାଦାନ ପାଇଁ।

ଛଅ ବର୍ଷର ଅରିନ ପୁଣି ସବୁଦିନ ସ୍କୁଲ ଗଲାପରି ଗଳାରେ ୱାଟର ବଟଲ, ଟିଫିନ ଧରି ସ୍କୁଲ ବାହାରୁଛି। ସେ ବୁଝିପାରୁନି... ମାମା ତ କହୁଥିଲା ସମର ଭ୍ୟାକେସନ ହେବ। କେବେ ଫୋନରେ କହୁଥିଲେ ବାବୁରେ ଗ୍ରୀଷ୍ମ ଛୁଟି ହେଲେ ଗାଁକୁ ଆସିବୁ। ଢେର୍ ଆମ୍ବ ପାଚିଛି। ମନଇଚ୍ଛା ଗଛରୁ ତୋଳି ଖାଇବୁ। ତୋଟାରେ ଯେଉଁ ବଡ଼ ପୋଖରୀ ଅଛି ବାଇନ କାକା ସେଥିରେ ତୋତେ ପହଁରା ଶିଖାଇଦେବେ ଶିଖିବୁ। ତୋ ପାଇଁ ସୁନ୍ଦର ରଂଗୀନ ମାଛ ପୋଖରୀରେ ଛାଡ଼ିଛି। ଆସିଲେ ତୁ ସେମାନଙ୍କୁ ଖାଇବାକୁ ଦେବୁ। ଦେଖିବୁ କେମିତି ସେମାନେ ତୋ ଗୋଡ଼ ପାଖେ ଆସି ଜମା ହେବେ। ତୋର ଆଉ ତାଙ୍କର, କଅଣ ସେଇଟା ଇଂରାଜୀରେ କୁହନ୍ତିତ ହଁ ଫ୍ରେଣ୍ଡସିପ୍ ହୋଇଯିବ।

ତେବେ ସେ ଛୁଟି କାହିଁ। ଅରିନ କିଛି ବୁଝିପାରୁ ନଥିଲା। ଆଖି ମଳିମଳି ଉଠି, ଦାନ୍ତ ଘଷି ଜବରଦସ୍ତି କ୍ଷୀର ବିସ୍କୁଟ ଖାଇ, ପୋଷାକପତ୍ର ପିନ୍ଧି ସବୁଦିନ ସ୍କୁଲ ଗଲାଭଳି ସେ ପାପାଙ୍କ ପଛେପଛେ ଗେଟ ଆଡ଼କୁ ଯାଉଥିଲା।

ସେତିକିବେଳେ ତାଙ୍କ ଘର ପଛପଟେ ଆଉଟ ହାଉସରେ ରହୁଥିବା ମାଳୀ ଅଙ୍କଲଙ୍କର ପୁଅ ଜିତୁ



ଆସି ଡରଡର ଆଖିରେ ଅରିନ ଆଡ଼େ ଚାହିଁ ଇସାରାରେ ଡାକିଲା। ସମ ବୟସିଆ ହେବେ ଦୁହେଁ। ଜିତୁବି ସରକାରୀ ବିଦ୍ୟାଳୟରେ ପଢ଼େ। ତା'ର ବି ଗ୍ରୀଷ୍ମ ଛୁଟି।

ବାପା ଗ୍ୟାରେଜରୁ ଗାଡ଼ି ବାହାର କରୁଥିବାର, ମା' ଫୋନରେ ବ୍ୟସ୍ତ ଥିବାର ଦେଖି ସେଇ ସୁଯୋଗରେ ଜିତୁ ସହିତ ଅରିନ ବଗିଚା ପଛପଟକୁ ଗଲା। ଦେଖିଲା ତାଙ୍କ କୁକୁର ଟମି ପାଇଁ ଜିତୁ, ମାଳୀ ଅଙ୍କଲଙ୍କ ସହ ମିଶି କାଠପଟା ଓ କାଗଜ ପଟା ଯୋଡ଼ି କେତେ ସୁନ୍ଦର ଘରଟିଏ ତିଆରି କରିଛି। ଚଢ଼େଇମାନେ ଆସି ବସି ପାଣି ପିଇବେ ବୋଲି ଗଛରେ କେଡ଼େ ସୁନ୍ଦର ବସା ଓ ପାଣି ପିଇବାର ଜାଗା ତିଆରି କରିଛି।

ଜିତୁ ପାଣି ମଗଟିଏ ବଢ଼ାଇ ଦେଲା ଅରିନ ହାତକୁ। ଆଉ ଇସାରା କଲା ସେଇ ପାଣି ଜାଗାରେ ଚଢ଼େଇମାନଙ୍କ ଲାଗି ପାଣି ଭର୍ତ୍ତି କରିବାକୁ।

ଏତିକିବେଳେ ଅଚାନକ... ଅରିନ। କୁଆଡ଼େ ଗଲୁ, ଲେଟ ହେଉଛି ସମର କ୍ୟାମ୍ପ ପାଇଁ, ଏପରିଭାବେ ମାମାର ପାଟିରେ ତା' ହାତରୁ ପାଣିମଗ ଖସି ପଡ଼ିଲା। ପାପା, ମାମା ତାକୁ ଖୋଜି ଖୋଜି ବଗିଚାରେ ପହଞ୍ଚି ନାଲି ଆଖି ଦେଖାଇ ତାକୁ ଟାଣିନେଲେ ଗାଡ଼ି ଆଡ଼କୁ।

ମାମା କହିଲେ - 'ଖବରଦାର ଅରିନ! ଆଗରୁ କହିଦେଉଛି କ୍ୟାମ୍ପ ଟାଇମରେ ପହଞ୍ଚିବୁ। ସବୁ ଠିକ ସେ ଶିଖିବୁ। ଏଠି ଏମିତି ଫାଲତୁରେ ସମୟ ନଷ୍ଟ କରିଛୁ ଯଦି ଦେଖିବୁ।

ତା'ପରେ ତା' ହାତରେ ଧରେଇ ଦେଲେ କ୍ୟାମ୍ପରୁ ମିଳିଥିବା ଆଦେଶ ଅନୁଯାୟୀ ହାପି ହୋମର ଏକ ମଡ଼େଲ। ଆଜି ଦେଖାଇବାକୁ ହେବ କ୍ୟାମ୍ପରେ।

ମୋଟା ସୋଲର ଏକ ବୋର୍ଡ଼ ଉପରେ ଛୋଟ ପ୍ଲାଷ୍ଟିକର ଘର ପାଖରେ ସେଇ ପ୍ଲାଷ୍ଟିକର କୁକୁର ପାଇଁ ଘର ଷ୍ଟ୍ରିଟ ଲାଇନ, ପ୍ଲାଷ୍ଟିକ ଫୁଲର ବଗିଚା ଇତ୍ୟାଦି ତା' ଉପରେ ତିଆରି ହୋଇଥିଲା।

ଅରିନ କିନ୍ତୁ ଭାବୁଥିଲା... ଗତକାଲି ବାପା ମଲରୁ ଆଣିଥିବା ଏଇ ମଡ଼େଲଟି ଆଗରେ ଜିତୁର ହାତ ତିଆରି ଜମିର ଘର ଆଉ ଚଢ଼େଇର ଘର କେତେ ସୁନ୍ଦର।

**ଜେ.ଏନ.ଲେନ, ଡେଲି ମାର୍କେଟ, ରାଉରକେଲା**
**ମୋ-୯୪୩୮୩୯୩୮୩୮**

ସଂଯୋଜନା
**ଡକ୍ଟର ସୁନାମଣି ରାଉତ**
ରାଜାବଗିଚା, କଟକ - ୯
ମୋ - ୯୪୩୭୨୧୨୮୨୦
ଇମେଲ୍- sunamani.rout@gmail.com






## ଆଇପିଏଲ୍-୨୦୨୩

# ପଞ୍ଜାବକୁ ୫୬ ରନରେ ହରାଇ ବଡ ବିଜୟ ହାସଲ କଲା ଲକ୍ଷ୍ନୌ

ମୋହାଲ(ଏଜେନ୍ସି): ଛକା-ଚୌକା ମାଡରେ କମ୍ପିଲା ମୋହାଲିର ବିନ୍ଦ୍ରା ଷ୍ଟାଡିୟମ। ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ଲକ୍ଷ୍ନୌ ମଧ୍ୟରେ ଖେଳା ଯାଇଥିବା ୩୮ତମ ମ୍ୟାଚ୍‌ରେ ଧ୍ୱସ୍ତ ହୋଇଛି ଅନେକ ରେକର୍ଡ। ସଂପୂର୍ଣ୍ଣ ମ୍ୟାଚ୍‌ରେ ବ୍ୟାଟରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ହାଇ ସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବକୁ ୫୬ ରନରେ ହରାଇ ବଡ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟସ୍। ଏଥିସହ ଚଳିତ ସଂସ୍କରଣରେ ପଞ୍ଜାବଠୁ ପରାଜୟର ମଧୁର ପ୍ରତିଶୋଧ ନେଇଛି ଦଳ। ପ୍ରଥମେ ବ୍ୟାଟିଂ କରି ମାର୍କସ ଷ୍ଟୋଇନିସ୍ ୭୨ ରନ କରିଥିବା ବେଳେ କାଇଲ୍ ମେୟର୍ସ ୫୪ ରନ, ନିକୋଲାସ ପୂରନ ୪୫ ଏବଂ ଆୟୁଷ ବାଦୋନୀ ୪୩ ରନର ଉପଯୋଗୀ ଇନିଂସ ବଳରେ ଲକ୍ଷ୍ନୌ ୫ ୱିକେଟ୍ ହରାଇ ୨୫୭ ରନ କରିଥିଲା। ଜବାବରେ ପଞ୍ଜାବ ଅର୍ଥଭ ତାଇଡେଙ୍କ ୬୬ ରନ ବଳରେ ୧୯.୫ ଓଭରରେ ୨୦୧ ରନରେ ଅଲଆଉଟ୍ ହୋଇଛି। ସିକନ୍ଦର ରାଜା ୩୬ ରନ କରିଥିବା ବେଳେ



ଲିୟାମ ଲିଭିଙ୍ଗଷ୍ଟୋନ ୨୩, ସାମ କରନ ୨୧ ରନ ଏବଂ ଜିତେଶ ଶର୍ମା ୨୪ ରନ କରିଥିଲେ। ଲକ୍ଷ୍ନୌ ତରଫରୁ ଯଶ୍ ଠାକୁର ୪ ଏବଂ ନବୀନ ଉଲ ହକ୍ ୩ଟି ୱିକେଟ୍ ନେଇ ପଞ୍ଜାବ ସ୍କୋରକୁ ୨୦୧ ରନରେ ସୀମିତ ରଖିଥିଲେ। ଏହି ବିଜୟ ସହ ଲକ୍ଷ୍ନୌ ପଏଣ୍ଟ ଟେବୁଲର ଦ୍ୱିତୀୟରେ ପହଞ୍ଚିଥିବା ବେଳେ ପଞ୍ଜାବ ଅଷ୍ଟମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ଭୋଗିଛି। ନିଜର ବୋଲିଂ ବେଳେ ଲକ୍ଷ୍ନୌ ତରଫରୁ ୯ ଜଣ ବୋଲିଂ କରିଥିଲେ, ଯାହା କ୍ରିକେଟ୍‌ରେ କ୍ୱଚିତ୍ ଦେଖିବାକୁ ମିଳେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲା। ଦଳୀୟ ସ୍କୋର ୪୧ ରନରେ କେଏଲ ରାହୁଲ(୧୨) ରନରେ ଆଉଟ୍ ହୋଇଥିଲେ। କାଇଲ ମେୟର୍ସ ୨୪ ବଲ୍‌ରୁ ୭ ଚୌକା ଏବଂ ୪ ଛକା ସହ ୫୪ ରନର ଧୂଆଁଧାର ଇନିଂସ ଖେଳିଥିଲେ। ଏହାପରେ ମାର୍କସ ଷ୍ଟୋଇନିସ୍ ଏବଂ ଆୟୁଷ ବଦୋନୀ ଉକ୍ତ ରନ ଗତିକୁ ବଜାୟ ରଖିଥିଲେ। ଉଭୟ ବ୍ୟାଟର ତୃତୀୟ ୱିକେଟ୍ ପାଇଁ ୮୯ ରନ ଯୋଡିଥିଲେ। ଦଳୀୟ ସ୍କୋର ୧୬୩ ରନରେ ବାଦୋନୀ ୨୪ ବଲରୁ ୩ଟି ଚୌକା ଏବଂ ଛକା ସହ ବ୍ୟକ୍ତିଗତ ୪୩ ରନ କରି ଆଉଟ୍ ହୋଇଥିଲେ। ପୁଣି ଷ୍ଟୋଇନିସ୍ ଏବଂ ପୂରନ ଚତୁର୍ଥ ୱିକେଟ୍ ପାଇଁ ୭୬ ରନ ଯୋଡି ଦଳର ସ୍କୋରକୁ ୨୦୦ ପାର କରାଇଥିଲେ। ୨୩୯ ରନ ସ୍କୋରରେ ଷ୍ଟୋଇନିସ୍ ୪୦ ବଲ୍‌ରୁ ୬ଟି ଚୌକା ଏବଂ ୫ଟି ଛକା ସହାୟତାରେ ୭୨ ରନ କରି ପାଭିଲିୟନ ଫେରିଥିଲେ। ପୂରନ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୯ ବଲ୍ ?ରୁ ୭ଟି ଚୌକା ଏବଂ ୧ ଛକା ସହ ୪୫ ରନ କରିଥିଲେ। ଶେଷରେ ଲକ୍ଷ୍ନୌ ୫ ୱିକେଟ୍ ହରାଇ ୨୫୭ ରନ କରିଛି। ପଞ୍ଜାବ କିଙ୍ଗ୍ସ ପକ୍ଷରୁ ରାହୁଲ ଚହରଙ୍କୁ ବାଦ୍ ଦେଲେ ବାକି ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ ପ୍ରତିପକ୍ଷ ଲକ୍ଷ୍ନୌ ବ୍ୟାଟର। ଚହର ସଫଳତା ପାଇନଥିଲେ ହେଁ ମାତ୍ର ୨୯ ରନ ଦେଇଥିଲେ। କାଗିସୋ ରାବଡା ୫୨ ରନ ଦେଇ ୨ଟି ୱିକେଟ୍ ନେଇଥିବା ବେଳେ ସାମ କରନ ଏବଂ ଲିୟାମ ଲିଭିଙ୍ଗଷ୍ଟୋନ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ପୁଣି ନମ୍ବର ୱାନ୍ ହେଲେ କ୍ୟାପଟେନ୍ କୁଲ ମହେନ୍ଦ୍ର ସିଂହ ଧୋନି

ମୁମ୍ବାଇ(ଏଜେନ୍ସୀ) : ବୟସ ୪୧ । ୨୦୦୮ ରୁ ୨୦୨୩ । ତଥାପି କମିନି କ୍ରେଜ୍ । ଏବେ ବି ଫିଲ୍ଡକୁ ଆସିଲେ ଶୁଭାଯାଉଛି ଫ୍ୟାନ୍ସଙ୍କ ଚିତ୍କାର ।ଧୋନି ଧୋନି ପାଟିରେ କମ୍ପୁଛି ପୁରା ଷ୍ଟାଡିୟମ୍ । ଚଳିତ ସିଜିନ୍‌ରେ ଫ୍ୟାନ୍ସ କ୍ରେଜ୍ ଅଧିକ ଥିବା ଭଳି ମନେହେଉଛି । ଓରମାକ୍ସ ମିଡିଆ ନାମକ ଏକ ସଂସ୍ଥା ପକ୍ଷରୁ ୨୦୨୩ ଆଇପିଏଲ୍‌ସିଜିନ୍‌ରେ କିଏ ପପୁଲାର କ୍ରିକେଟର । ସେନେଇ ସର୍ଭେ ହୋଇଥିଲା । ଏହି ସର୍ଭେ ରିପୋର୍ଟ ମଧ୍ୟ ଆସିଛି । ଏଥିରେ ଆଗରେ ରହିଛି କ୍ୟାପଟେନ୍ କୁଲ୍ ବା ମହେନ୍ଦ୍ର ସିଂହ ଧୋନିଙ୍କ ନାମ । ଧୋନିଙ୍କ ପଛକୁ ବିରାଟ କୋହିଲ, ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଫାପ୍ ଡୁ ପ୍ଲେସି, ରିଙ୍କୁ ସିଂହ, ଶୁଭମନ୍ ଗିଲ୍, ଆଜିଙ୍କ୍ୟା ରାହାଣେ, ଜୋସ୍ ବଟଲର, ରବିନ୍ଦ୍ର ଜାଡେଜା ରହିଛନ୍ତି । ୨୦୨୩ ଆଇପିଏଲ୍ ସିଜିନ୍ ୩ୟ ସପ୍ତାହରେ ପହଞ୍ଚିସାରିଲାଣି । ପ୍ରତି ସପ୍ତାହରେ ଏହି ସଂସ୍ଥା ପକ୍ଷରୁ ଏକ ସର୍ଭେ କରାଯାଏ ।ସେହିପରି ପୂର୍ବରୁ ହୋଇସାରିଥିବା ୨ ସପ୍ତାହରେ ମଧ୍ୟ ଏହି ସଂସ୍ଥା ପକ୍ଷରୁ ସର୍ଭେ କରାଯାଇଥିଲା ।ଏହି ସର୍ଭେରେ ଧୋନି ନମ୍ବର-୧ ସ୍ଥାନ ବଜାୟ ରଖିଥିଲେ । ଚଳିତ ଆଇପିଏଲ୍ ସିଜିନ୍‌ରେ ସବୁଠାରୁ ପପୁଲାର ଖେଳାଳିଭାବେ ଟପ୍‌ରେ ରହିସାରିଛନ୍ତି ଧୋନି । ଆଉ ଏବେ ୩ୟ ସପ୍ତାହରେ ମଧ୍ୟ ଧୋନି ଟପ୍‌ରେ ରହିଛନ୍ତି ।



# ଦୃଷ୍ଟିହୀନ ମହିଳା ଟ୍ୱେଣ୍ଟି-୨୦ ଭାରତକୁ ପରାସ୍ତକଲା ନେପାଳ

କାଠମାଣ୍ଡୁ (ଏଜେନ୍ସି): ଏଠାରେ ଚାଲିଥିବା ଦୃଷ୍ଟିହୀନ ମହିଳା ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଶୁକ୍ରବାର ଘରୋଇ ନେପାଳ ଦଳ ୯ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି। ଏହାଫଳରେ ନେପାଳ ଏହି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୧ରେ ଆଗୁଆ ରହିଛି। ନେପାଳ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ଦେଇଥିଲା। ହେଲେ ଭାରତୀୟ ବ୍ୟାଟର ଖରାପ ପ୍ରଦର୍ଶନ କରି ପ୍ରଥମ ୭ ଓଭର ମଧ୍ୟରେ ୪ ୱିକେଟ୍ ହରାଇଥିଲେ। ବାସନ୍ତୀ ହାଂସଦା (୨୩), ଫୁଲ ସୋରେନ୍ (୧୦), ରାବଣୀ (୪) ଓ ଯୁ ବର୍ଷା (୪) ଶୀଘ୍ର ଆଉଟ୍ ହୋଇଥିଲେ। ପରେ ଅଧିନାୟିକା ସୁଷମା ପଟେଲ୍ ଓ ଉପଅଧିନାୟିକା ଗଙ୍ଗା ପଞ୍ଚମ ୱିକେଟ୍‌ରେ ୭୮ ରନ୍ ଯୋଡ଼ିଥିଲେ। ଗଙ୍ଗା ୩୯ ରନ୍‌ରେ ଆଉଟ୍ ହେବା ପରେ ସିମୁ ଦାଶଙ୍କୁ ସାଥୀ କରି ସୁଷମା ଦଳୀୟ ସ୍କୋର ୨୦୦ ପାର କରାଇଥିଲେ। ସୁଷମା (୬୩ଞ୍ଚ) ଅର୍ଦ୍ଧଶତକ ଅର୍ଜନ କରି ଅପରାଜିତ ରହିଥିଲେ। ସିମୁ ୧୮ ବଲ୍‌ରୁ ଦ୍ରୁତ ୪୬ ରନ୍ କରିଥିଲେ। ଫଳରେ ଭାରତ ୨୧୩/୫ ସ୍କୋର କରିପାରିଥିଲା। ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳର ପ୍ରାରମ୍ଭିକ ଯୋଡ଼ି ବିନିତା ପୁନ୍ ଓ ମାଣକେଶି ଚେଧୁରୀ ଭାରତୀୟ ବୋଲରଙ୍କୁ ନିର୍ଦ୍ଦୁମ୍ ପ୍ରହାର କରିଥିଲେ। ମାଣକେଶି ୬୫ ରନ୍ କରି ଆଉଟ୍ ହେବା ପରେ ବିନିତା ଶେଷ ପର୍ଯ୍ୟନ୍ତ ଖେଳିବା ସହ ଅପରାଜିତ ୧୨୬ ରନ୍ କରିଥିଲେ। ଏଥିପାଇଁ ତାଙ୍କୁ ୬୭ ବଲ୍ ଖେଳିବାକୁ ପଡ଼ିଥିଲା ବେଳେ ୧୯ ଚେକା ମାରିଥିଲେ। ପାଳିର ଶେଷ ବଲ୍‌ରେ ନେପାଳ ମ୍ୟାଚ୍ ଜିତିଥିଲା। ଶତକୀୟ ପାଳି ପାଇଁ ବିନିତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।



# କ୍ରୀଡାମନ୍ତ୍ରୀଙ୍କ ନାଁରେ ସାଙ୍ଘାତିକ ଅଭିଯୋଗ ଆଣିଲେ କୁସ୍ତିଯୋଦ୍ଧା

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ କୁସ୍ତି ସଂଘ ଅଧ୍ୟକ୍ଷ ତଥା ବିଜେପି ସାଂସଦ ବ୍ରଜଭୁଷଣ ଶରଣ ସିଂହଙ୍କ ବିରୋଧରେ ଧାରଣାରେ ବସିଥିବା କୁସ୍ତିଯୋଦ୍ଧା ଏବେ ସ୍ୱର ଉତ୍ତୋଳନ କରିଛନ୍ତି । ଗୁରୁବାର ଦିନ କୁସ୍ତିଯୋଦ୍ଧାମାନେ ଅଲିମ୍ପିକ୍ ଆସୋସିଏସନ୍ ସଭାପତି ପି.ଟି ଉଷା ଏବଂ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁରଙ୍କ ବୟାନକୁ ଖୋଲାଖୋଲି ବିରୋଧ କରିଥିଲେ ଏବଂ ତିନିମାସ ପୂର୍ବେ ବନ୍ଦ କୋଠରୀରେ ହୋଇଥିବା ସର୍ଭକୁ ନେଇ ଚେତାବନୀ ଦେଇଛନ୍ତି । କୁସ୍ତିଯୋଦ୍ଧାମାନେ ଏହା ମଧ୍ୟ କହିଛନ୍ତି ଯେ ବୈଠକ ସମୟରେ ସେମାନଙ୍କୁ ଅନେକ ଥର ଡରାଯାଇଥିଲା । ସେ କହିଛନ୍ତି ଯେ କ୍ରୀଡ଼ା ମନ୍ତ୍ରୀ କହୁଛନ୍ତି ଯେ ସେ ୧୨ ଘଣ୍ଟା ଧରି ଲୋକଙ୍କ ସହ କଥା ହୋଇଛନ୍ତି, ସତ୍ୟ ଏହା ହେଉଛି ଯେ ସେ ୧୨ ମିନିଟ ପର୍ଯ୍ୟନ୍ତ ମଧ୍ୟ ସଠିକ୍ କଥା ହୋଇନାହାଁନ୍ତି । ତେବେ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଆଜି କହିଛନ୍ତି ଯେ ଆମେ କୁସ୍ତିଯୋଦ୍ଧାମାନଙ୍କୁ ୧୨ ଘଣ୍ଟା ଶୁଣିଲୁ ଏବଂ ଏକ କମିଟି ଗଠନ କଲୁ । ଆମେ ମଧ୍ୟ ଏକ ଯଥାର୍ଥ ତଦନ୍ତ ଚାହୁଁ, ଏହି ସମସ୍ୟାକୁ ନେଇ ୧୪ ଟି ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କୁ ଏକ ଯାଞ୍ଚ କମିଟି ସମ୍ମୁଖରେ ସେମାନଙ୍କର ମତାମତ ଉପସ୍ଥାପନ କରିବାର ସୁଯୋଗ ଦିଆଯାଇଥିଲା । ଯେ କୌଣସି ପୋଲିସ ଷ୍ଟେସନରେ ପଞ୍ଜୀକୃତ ହୋଇପାରିବ । ତେବ ଅନୁରାଗ ଠାକୁରଙ୍କ ଏହି ବୟାନ ପରେ କୁସ୍ତିଯୋଦ୍ଧାମାନେ ଜବାବ ରଖିଛନ୍ତି । ଏହି ଘଟଣା ସମ୍ପର୍କରେ ବଜରଙ୍ଗ ପୁନିଆ କହିଛନ୍ତି ଯେ, କ୍ରିଡ଼ାମନ୍ତ୍ରୀ କହୁଛନ୍ତି କି ଆମେ କେଲାଳିମାନଙ୍କ ସହିତ ୧୨ ଘଣ୍ଟା ଆଲୋଚନା କଲୁ । କିନ୍ତୁ ତାଙ୍କୁ ଥରେ ପଚାରିବା ଉଚିତ୍ କି ସେ ଖେଳାଳିମାନଙ୍କ ସହିତ କେତେଥର ଆଲୋଚନା କଲେ । ସେ ଖେଳାଳିମାନଙ୍ଯକ ସହିତ ମାତ୍ର ୨ରୁ ୪ ମିନିଟ୍ ଆଲୋଚନା କରିଥିଲେ । ବାକି ସମୟ ସେ ତାଙ୍କର ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ମନ୍ତ୍ରୀ ନିଜେ ମଧ୍ୟସ୍ତତା କରୁଥିଲେ ।ଆମେ ୬ ଜଣଙ୍କ ନାମ ସୁପାରିସ୍ କରିଥିଲୁ । ସେ କେବଳ ବବିତା ଫୋଗଟଙ୍କ ନାମ ସାମିଲ କରିଥିଲେ, ଏବଂ ଅନ୍ୟମାନଙ୍କର ନାଁ ସାମିଲ କରି ନଥିଲେ । ତେବେ କମିଟିରେ ସାମିଲ ଥିବା ବାକି ଲୋକମାନଙ୍କମଧ୍ୟରେ ବିବାଦ ଚାଲିଛି । ବବିତା ନିଜେ କହିଥିଲେ କି ମୋ ହାତରୁ ରିପୋର୍ଟ ଛଡାଇ ନିଆଯାଇଥିଲା । ମୋ ସହିତ ଖରାପ ବ୍ୟବହାର କରାଗଲା । ଯଦି କମିଟି ସଦସ୍ୟ ନିଜ ମଧ୍ୟରେ ଝଗଡ଼ା କରିବେ ତେବେ ଆମ ମାନଙ୍କୁ କିପରିନ୍ୟାୟ ମିଳିବ ।




ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

**ପ୍ରଜାତନ୍ତ୍ର ସାପ୍ତାହିକୀ**

୩୦ଅପ୍ରେଲ -୬ ମେ ୨୦୨୩




ବେଦାନ୍ତ ବିଶ୍ୱବିଦ୍ୟାଳୟ , ଓଡ଼ିଶା ସରକାରଙ୍କୁ ଝଟ୍‌କା

ବେଦାନ୍ତ ବିଶ୍ୱବିଦ୍ୟାଳୟ ମାମଲା ରାଜ୍ୟ ସରକାର ଅପ୍ରେଲ ୧୨ରେ ସୁପ୍ରିମକୋର୍ଟକୁ ଝଟକା ଖାଇବାପରେ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ବେଦାନ୍ତ କେଳେଙ୍କାରୀରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗିବା ଆବଶ୍ୟକ ବୋଲି ବହୁ ରାଜନୈତିକ ସମୀକ୍ଷକ ଆଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏ ସଂପର୍କରେ ମୌନ ଭାବ ତାଙ୍କର ବେଦାନ୍ତ ପ୍ରୀତିକୁ ପଦାରେ ପକାଇଛି । ସୁପ୍ରିମକୋର୍ଟ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ (ବେଦାନ୍ତ ବିଶ୍ୱବିଦ୍ୟାଳୟ)କୁବେଆଇନ କହିବା ସହ ଏହା ସମ୍ବିଧାନର ଧାରା ୧୪ ଉଲ୍ଲଘନ କରିଛି କହି ୫ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏକ ଭୂତ କମ୍ପାନୀ ପାଇଁ ରାଜ୍ୟ ସରକାର ଅନୁଗ୍ରହ ପ୍ରକାଶ କରି ଜଗନ୍ନାଥଙ୍କ ଜମି ଟେକିଦେବା କୁ କେହି ସହଜ ରେ ଗ୍ରହଣ କରିପାରୁନାହାନ୍ତି।

**ଜାତୀୟ:** ମହାରାଷ୍ଟ୍ରରେ ରାଜନୈତିକ ଡ୍ରାମା

**ସ୍ୱତନ୍ତ୍ର ପ୍ରସଙ୍ଗ:** ସୁଡ଼ାନରେ ଗୃହଯୁଦ୍ଧ, ଭାରତର ଅପରେସନ କାବେରୀ

**ନାରୀ:**ତରଭୂଜ ଫେସିଆଲ

**କ୍ଷୁଦ୍ରଗଳ୍ପ:**ଶେଷଦିନ

**ଚଳଚ୍ଚିତ୍ର:** ଛୁଟି କାଟୁଛନ୍ତି ମଲ୍ଲାଇକା,ଖାଇବା ପିଇବାର ମଜା ନେଉଛନ୍ତି ଅନୁଷ୍କା,ଗର୍ଭବତୀ ଅଛନ୍ତି ସନା,ବଲିଉଡ୍‌ରେ ୧୧ ବର୍ଷ ପୂରଣ କଲେ ୟାମି ,ଅଜୟଙ୍କ 'ସିଙ୍ଘମ୍-୩' ରିଲିଜ୍ ହେବ ,ବ୍ରିଟିଶ ରିପୋର୍ଟରଙ୍କୁ ସିଙ୍ଗଡା ଖୁଆଇଲେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ,କନ୍ନଡ଼ ଅଭିନେତା ଜେ ରାମ ସମ୍ପଥଙ୍କ ଆତ୍ମହତ୍ୟା ,ଶାହରୁଖଙ୍କୁ ଦେଖିବାକୁ ଲୋକଙ୍କ ଭିଡ

**ଖେଳ:** ଆଇପିଏଲ୍ ଇତିହାସରେ ସଫଳତମ ଅଧିନାୟକ ଧୋନି,ଦେଶରେ ମହେନ୍ଦ୍ର ସିଂହ ଧୋନୀଙ୍କ ଭଳି କ୍ରିକେଟର ନାହାନ୍ତି: ଭଜି,ସଫଳ ହେଲା କ୍ରିକେଟର ଶ୍ରେୟସ ଆୟରଙ୍କ ଅଣ୍ଟା ସର୍ଜରୀ,ଧୀରେ ଧୀରେ ବିଗିଡିବାରେ ଲାଗିଛି କୋହଲି ଓ ଗାଙ୍ଗୁଲିଙ୍କ ସମ୍ପର୍କ,ପୁଅ ଅର୍ଜୁନଙ୍କୁ ଏକ ସୁନ୍ଦର ଉପହାର ଦେଲେ ସଚିନ,ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଆଇପିଏଲ୍ ଫିକ୍ସିଂ ଅଫର,ନିଜ ଦଳ ପକ୍ଷରୁ ୧୦୦ ଗୋଲ୍ ସ୍କୋର କରି ନୂତନ ରେକର୍ଡ କଲେ: ମେସି

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଦୁର୍ନୀତି ଏଥର ହେବ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ !''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# କୋଲକାତା ନାଇଟ୍ ରାଇଡର୍ସକୁ ୭ ୱିକେଟରେ ପରାସ୍ତ କଲା ଗୁଜରାଟ ଟାଇଟନ୍ସ



କୋଲକାତା(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଶନିବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ କୋଲକାତା ନାଇଟ୍ ରାଇଡର୍ସକୁ ୭ ୱିକେଟରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ ।ଟସ୍‌ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ପାଣ୍ଡ୍ୟା ବାହିନୀ । ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ସଂଗ୍ରହ କରିଥିଲା ୧୭୯ ରନ୍ । ୧୮୦ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଗୁଜରାଟ ୧୭.୫ ଓଭରରେ ମାତ୍ର ୩ ୱିକେଟ ହରାଇ ଆବଶ୍ୟକ ରନ୍‌ସଂଗ୍ରହ କରିନେଇଛି । ଦଳର ଓପନର ରିଦ୍ଧିମାନ ଶାହ ୧୦ ରନ୍ କରି ଆଉଟ ହୋଇଥିବା ବେଳେ ଶୁବମାନ ଗିଲ ୩୫ ବଲରୁ ୮ଟି ଚୌକା ସହ ୪୯ ରନ କରି ଆଉଟ ହୋଇଛନ୍ତି । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୬ ରନ୍ କରି ଆଉଟ ହୋଇଛନ୍ତି । ବିଜୟ ଶଙ୍କର ମାତ୍ର ୨୪ ବଲ ଖେଳି ୨ଟି ଚୌକା ଓ ୫ଟି ଛକା ସହାୟତାରେ ୫୧ ରନର ବିସ୍ଫୋରକ ଇନିଂସ ଖେଳିବା ସହିତ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି । ଡେଭିଡ୍‌ମିଲର ୧୮ ବଲ ଖେଳି ୩୨ ରନ କରି ନଟଆଉଟ ଅଛନ୍ତି । କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ବୋଲିଂ କରି ୪୨ ରନ୍ ବ୍ୟୟ କରିଥିବା ବେଳେ ସୁୟାସ ଶର୍ମା ୪ ଓଭରରେ ୩୭ ରନ, ସୁନିଲ ନରାଇନ ୩ ଓଭରରେ ୨୪ ରନ ୧ ୱିକେଟ, ହର୍ଷିତ୍ ରାଣା ୩ ଓଭରରେ ୨୫ ରନ ୧ ୱିକେଟ, ଆନ୍ଦ୍ରେ ରସେଲ ୩ ଓଭରରେ ୨୯ ରନ ୧ ୱିକେଟ ଓ ନୀତିଶ ରାଣା ୦.୫ ଓଭରରେ ୧୪ ରନ ଦେଇଛନ୍ତି ।

# ହାଇଦ୍ରାବାଦକୁ ୧୯୭ରନ୍ ଟାର୍ଗେଟ୍ ଦେଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ(ଏଜେନ୍ସୀ): ଇଣ୍ଡିଆନ୍ ପ୍ରିମିୟର ଲିଗରେ ଶନିବାର ୨ୟ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସନରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ସଂଗ୍ରହ କରିଛି ୧୯୭ ରନ୍ । ଦିଲ୍ଲୀ କ୍ୟାପିଟାଲ୍ସକୁ ଜିତିବାକୁ ହେଲେ ୧୯୮ ରନ୍ କରିବାକୁ ହେବ । ହାଇଦ୍ରାବାଦ ପକ୍ଷରୁ ଓପନର ଅଭିଷେକ ଶର୍ମା ଦମଦାର ବ୍ୟାଟିଂ କରି ଦଳକୁ ଭଲ ସ୍କୋର ଦେଇଛନ୍ତି । ଅଭିଷେକ ଶର୍ମା ୩୬ ବଲ ଖେଳି ୧୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୬୭ ରନ୍ କରି ଆଉଟ ହୋଇଥିବା ବେଳେ ମୟଙ୍କ ଅଗ୍ରୱାଲ ମାତ୍ର ୫ ରନ୍ କରି ଆଉଟ ହୋଇଛନ୍ତି । ରାହୁଲ ତ୍ରିପାଠି ୧୦ ରନ, ଅଧିନାୟକ ଏଡେନ୍ ମାର୍କରମ୍ ୮ ରନ, ହ୍ୟାରି ବ୍ରୁକ୍ ୦ ରନ କରି ପ୍ୟାଭିଲିୟନ ଫେରିଛନ୍ତି । ଅବଦୁଲ ସମାନ ୨୮ ରନ୍ କରି ଆଉଟ ହୋଇଛନ୍ତି । ହେନରିଚ୍ କ୍ଲାସେନ୍‌୨୬ ବଲ ଖେଳି ୨ ଚୌକା ଓ ୪ ଛକା ସହ ୫୧ ରନ୍ କରି ନଟଆଉଟ ଥିବାବେଳେ ଆକେଲ ହୋସେନ ୧୬ ରନ କରି ଅପରାଜିତ ଅଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅକ୍ଷର ପଟେଲ ୪ ଓଭରରେ ୨୯ ରନ ଦେଇ ଗୋଟିଏ ୱିକେଟ ନେଇଥିବା ବେଳେ କୁଲଦୀପ ଯାଦବ ୩ ଓଭରରେ ୨୭ରନ, ମୁକେଶ କୁମାର ୨ ଓଭରରେ ୩୮ ରନ, ଇଶାନ୍ତ ଶର୍ମା ୩ ଓଭରରେ ୩୧ ରନ ୧ ୱିକେଟ, ଏନରିଚ୍ ନୋର୍କିଆ ୪ ଓଭରରେ ୪୪ ରନ ଓ ମିଚେଲ ମାର୍ସ ୪ ଓଭରରେ ୨୭ ରନ ଦେଇ ୪ ୱିକେଟ ନେଇଛନ୍ତି ।



# ଇସ୍ତଫା ଦେବାକୁ ମନା କଲେ ବ୍ରଜଭୂଷଣ

ନୂଆଦିଲ୍ଲୀ(ଏଜେନ୍ସୀ): ଇସ୍ତଫା ଦେବା ମୋ ପାଇଁ ବଡ଼ କଥା ନୁହେଁ, କିନ୍ତୁ ଜଣେ ଅପରାଧୀ ଭାବେ ଇସ୍ତଫା ଦେବି ନାହିଁ ବୋଲି ଆଜି 'ରେସ୍‌ଲିଙ୍ଗ୍ ଫେଡେରେସନ୍ ଅଫ୍ ଇଣ୍ଡିଆ'ର ମୁଖ୍ୟ ବ୍ରଜଭୂଷଣ ଶରଣ ସିଂହ କହିଛନ୍ତି। ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରତିବାଦକାରିଣୀ କୁସ୍ତି ଖେଳାଳିମାନଙ୍କ ଦାବି ସଂକ୍ରାନ୍ତରେ ବ୍ରଜଭୂଷଣ କହିଛନ୍ତି, ସେମାନଙ୍କର ଦାବି ସବୁ ଦିନ ବଦଳୁଛି। ପ୍ରଥମେ ସେମାନେ ଦାବି କଲେ ମୁଁ ଫେଡେରେସନ୍ ମୁଖ୍ୟ ପଦରୁ ଇସ୍ତଫା ଦିଏ। ତା'ପରେ 'ଏଫ୍‌ଆଇଆର' ଦାବି କଲେ, 'ଏଫ୍‌ଆଇଆର' ପଞ୍ଜୀକୃତ ହେବା ପରେ ଏବେ ସେମାନେ କହୁଛନ୍ତି କି, ମୁଁ ସବୁ ପଦପଦବୀରୁ ଇସ୍ତଫା ଦେଇ ଜେଲ୍ ଯାଏ। ମୋ କହିବା କଥା, ଇସ୍ତଫା ଦେବା ଅର୍ଥ ହେବ ମୋ ନାଁରେ ଆଗତ ଅଭିଯୋଗକୁ ମୁଁ ସ୍ୱୀକାର କରୁଛି। ଇସ୍ତଫା ଦେବା ବଡ଼ କଥା ନୁହେଁ, କିନ୍ତୁ ଜଣେ ଅପରାଧୀ ଭାବେ ମୁଁ ଇସ୍ତଫା ଦେବି ନାହିଁ। ମୁଁ ଅପରାଧୀ ନୁହେଁ। ସୂଚନାଯୋଗ୍ୟ, ଶୁକ୍ରବାର ଦିନ ଦିଲ୍ଲୀ ପୁଲିସ ବ୍ରଜଭୂଷଣ ଶରଣ ସିଂହଙ୍କ ନାଁରେ ୨ଟି 'ଏଫ୍ ?ଆଇଆର' ପଞ୍ଜିକରଣ କରିଛି।



ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583